R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୩
ତିଥି : ତ୍ରୟୋଦଶୀ
୨୮ ଜୁନ୍ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 263
28 June 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଦିନକ ପରେ ସ୍ନାନ ପୂର୍ଣ୍ଣିମା



- ଭକ୍ତଙ୍କ ସମାଗମ ନେଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା
- ୧୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ
- ୭୯ ପ୍ଲାଟୁନ ଫୋର୍ସ, ୧୪ ଜଣ ଏସ୍‌ପି ଓ କମାଣ୍ଡାଣ୍ଟ ନିୟୋଜିତ

ପୁରୀ, ୨୭ ।୬ (ସବ୍ୟୁ) : ଆଉ ଗୋଟିଏ ଦିନ ପରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମୀ । ରତ୍ନସିଂହାସନ ଛାଡ଼ି ସ୍ନାନବେଦୀକୁ ଓହ୍ଲାଇ ଆସିବେ ଚତୁର୍ଦ୍ଧା ବିଗ୍ରହ । ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ହାତୀ ବେଶରେ ଦର୍ଶନ ପାଇଁ । ଶୃଙ୍ଖଳିତ ସ୍ନାନ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶ୍ରୀମନ୍ଦିରରେ ଆଜି ରାତି ୧୦.୩୦ରୁ ଆସନ୍ତାକାଲି ଦିନ ୧ଟା ଅର୍ଥାତ୍ ସାଢ଼େ ୧୪ ଘଣ୍ଟା ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସ୍ନାନପୂର୍ଣ୍ଣିମାରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହେବାର ସମ୍ଭାବନା ଥିବାରୁ ପୋଲିସ ପକ୍ଷରୁ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

ସୁରକ୍ଷା ବ୍ୟବସ୍ଥା ଓ ଜନଗହଳି ନିୟନ୍ତ୍ରଣ ପାଇଁ ୭୯ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି । ମାର୍କେଟ ଛକ ପର୍ଯ୍ୟନ୍ତ ହୋଇଛି ବ୍ୟାରିକେଡ଼ । ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଦ୍ୟ ପର୍ବ ସ୍ନାନ ଯାତ୍ରା ପାଇଁ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସ୍ନାନଯାତ୍ରାରେ ଚତୁର୍ଦ୍ଧା ବିଗ୍ରହ ରତ୍ନସିଂହାସନ ଛାଡ଼ି ସ୍ନାନ ମଣ୍ଡପକୁ ଧାଡ଼ି ପହଣ୍ଡିରେ ଆସିବେ। ସ୍ନାନଯାତ୍ରାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବେ ମହାପ୍ରଭୁ । ଏହା ପରେ ଦୁର୍ଲଭ ହାତୀ ବେଶରେ ଦର୍ଶନ ଦେବେ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରୁଖୁରୁରେ ନୀତି ସମ୍ପାଦାନ, ଜଳ ଲାଗି ଓ ହାତୀ ବେଶକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଗୁରୁତ୍ୱ ଦିଆଯାଉଛି । ପୋଲିସ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ଶୃଙ୍ଖଳିତ ଦର୍ଶନ ପାଇଁ ୭୯ ପ୍ଲାଟୁନ ପୋଲିସ ଫୋର୍ସ ସହ ୧୪ ଜଣ ଅତିରିକ୍ତ ଏସପି ଓ କମାଣ୍ଡାଣ୍ଟ ରାଙ୍କର ଅଧିକାରୀ, ୩୧ ଜଣ ଡିଏସପି, ୮୩ ଇନସପେକ୍ଟର ଓ (୯ ପୃଷ୍ଠାରେ)

## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା

# ଭୀମସେନ ଚାକିରିରୁ ବିଦା



ଭୁବନେଶ୍ୱର, ୨୭ ।୬ (ସବ୍ୟୁ) : ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ଘଟଣାରେ ତା'ର ବୟଫ୍ରେଣ୍ଡ ଓଟିଏଏସ୍ ଭୀମସେନ ଟୁଡୁଙ୍କୁ ସରକାର ଚାକିରିରୁ ବହିଷ୍କାର କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାସହ ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେନାହିଁ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ଓଟିଏଏସ୍ ପାଇଥିବା ଭୀମସେନା ତାଙ୍କ ଇଣ୍ଡକ୍ସନ୍ ପ୍ରଶିକ୍ଷଣ ସମୟରେ ୨୦୨୬ ଜୁନ୍ ୪ରୁ ଅନୁପସ୍ଥିତ ଥିଲେ । ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍ସିଆଲ ମ୍ୟାନେଜ୍‌ମେଣ୍ଟ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇଥିଲେ । ସେହି ସମୟ ମଧ୍ୟରେ ଚନ୍ଦ୍ରିକା ମୃତ୍ୟୁ ଘଟଣାରେ ତାଙ୍କୁ ବାରଙ୍ଗ ପୋଲିସ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଥିଲା । ଅପରାଧୀକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟ ପୋଲିସ ଦ୍ୱାରା ଅଟକ ଥିବାରୁ ଆଇନ୍ ଅନୁଯାୟୀ ତାଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯାଇଛି । ଚଳିତମାସ ୪ ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିଥିଲା । ପ୍ରେମ ବ୍ୟାପାରକୁ ନେଇ ଭୀମସେନା ଓ ଜଣେ ଯୁବତୀ ମିଶି ଚନ୍ଦ୍ରିକାକୁ ହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ ଆଣିଥିଲେ । ମାମଲାର ତଦନ୍ତ ବେଳେ ପୋଲିସ ଚନ୍ଦ୍ରିକାଙ୍କ ପୁରୁଷ ବନ୍ଧୁ ଓ ଚନ୍ଦ୍ରିକାଙ୍କ ମା'ଙ୍କ ମଧ୍ୟରେ କଥାବାର୍ତ୍ତାର ଫୋନ୍‌କଲ୍‌ଅଡିଓ ପାଇଥିଲେ । ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଚନ୍ଦ୍ରିକାଙ୍କ ସହ ଭୀମସେନଙ୍କର ଦୀର୍ଘ ଦିନର ପ୍ରେମ ସମ୍ପର୍କ ଥିଲା । ତେବେ ଓଏଏସ୍ ତାଲିମ (୯ ପୃଷ୍ଠାରେ)

### ଭବିଷ୍ୟତରେ ଆଉ କରିପାରିବେନି ସରକାରୀ ଚାକିରି

## ୨ରେ ଲଘୁଚାପ ସମ୍ଭାବନା

# ପହିଲାରୁ ୫ ଯାଏଁ ପ୍ରବଳ ବର୍ଷା!

ଭୁବନେଶ୍ୱର, ୨୭ ।୬ (ସବ୍ୟୁ) : ଆଗାମୀ ୩ ରୁ ୪ ଦିନ ଲାଗି ଓଡ଼ିଶାରେ ଝଡ଼ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି । ୧୦ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଓ ୨୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୪୦ ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି ଘଡ଼ଘଡ଼ିର ଆଶଙ୍କା କରାଯାଇଛି ।

ଆସନ୍ତାକାଲି ଲାଗି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଥିବାବେଳେ ଝାରସୁଗୁଡ଼ା, ବରଗଡ, ସମ୍ବଲପୁର, ଦେଓଗଡ, ସୋନପୁର, ନୂଆପଡା, ବଲାଙ୍ଗିରକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ସେହିଭଳି ତହିଁଆର ଦିନ ପାଇଁ ୧୮ ଜିଲ୍ଲାକୁ ଅରେଞ୍ଜ ଓ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୧ ତାରିଖ ଯାଏ ବିଭିନ୍ନ ଜିଲ୍ଲାକୁ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ଏହାଛଡ଼ା ସୋୟା ସିଇସି ପକ୍ଷରୁ ଆକଳନ କରାଯାଇଛି ଯେ ବଙ୍ଗୋପସାଗରରେ ଓଡ଼ିଶା ଉପକୂଳରେ ଜୁଲାଇ ୨ରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ପରଦିନ ଅବପାତରେ ପରିଣତ ହେବ । ୪ ତାରିଖ ସୁଦ୍ଧା ଏହା ଗଭୀର ଅବପାତରେ ରୂପାନ୍ତରିତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରୁ ଜୁଲାଇ ୧ ରୁ ୫ ଯାଏଁ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି ଉପକୂଳ ଓଡ଼ିଶାରେ ଜୁଲାଇ ୨-୩ରେ ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ଆଭ୍ୟନ୍ତରୀଣ ଅଞ୍ଚଳରେ ଜୁଲାଇ ୩ ରୁ ୫ ଯାଏ ବର୍ଷା ହେବ । ଜୁନ୍ ୨୭ରୁ ଜୁଲାଇ ୧ ଯାଏ ମଧ୍ୟ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି ।

## ମହାନଦୀ ଜଳ ବିବାଦ

# ୧୧ରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି



ଭୁବନେଶ୍ୱର, ୨୭ ।୬ (ସବ୍ୟୁ) : ମହାନଦୀ ଜଳପ୍ରବାହକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ବିବାଦ ସମାଧାନ ହେବାର ଆଶା ସୃଷ୍ଟି ହୋଇଛି । ଦୁଇ ରାଜ୍ୟ ମଧ୍ୟରେ ସଚିବସ୍ତରୀୟ ବୈଠକ ବସିବା ନେଇ ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଶନିବାର ଟ୍ରିବ୍ୟୁନାଲରେ ଯୁଗ୍ମ ବୈଷୟିକ ଟିମ୍ ରିପୋର୍ଟ ଦାଖଲ କରିଛନ୍ତି । ଆଗାମୀ ଦିନରେ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ସଚିବସ୍ତରୀୟ ବୈଠକ ହେବ । ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ଶୁଣାଣି ଚାଲିଛି । ଆସନ୍ତା ୧୧ରେ ମହାନଦୀ ପ୍ରସଙ୍ଗରେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି କରିବେ । ଜଳ ବଣ୍ଟନ ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଓ ଜାତୀୟ ଜଳ ନୀତିକୁ ଆଧାର କରି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ଦୁଇ ରାଜ୍ୟ ମଧ୍ୟରେ ଉଚ୍ଚସ୍ତରୀୟ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ ମହାନଦୀ ଜଳକୁ ନେଇ ଛତିଶଗଡ଼ ସହ ଓଡ଼ିଶାର ବିବାଦ ଦୀର୍ଘଦିନ ହେବ ଚାଲିଛି । ୨୦୧୮ ମସିହାରେ ତତ୍‌କାଳୀନ ସରକାର ସୁପ୍ରିମ୍‌କୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ଼ ପାଣି ଅଟକାଇବା ନେଇ ଦୃଢ଼ ଦାବି ଉପସ୍ଥାପନା କରିଥିଲେ । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଟ୍ରିବ୍ୟୁନାଲ ଗଠନ ହୋଇଛି । ଅଣମୌସୁମୀ ଋତୁରେ ମହାନଦୀକୁ ଜଳ ପ୍ରବାହ କମୁଛି । ଛତିଶଗଡ଼ ମହାନଦୀର ଉପରମୁଣ୍ଡରେ ଏକାଧିକ ଡ୍ରାମ୍ ନିର୍ମାଣ କରିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ।

## ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ

# ମା'ମାନେ ବିକାଶର ନେତୃତ୍ୱ ନେବେ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୭ ।୬ (ସବ୍ୟୁ) : ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି । ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ' କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ।

ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି (୯ ପୃଷ୍ଠାରେ)

### ଜିଡିପିରେ ଏମ୍‌ଏସ୍‌ଏମ୍‌ଇର ୩୦% ଅବଦାନ

### ବାଲେଶ୍ୱରରେ ରାଇସ୍‌ମିଲିଂ, ପାହାଳରେ ରସଗୋଲା କ୍ଲଷ୍ଟର, ଗଞ୍ଜାମ-କଳାହାଣ୍ଡିରେ ଦୁଇଟି ମଲ୍ଟି ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ

# ମା'-ଝିଅଙ୍କୁ ବିଭତ୍ସ ହତ୍ୟା

ଠାକୁରମୁଣ୍ଡା, ୨୭ ।୬ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ମହୁଲଡିହାରେ ବୀଭତ୍ସ ଭାବେ ମାଆ ଓ ଝିଅଙ୍କୁ ହାଣି ହତ୍ୟା କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ଡକେଇପାଳ ଗାଁରେ ଘଟିଛି । ଡକେଇପାଳ ଗାଁର ମୁକ୍ତାଝରି ସାହିରେ ଏହି ଡବଲ ମର୍ଡର ଖବର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏହି ଖବର ପାଇ ଘଟଣାସ୍ଥଳରେ ଏସଡିପିଓ ନବକୃଷ୍ଣ ନାୟକଙ୍କ ସହିତ ମହୁଲଡିହା ଆଇଆଇସି ତୁଷାର ନାୟକ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

ମହୁଲଡିହା ଥାନା ଅନ୍ତର୍ଗତ ତରାମରା ଗ୍ରାମପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝରୀ ସାହିର ଚୈତ୍ୟନ ଟୁଡୁ( ୩୫) ଶନିବାର ପୂର୍ବାହ୍ନ୧୦ଟାରେ କୋଦାଳ ପଜାଇବା ପାଇଁ ବିନ୍ଧାଣି ପାଖକୁ ଯାଇଥିଲା । ଅପରାହ୍ନ ୨ଟାରେ ଫେରି ଦେଖେତ ସବୁ କବାଟ ବନ୍ଦ ଅଛି । ଡାକିଲେ ମଧ୍ୟ କେହି ଶୁଣିନଥିଲେ । ଶୋଇବା ଘର ଭିତର ପଟୁ ବନ୍ଦ ଥିଲା । ସିଡି ଲଗାଇ ସ୍କାଇ ଲାଇଟ ପଟେ ଉଠି ଦେଖିଥିଲା ଯେ ସ୍ତ୍ରୀ ସୀତାମଣି ଟୁଡୁ (୩୦)ଏବଂ ଝିଅ ଜବାମଣି ଟୁଡୁ( ୮) ତଳେ ମରି ପଡିଥିଲେ । ଭିତର ପଟୁ କବାଟ ଖୋଲି ଦେଖନ୍ତିତ ଝିଅର ବେକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସ୍ତ୍ରୀ ସୀତାର ମଧ୍ୟ ମୃତ୍ୟୁ ହୋଇଛି । ହତ୍ୟାକାରୀ ୨ (୯ ପୃଷ୍ଠାରେ)

## ବରଗଡ଼ରେ ଚାଷୀଙ୍କ ଟୋକନ ସମସ୍ୟା

# ବିଷ ଧରି ଆତ୍ମହତ୍ୟା ଧମକ

ବରଗଡ଼, ୨୭ ।୬ (ସବ୍ୟୁ): ବରଗଡ଼ ଡିଆରସିଏସ ଅଫିସ ସମ୍ମୁଖରେ ଟେକନ ସମସ୍ୟା ନେଇ ଚାଷୀ ଧାରଣା ଚାଲିଥିବା ବେଳେ ଜଣେ ଚାଷୀ ବିଷ ବୋତଲ ଧରି ଆତ୍ମହତ୍ୟା ଧମକ ଦେଇଥିଲେ । ଧାନ ବିକ୍ରିରୁ ବଞ୍ଚିତ ହୋଇଥିବାରୁ ବିଷ ପିଇବାକୁ ନିଷ୍ପତ୍ତି ନେଇଥିବା କହିଥିଲେ ସମ୍ପୃକ୍ତ ଚାଷୀ । ସେ କହିଥିଲେ, ଧାର କରଜ କରି ଚାଷ କରିଥିଲେ । ହେଲେ ଏପର୍ଯ୍ୟନ୍ତ ଧାନ ବିକ୍ରି ହୋଇପାରିନାହିଁ । କରଜ ଟଙ୍କା ଘରକୁ ମାଗିବାକୁ ଆସୁଛନ୍ତି ଲୋକେ, ହେଲେ ତାଙ୍କ ପାଖରେ ଟଙ୍କା ନାହିଁ । ଏଥିପାଇଁ ବିଷ ବୋତଲ ସାଙ୍ଗରେ ନେଇ ଆସିଥିଲେ ଚାଷୀ । ପୁଲିସ ଚାଷୀଙ୍କଠାରୁ ବିଷ ବୋତଲ ଛଡ଼ାଇ ନେଇଥିବା ଦେଖିବାକୁ ମିଳିଥିଲା ।

ସୂଚନାଯୋଗ୍ୟ ଚାଷୀମାନେ ସେଠାରେ ସୁରୁଖୁରୁରେ ଧାନ ବିକ୍ରି କରିପାରୁନାହାନ୍ତି । ଯେଉଁ ଟାର୍ଗେଟ ଜିଲ୍ଲା ପ୍ରଶାସନ ଦେଇଥିଲା ତାହା ଏ ପର୍ଯ୍ୟନ୍ତ ପୂରଣ ହୋଇନାହିଁ । ଖରିଫ ତୁଳନାରେ ରବିରେ ଧାର୍ଯ୍ୟ ପରିମାଣ କମ୍ ରହିଛି । ଯାହା ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷଣ କାରଣ ହୋଇଛି ।

## ଜାତିପ୍ରଥାର କୁତ୍ସିତ ପରମ୍ପରା

# ଅଙ୍ଗନବାଡ଼ିରେ ଏସ୍‌ସି ଯୁବତୀଙ୍କ ନିଯୁକ୍ତିକୁ ବିରୋଧ



ମୁରିବାହାଲ, ୨୭ ।୬ (ସବ୍ୟୁ): ବଲାଙ୍ଗିରରେ ଦେଖିବାକୁ ମିଳିଛି ଜାତିପ୍ରଥାର କଳଙ୍କିତ ଅଧ୍ୟାୟ। ଅନୁସୂଚିତ ଜାତିର ଯୁବତୀଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ନିଯୁକ୍ତିକୁ ବିରୋଧ । କେନ୍ଦ୍ରକୁ ପିଲାଙ୍କୁ ଛାଡୁନାହାନ୍ତି ଅଭିଭାବକ । ଯୁବତୀଙ୍କ ହାତରୁ ଖାଦ୍ୟ ମଧ୍ୟ ଗ୍ରହଣ କରୁନ ଥିବା ଅଭିଯୋଗ ହୋଇଛି ।

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡ଼ିଘାଟ ପଞ୍ଚାୟତର ଘୁଷୁରାମୁଣ୍ଡା ଗାଁ ୬ ନମ୍ବର ୱାର୍ଡ ଅଙ୍ଗନବାଡ଼ି କେନ୍ଦ୍ରରେ ଝୁଲୁଛି ତାଲା । ନୂତନ ଭାବେ ନିଯୁକ୍ତି ପାଇଥିବା ଅନୁସୂଚିତ ଜାତିର ପାଚିକାଙ୍କୁ ବିରୋଧ କରି ଜିଦରେ ଅଟଳ ଗ୍ରାମବାସୀ । ଅଞ୍ଚଳରେ କୁତ୍ସିତ ଅନ୍ଧବିଶ୍ୱାସ,ଜାତିପ୍ରଥା ଓ କୁସଂସ୍କାର ମଣିଷ-ମଣିଷ ମଧ୍ୟରେ ବିରାଟ ଫାଟ ସୃଷ୍ଟି କରୁଛି । ଆଦିବାସୀ ଅଧ୍ୟୁଷିତ ଘୁଷୁରାମୁଣ୍ଡା ଗ୍ରାମବାସୀ ସଂପୃକ୍ତ କେନ୍ଦ୍ରକୁ ତାଲା ପକାଇ ବନ୍ଦ କରିଦେଇଛନ୍ତି । ବିଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୁଡିଘାଟ ପଞ୍ଚାୟତର ସମିତି ସଭ୍ୟା ରୂପେ ଘୁଷୁରାମୁଣ୍ଡା ଗ୍ରାମର ପୂର୍ଣ୍ୟ ହରିପାଲ ନାମ୍ନୀ ଜଣେ ଦଳିତ ଉଚ୍ଚଶିକ୍ଷିତା ଯୁବତୀ ନିର୍ବାଚିତ ହୋଇଥିଲେ । ଗ୍ରାମର ଅଙ୍ଗନୱାଡ଼ି ପାଚିକାଙ୍କ ଅସମୟ ମୃତ୍ୟୁ ଯୋଗୁଁ ଖାଲି ପଡ଼ିଥିବା ପାଚିକା/ସହାୟିକା ଭାବେ ଅନ୍ୟ ୫ଜଣଙ୍କ ସହ ସେ ମଧ୍ୟ ଏଠାରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ଅନ୍ୟ ପ୍ରାର୍ଥୀମାନଙ୍କ ଠାରୁ ପୂର୍ଣ୍ୟ ଅଧିକ ଉଚ୍ଚ ଶିକ୍ଷିତା ଯୋଗୁଁ ତାଙ୍କୁ ପାଚିକା ଭାବେ ନିଯୁକ୍ତି ଦିଆଯାଇଥିଲା । ସେ କେନ୍ଦ୍ରରେ ଯୋଗ ଦେଇଥିଲେ । ଏବେ ଖରାଛୁଟି ପରେ କେନ୍ଦ୍ର ଖୋଲିବା ପରେ ପୂର୍ଣ୍ୟ ନିଜ ରନ୍ଧାବଢ଼ା କାମ କରିବାକୁ କେନ୍ଦ୍ରକୁ ଆସିଥିଲେ । (୯ ପୃଷ୍ଠାରେ)

# ଇରାନ-ଆମେରିକା ମଧ୍ୟରେ ପୁଣି ତିକ୍ତତା

## ବୁଝାମଣାକୁ ଆମେରିକା ଉଲ୍ଲଙ୍ଘନ କରୁଛି : ଇରାନ

ନୂଆଦିଲ୍ଲୀ, ୨୭ ।୬ : ଇରାନ ଓ ଆମେରିକା ମଧ୍ୟରେ ପୁଣି ଉତ୍ତେଜନା ବୃଦ୍ଧି ପାଇଛି । ଗତ ସପ୍ତାହରେ ଉଭୟ ଦେଶ ମଧ୍ୟରେ ବୁଝାମଣା ସ୍ୱାକ୍ଷର ହୋଇଥିଲେ ସୁଦ୍ଧା ପୁଣି ପରସ୍ପର ଉପରେ ଆକ୍ରମଣ କରିଛନ୍ତି । ହରମୁଜ୍ ପ୍ରଣାଳୀରେ ଇରାନ ପକ୍ଷରୁ ବାଣିଜ୍ୟିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ପରେ ଆମେରିକା ଇରାନର ବହୁ ସ୍ଥାନରେ ମିଶାଇଲ ଆଟାକ୍ କରିଛି । ଆମରେିକାର ଆକ୍ରମଣକୁ ଇରାନ ନିନ୍ଦା କରିବା ସହ ଏହା ବୁଝାମଣାର ଉଲଂଘନ କରୁଛି ବୋଲି କହୁଛି ।

ଆମେରିକା ସେନା ପକ୍ଷରୁ କୁହାଯାଇଛି ଯେ ବାଣିଜ୍ୟିକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ପରେ ଏହି ପଦକ୍ଷେପ ନିଆଯାଇଛି । ଇରାନର ଗଣମାଧ୍ୟମ କହିଛି ଯେ ହରମୁଜ୍ ପ୍ରଣାଳୀ ନିକଟସ୍ଥ ସିରିକ୍ ସହରରେ ଆମେରିକା ଜୋରଦାର ଆକ୍ରମଣ କରିଛି । ତେବେ ଇରାନର ସେନା ମଧ୍ୟ ବିଭିନ୍ନ ଅଞ୍ଚଳରେ ମୁତୟନ ହୋଇଥିବା ଆମେରିକା ସେନାସ୍ଥଳୀଗୁଡ଼ିକରେ ଆକ୍ରମଣ କରିଛି । ପ୍ରାୟ ୧୨୦ ଦିନ ହେବ ଉଭୟ ଦେଶ ମଧ୍ୟରେ ବିବାଦ ଚାଲିଛି । ଇରାନର ବୈଦେଶି ମନ୍ତ୍ରଣାଳୟ ଆମେରିକା ଆକ୍ରମଣକୁ ନିନ୍ଦା କରିଛି । ଏହା ବୁଝାମଣାର ଖୋଲା ଉଲ୍ଲଂଘନ ବୋଲି ସେମାନେ କହିଛନ୍ତି । ଇରାନ ନୌସେନା ଆମେରିକା ଆକ୍ରମଣର ଜବାବ ଦେଇ ବିଭିନ୍ନ ଅଞ୍ଚଳରେ ଥିବା ଆମେରିକା ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରିଛି । ବୁଝାମଣାକୁ ଆମେରିକା ଉଲ୍ଲଂଘନ କରୁଛି ବୋଲି ଇରାନ ବାରମ୍ବାର ଦାବି କରୁଛି । ଇରାନର ସାଂସଦ କହିଛନ୍ତି ଯେ ଆମେରିକାର ଏହି ଆକ୍ରମଣରୁ ସ୍ପଷ୍ଟ ସୂଚନା ମିଳୁଛି ଯେ କୂଟନୈତିକ ଓ ଅସ୍ତ୍ରବିରତି ବୁଝାମଣା ପ୍ରତି ଆମେରିକାର ପ୍ରତିବଦ୍ଧତା ନାହିଁ । (୯ ପୃଷ୍ଠାରେ)

# ସୋସିଆଲ କୋଟ୍ସ



ମୋ ପ୍ରଥମ ଫିସ୍ ମୋତେ କଲେଜ ସମୟରେ ମିଳିଥିଲା । କଲେଜରେ ହୋଇଥିବା ଏକ ଇଭେଣ୍ଟରେ ମୁଁ କାମ କରିଥିଲି, ଯେଉଁଥିରେ ମୋତେ ଏହି ଫିସ୍ ମିଳିଥିଲା । ତେବେ ଏହା ୩ ହଜାର ଟଙ୍କା ଥିଲା ।

**ସୋନାକ୍ଷୀ ସିହ୍ନା, ଅଭିନେତ୍ରୀ**



ପୁରସ୍କାରର ଶ୍ରେୟ ମୋ ପରିବାର, ଗୁରୁ, ଦର୍ଶକ, ନିର୍ଦ୍ଦେଶକ ସମସ୍ତଙ୍କୁ ଦେଉଛି । ମୁଁ ସେମାନଙ୍କ ପାଇଁ ଆଜି ଏଠି ପହଞ୍ଚି ପାରିଛି । ମୋ ବାପା ଥିଲେ ଆଜି ବହୁତ ଖୁସି ହୋଇ ଥାଆନ୍ତେ ।

**ପଙ୍କଜ ତ୍ରିପାଠୀ, ଅଭିନେତା**



ଅନୁପମ ଖେର ବେଶ୍ ଖାଦ୍ୟ ପ୍ରିୟ। ସେଟ୍‌ରେ ସବୁବେଳେ ଖାଇବା ଉପରେ ତାଙ୍କର ନଜର ଥାଏ । ସେଟ୍‌ରେ କଣ ଖାଇବାକୁ ଦିଆଯିବ ସେନେଇ ସବୁ ଖବର ତାଙ୍କ ପାଖେ ରହିଥାଏ ।

**ମୋହିତ ରୈନା, ଅଭିନେତା**

# ବିରଳ ଚିକିତ୍ସା



ନ୍ୟୁରୋଟେକ୍ନୋଲୋଜି କ୍ଷେତ୍ରରେ ଏକ ଐତିହାସିକ ଓ ବିପ୍ଳବାତ୍ମକ ସଫଳତା ସାମ୍ନାକୁ ଆସିଛି । ସୂଚନାଅନୁସାରେ ଏଲନ ମସ୍କଙ୍କ 'ନ୍ୟୁରାଲିଙ୍କ୍' ସହ ନିବିଡ଼ ସମ୍ପର୍କ ଥିବା ସାନ ଫ୍ରାନ୍ସିସ୍କୋର ଏକ ଲଞ୍ଜେଭିଟି ଷ୍ଟାର୍ଟଅପ୍ କମ୍ପାନୀ 'କୋହେରେନ୍ସ ନ୍ୟୁରୋ' କର୍କଟ ରୋଗର ଚିହ୍ନଟ ଓ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ବ୍ରେନ୍ ଇମ୍ପ୍ଲାଣ୍ଟର ମାନବ ପରୀକ୍ଷଣ ଆରମ୍ଭ କରିଛି । 'ୱାୟାର୍ଡ' ରିପୋର୍ଟ ଅନୁଯାୟୀ, କମ୍ପାନୀ ଏହାର ପ୍ରମୁଖ ଡିଭାଇସ୍‌କୁ ତିନିଜଣ ସହମତି ପ୍ରକାଶ କରିଥିବା ରୋଗୀଙ୍କ ଶରୀରରେ ସଫଳତାର ସହ ପରୀକ୍ଷଣ କରିଛନ୍ତି । ତେବେ ପ୍ରଥମଥର ପାଇଁ ଏକ ବ୍ରେନ୍-କମ୍ପ୍ୟୁଟର ଇଣ୍ଟରଫେସ ମାଧ୍ୟମରେ ମାରାତ୍ମକ ଟ୍ୟୁମରର ବୈଦ୍ୟୁତିକ ସଙ୍କେତକୁ ଟ୍ରାକ୍ ଏବଂ ନଷ୍ଟ କରିବାରେ ବ୍ୟବହୃତ ହୋଇଛି । ଏହି ପ୍ରାରମ୍ଭିକ ପରୀକ୍ଷଣ ସମୟରେ, ଟ୍ୟୁମର ବାହାର କରିବା ପାଇଁ ସର୍ଜରୀ ହେଉଥିବା ରୋଗୀଙ୍କ ମସ୍ତିଷ୍କରେ ଏହି ବୋତାମ ଆକାରର ଇମ୍ପ୍ଲାଣ୍ଟକୁ ପ୍ରାୟ ୩୦ ମିନିଟ୍ ପାଇଁ ରଖାଯାଇ ସୁରକ୍ଷା ଓ ସଙ୍କେତର ସ୍ପଷ୍ଟତା ଯାଞ୍ଚ କରାଯିବା ପରେ ସାବଧାନତାର ସହ ବାହାର କରାଯାଇଥିଲା । ଗ୍ଲିଓବ୍ଲାଷ୍ଟୋମା ଭଳି ଏକ ଅତି ଆକ୍ରମଣାତ୍ମକ ଏବଂ ମାରାତ୍ମକ ମସ୍ତିଷ୍କ କର୍କଟର ଚିକିତ୍ସାକୁ ସହଜ କରିବା ଏହାର ମୂଳ ଲକ୍ଷ୍ୟ ଅଟେ । ଏହି ଇମ୍ପ୍ଲାଣ୍ଟର ବିଜ୍ଞାନ ଏହା ପ୍ରମାଣ କରେ ଯେ କର୍କଟ ଟିସୁଗୁଡ଼ିକ ଏକ ବୈଦ୍ୟୁତିକ ସକ୍ରିୟ ସତ୍ତା ଭାବେ କାର୍ଯ୍ୟ କରନ୍ତି ଏବଂ ସେମାନେ ନିଜର ବୃଦ୍ଧି ପାଇଁ ମସ୍ତିଷ୍କର ସୁସ୍ଥ ବାୟୋଇଲେକ୍ଟ୍ରିକାଲ ସଙ୍କେତକୁ ହାଇଜ୍ୟାକ୍ କରନ୍ତି । କମ୍ପାନୀର ଏହି ସ୍ୱତନ୍ତ୍ର ସିଷ୍ଟମ୍ 'ଏସଓଏମଏ' ଟ୍ୟୁମରର ସୂକ୍ଷ୍ମ ବୈଦ୍ୟୁତିକ ଗୁଣକୁ ପଢ଼ିବା ସହ ଏକ ନିର୍ଦ୍ଦିଷ୍ଟ ବୈଦ୍ୟୁତିକ ତରଙ୍ଗ ସୃଷ୍ଟି କରି ଟ୍ୟୁମରର ବିକାଶକୁ ରୋକିଥାଏ । ଏହି ମାଇକ୍ରୋ-ଇମ୍ପ୍ଲାଣ୍ଟ ସହିତ କାନ ଉପରେ ପିନ୍ଧାଯାଉଥିବା ଏକ କଏନ୍ ଆକାରର ଡିଭାଇସ୍ ଏବଂ ମୋବାଇଲ୍ ଆପ୍ଲିକେସନ୍ ଜଡ଼ିତ ରହିଛି । ଯାହା ଦ୍ୱାରା ଡାକ୍ତରମାନେ ଦୂରରେ ଥାଇ ମଧ୍ୟ ରୋଗୀର ତଥ୍ୟ ଉପରେ ନଜର ରଖିପାରିବେ ଏବଂ ରୋଗୀକୁ ବାରମ୍ବାର ହସ୍ପିଟାଲ୍ ନଯାଇ ମଧ୍ୟ ସହଜରେ ଚିକିତ୍ସା ଯୋଗାଇ ଦିଆଯାଇପାରିବ ।

# ମଧ୍ୟାହ୍ନଭୋଜନ ଆଣିଥାଏ ନିଦ



ମଧ୍ୟାହ୍ନ ଭୋଜନ, ବିଶେଷ କରି ଭାତ କିମ୍ବା ଅଧିକ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ଖାଇବା ପରେ ଅନେକ ସମୟରେ ପ୍ରବଳ ନିଦ ଏବଂ କ୍ଲାନ୍ତି ଅନୁଭବ ହୋଇଥାଏ । ତେବେ ଏହା ପଛରେ ଏକ ଆକର୍ଷଣୀୟ ବୈଜ୍ଞାନିକ କାରଣ ରହିଛି । ଭାତ ଭଳି ଖାଦ୍ୟର ଗ୍ଲାଇସେମିକ୍ ଇଣ୍ଡେକ୍ସ ଅଧିକ ହୋଇଥିବାରୁ ଏହା ଶରୀରରେ ଶୀଘ୍ର ହଜମ ହୋଇ ଗ୍ଲୁକୋଜ୍‌ରେ ପରିଣତ ହୁଏ । ଯାହା ଦ୍ୱାରା ରକ୍ତରେ ଶର୍କରା ବା ବ୍ଲଡ୍ ସୁଗାରର ସ୍ତର ହଠାତ୍ ବଢ଼ିଯାଏ ଏବଂ ଶରୀରକୁ ତତ୍କାଳ ଶକ୍ତି ମିଳିଥାଏ । ମାତ୍ର କିଛି ସମୟ ପରେ ଏହି ସୁଗାର ସ୍ତର ହ୍ରାସ ପାଇବା ଫଳରେ ମଣିଷ କ୍ଲାନ୍ତ ଓ ଦୁର୍ବଳ ଅନୁଭବ କରେ । ଏଥିସହିତ, କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ଖାଇବା ପରେ ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରୁଥିବା 'ଇନସୁଲିନ' ହରମୋନ୍ ଶରୀରରେ ଅଧିକ ମାତ୍ରାରେ କ୍ଷରିତ ହୋଇଥାଏ । ଏହି ପ୍ରକ୍ରିୟା ମସ୍ତିଷ୍କରେ 'ଟ୍ରିପ୍ଟୋଫାନ୍' ନାମକ ଆମିନୋ ଏସିଡ୍ ବୃଦ୍ଧି କରିବାରେ ସାହାଯ୍ୟ କରେ । ଯାହା ଶରୀରକୁ ଆରାମ ଦେଉଥିବା ତଥା ନିଦ୍ରା ପାଇଁ ଦାୟୀ 'ସେରୋଟୋନିନ୍' ଏବଂ 'ମେଲାଟୋନିନ୍' ରସାୟନ ତିଆରି କରିଥାଏ । ଫଳରେ ସ୍ୱାଭାବିକ ଭାବେ ନିଦ ମାଡ଼ିଥାଏ । ଏହା ବ୍ୟତୀତ, ଯଦି ଭୋଜନର ପରିମାଣ ଅଧିକ ଥାଏ ଏବଂ ଭାତ ସହିତ ତେଲ ବା ଗରିଷ୍ଠ ଖାଦ୍ୟ ସାମିଲ ଥାଏ, ତେବେ ତାହାକୁ ହଜମ କରିବା ପାଇଁ ଶରୀରକୁ ଅଧିକ ଶକ୍ତିର ଆବଶ୍ୟକତା ପଡ଼ିଥାଏ । ଯେଉଁଥିପାଇଁ ପାଚନ ପ୍ରକ୍ରିୟା ଆଡ଼କୁ ଶରୀରର ଶକ୍ତି କେନ୍ଦ୍ରୀଭୂତ ହୋଇ କ୍ଲାନ୍ତି ଓ ନିଦ୍ରାହୀନତା ସୃଷ୍ଟି କରିଥାଏ ।

# ଇତିହାସ

୧୭୪୮- ଆମ୍‌ଷ୍ଟର୍ଡମ୍‌ରେ ଦୁଇଜଣଙ୍କ ଫାଶିକୁ ବିରୋଧ କରି ହୋଇଥିବା ଦଙ୍ଗାରେ ୨୦୦ରୁ ଊର୍ଦ୍ଧ୍ୱର ଲୋକଙ୍କ ମୃତ୍ୟୁ ହୋଇଥିଲା ।

୧୮୨୦- ଟମାଟୋରେ ବିଷ ନାହିଁ ବୋଲି ପ୍ରମାଣ କରାଗଲା ।

୧୮୩୮- ବ୍ରିଟେନ୍‌ର ମହାରାଣୀ ଭିକ୍ଟୋରିଆଙ୍କ ରାଜ୍ୟାଭିଶେକ ଲଣ୍ଡନର ୱେଷ୍ଟମିନ୍‌ଷ୍ଟର୍ ଆବ୍ବେରେ କରାଗଲା ।

୧୮୭୩- ଜୀବ ବିଜ୍ଞାନୀ ଆଲେକ୍ସ କାର୍ଲଙ୍କ ଜନ୍ମ ।

୧୯୨୧- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କର ଜନ୍ମ ।

୧୯୨୬- ମର୍ସିଡିଜ୍ ଭେଞ୍ଜ୍‌ର ଜନ୍ମ ।

୧୯୫୨- ଦକ୍ଷିଣ ଆଫ୍ରିକା ନେତା ନେଲସନ ମାଣ୍ଡେଲାଙ୍କୁ ପ୍ରଥମ ଥର ପାଇଁ ଜେଲ୍‌ରେ ଭର୍ତ୍ତି କରାଗଲା ।

୧୯୭୬- ଆମେରିକୀୟ ଏୟାର୍‌ଫୋର୍ସ ଏକାଡେମୀରେ ପ୍ରଥମ ମହିଳାଙ୍କୁ ପ୍ରବେଶ କରାଗଲା ।

୨୦୦୭- ଆପଲ୍‌ର ପ୍ରଥମ ସ୍ମାର୍ଟଫୋନ୍ ବଜାରକୁ ଆସିଲା ।

୨୦୧୨- ଭାରତର ପ୍ରସିଦ୍ଧ ସାହିତ୍ୟିକ ତଥା ଔପନ୍ୟାସିକ ଅମର ଗୋସ୍ୱାମୀଙ୍କ ପରଲୋକ ।



# ମିଳିଛି ଅନେକ ଶିକ୍ଷା

ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ୱେଲକମ୍ ଟୁ ଦ ଜଙ୍ଗଲ୍'ର ଏକାଧିକ ଷ୍ଟାରକାଷ୍ଟଙ୍କ ମଧ୍ୟରେ କାମ କରିବାର ଅନୁଭବ କଳାକାରମାନଙ୍କ ପାଇଁ କେବଳ ସୁଟିଂ ମଧ୍ୟରେ ସୀମିତ ନଥିଲା । ଏହାକୁ ଅଭିନେତ୍ରୀ ଦିଶା ପାଟନୀ କିଛି ନୂଆ ଶିଖିବା ଓ ବୁଝିବାର ଏକ ବଡ଼ ସୁଯୋଗ ପାଲଟିଥିଲା ବୋଲି ଏକ ସାକ୍ଷାତକାରରେ ଦିଶା ପ୍ରକାଶ କରିଛନ୍ତି । ଏକ ସାକ୍ଷାତକାରରେ, ଏହି ସିନେମାର ସବୁଠାରୁ ବଡ଼ ଶକ୍ତି ହେଉଛି ସମସ୍ତ କଳାକାରଙ୍କ ମଧ୍ୟରେ ଥିବା ସମନ୍ୱୟ ଏବଂ ଏକାଠି ବିତାଇଥିବା ସମୟ ବୋଲି ଦିଶା ପ୍ରକାଶ କରିଛନ୍ତି । ଯେଉଁଠି ଆରମ୍ଭରୁ ଅନେକ ଅଭିଜ୍ଞ ତାରକାଙ୍କ ସହ କାମ କରିବା ଯୋଗୁଁ ଏହା ଏକ ବଡ଼ ଦାୟିତ୍ୱବୋଧ ପାଲଟିଥିଲା । ହେଲେ ସେଟ୍‌ରେ ସମସ୍ତେ କାହାରିକୁ କୌଣସି ପ୍ରକାର ମାନସିକ ଚାପ ଅନୁଭବ କରିବାକୁ ଦେଇନଥିଲେ, ଯାହା କାମ କରିବାର ସ୍ୱାଧୀନତା ପ୍ରଦାନ କରିଥିବା ଦିଶା ପ୍ରକାଶ କରିଛନ୍ତି । ଦିଶା ପାଟନୀଙ୍କ କହିବା ଅନୁଯାୟୀ, ପ୍ରତିଦିନ ସେଠାରେ କିଛି ନୂଆ ଶିଖିବାକୁ ମିଳୁଥିବାରୁ ସେ ବହୁତ ଖୁସି ଥିଲେ । ତେବେ ବର୍ଷ ବର୍ଷର ଅନୁଭବ ଆସିବା ପରେ ମଧ୍ୟ ବଡ଼ ବଡ଼ କଳାକାରମାନେ କାମକୁ ହାଲୁକା ଭାବେ ନିଅନ୍ତି ନାହିଁ ଏବଂ ସମ୍ପୂର୍ଣ୍ଣ ପ୍ରସ୍ତୁତି ଓ ପରିଶ୍ରମ ସହିତ ସେଟ୍‌କୁ ଆସନ୍ତି ବୋଲି ଦିଶା ଏହି ସୁଟିଂରୁ ଶିଖିଥିବା ପ୍ରକାଶ କରିଛନ୍ତି । ଏହା ସହିତ ସେଟ୍‌ରେ ସମସ୍ତଙ୍କର ପରସ୍ପର ପ୍ରତି ଥିବା ବ୍ୟବହାର ତାଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରିଥିଲା, କାରଣ ଏତେ ସୁପରଷ୍ଟାର୍ ଏକାଠି ଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କୌଣସି ଦୂରତା ଦେଖାଯାଇନଥିଲା । ସମସ୍ତଙ୍କ ଭିତରେ ଥିବା ଏକ ସୁନ୍ଦର ବଣ୍ଡିଂ ବା ଆତ୍ମୀୟତା ଫିଲ୍ମରେ ମଧ୍ୟ ସ୍ପଷ୍ଟ ଭାବେ ନଜର ଆସିବବୋଲି ଦିଶା ମତ ଦେଇଛନ୍ତି ।

# ଆଣ୍ଟି ଆକ୍‌ନି ଡାଏଟ୍



ଯେତେବେଳେ ଆମ ସ୍କିନ୍‌ରେ ଥିବା ଛିଦ୍ର ବ୍ୟାକ୍ଟେରିଆ କାରଣରୁ ବ୍ଲକ ହୋଇଯାଏ ସେତେବେଳେ ବ୍ରଣ ହେବାର ଆଶଙ୍କା ବଢିଥାଏ । କେବଳ ବ୍ୟାକ୍ଟେରିଆ ନୁହେଁ ଏହି ତାଲିକାରେ ମୃତ କୋଷିକା ମଧ୍ୟ ସାମିଲ ରହିଛି । ତେବେ ଏଥିପାଇଁ ସମସ୍ତେ ବିଭିନ୍ନ ପ୍ରକାରର ଉପାୟ ଆପଣାଇଥାଆନ୍ତି । ଏଥିପାଇଁ ଅନେକ ଉପଚାର ରହିଛି, ଯେଉଁଥିରେ ଖାଦ୍ୟ ସବୁଠାରୁ ଆଗରେ ରହିଥାଏ । ତେଣୁ ଆମକୁ ଏକ ଆଣ୍ଟି ଆକନେ ଡାଏଟ୍ ଫଲୋ କରିବାର ଅଛି, ଯାହା ଆମକୁ ବ୍ରଣ ସମସ୍ୟାରୁ ମୁକ୍ତି ଦେବ । ଆସନ୍ତୁ ଜାଣିବା ସେହିଭଳି କିଛି ଡାଏଟ୍ ବିଷୟରେ ।

**ଡାଲିଜାତୀୟ** - ଡାଲିଜାତୀୟ ଖାଦ୍ୟରେ ଲୋ-ଗ୍ରେକେମିକ୍ ରହିଛି, ତେଣୁ ଏହା ଆମର ବ୍ଲଡ ସୁଗାର ଲେବଲ୍‌କୁ ମ୍ୟାନେଜ କରିଥାଏ । ଏଥିସହ ବ୍ରଣ ହେବାରୁ ରୋକିଥାଏ । ତେଣୁ ନିଜର ପ୍ରତିଦିନ ଖାଦ୍ୟରେ ଡାଲିଜାତୀୟ ସାମଗ୍ରୀ ଆଡ କରନ୍ତୁ ।

**କନ୍ଦମୂଳ-** କନ୍ଦମୂଳରେ ଜିଙ୍କର ପରିମାଣ ଖୁବ ଅଧିକ ରହିଥାଏ, ଯାହା ବ୍ରଣ ସମସ୍ୟାକୁ ଦୂର କରିଥାଏ । ତେଣୁ ଦିନକୁ ଗୋଟିଏ କନ୍ଦମୂଳ ଖାଇବା ତ୍ୱଚା ପାଇଁ ଲାଭ ଦାୟକ ।

**କଖାରୁ** - କଖାରୁରେ ଥିବା ଜିଙ୍କ ଆମ ତ୍ୱଚାରେ ବ୍ରଣ ଉଠିବାକୁ ଦେଇନଥାଏ । ଏହା ଆମ ତ୍ୱଚାକୁ ଏକ ବ୍ରଣ ନିରୋଧୀ କରିବାରେ ସାହାଯ୍ୟ କରିଥାଏ ।

**ଘିକୁଆଁରୀ** - ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ମୁହଁରେ ବ୍ରଣ ଉଠିବାକୁ ଦେଇ ନଥାଏ । ତେଣୁ ସବୁଦିନ ଖଣ୍ଡେଖଣ୍ଡେ ଘିକୁଆଁରୀ ମୁହଁରେ ଘଷନ୍ତୁ ଏହା ଲାଭ ଦାୟକ ହୋଇଥାଏ ।

**ସଞ୍ଜୁ:** ଆରେ ମୋ ସ୍ତ୍ରୀ ମୋତେ ଏତେ ଭଲପାଏ ଯେ, ଦିନକୁ ୪ ଥର ମୋ ପାଇଁ ପ୍ରାର୍ଥନା କରେ ।
**ସାଙ୍ଗ:** ସତରେ ? କ'ଣ ପ୍ରାର୍ଥନା କରେ ?
**ସଞ୍ଜୁ:** ସେ ଭଗବାନଙ୍କୁ କହେ— "ହେ ପ୍ରଭୁ ! ଏହାଙ୍କୁ ଟିକେ ସଦ୍‌ବୁଦ୍ଧି ଦିଅ !"

ହାଃହାଃ



**ମେଷ:** କର୍ମରେ ଆନନ୍ଦ, ଦେବ କାର୍ଯ୍ୟ ପ୍ରତି ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁ କଷ୍ଟ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶାରୀରିକ ସୁସ୍ଥତା, ବିଦେଶ ଭ୍ରମଣ ଯୋଗ, ସନ୍ତାନ ଲାଭ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬୦, ଆରାଧନା- ଲକ୍ଷ୍ମୀନାରାୟଣ ।

**ବୃଷ:** ଶରୀର ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଉତ୍ସବ ପ୍ରତି ବିମୁଖ, ଲୋକସମ୍ପର୍କ ହାନି, ବ୍ୟବସାୟରେ କଷ୍ଟ, ବନ୍ଧୁଙ୍କ ସହାୟତା, ବାକି ଧନ ଫେରସ୍ତ, ନୂତନ କର୍ମ ପ୍ରତି ଆଗ୍ରହ, ପରିବାରରେ ଉତ୍ସବ, ବିଦ୍ୟାରେ ସଫଳତା । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା- ମା' ବଗଳାମୁଖୀ ।

**ମିଥୁନ:** ଦ୍ରବ୍ୟ ଲାଭ, ବନ୍ଧୁ ସହଯୋଗ, ବ୍ୟବସାୟରେ ଉନ୍ନତି, କଳହ ସମାଧାନ, ଉଚିତ କାର୍ଯ୍ୟରେ ଧନ ଖର୍ଚ୍ଚ, ଶତ୍ରୁ ପରାଜିତ, ଗୃହେ ସହଯୋଗ, ନୂତନ କର୍ମ ପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶାରୀରିକ ସୁସ୍ଥତା, ସନ୍ତାନ ସମସ୍ୟା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ ।

**କର୍କଟ:** ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟ କ୍ରୟ, ଶତ୍ରୁ ସମସ୍ୟା ସମାଧାନ, ଉତ୍ସବ ପ୍ରତି ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ଧନ ଲାଭ, ଗୃହେ ଅତିଥି ସତ୍କାର, ଶାରୀରିକ ଅସୁସ୍ଥ, ଭୂସମ୍ପତ୍ତି ଲାଭ, ସ୍ୱାଦିଷ୍ଟ ଭୋଜନ, ବିଦ୍ୟାରେ ସଫଳତା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ବନ୍ଧୁ ସହଯୋଗ, ନୂତନ ବନ୍ଧୁ ଲାଭ, କର୍ମକ୍ଷେତ୍ରରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ସନ୍ତାନଖୁସି, ଅର୍ଥଲାଭ, ଗାଡ଼ି ଚାଳନାରେ ସାବଧାନ, ଶତ୍ରୁ ଦେଖାଦେବେ, ଗୃହେ କଳହ, ଲୋକସମ୍ପର୍କ ବୃଦ୍ଧି । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଶ୍ରୀରାମ ।

**କନ୍ୟା:** ଆୟ ଅପେକ୍ଷା ବ୍ୟୟ ଅଧିକ, ଶାରୀରିକ ଅସୁସ୍ଥ, ଅସତ କାର୍ଯ୍ୟ ପ୍ରତି ଆଗ୍ରହ, ମାଲିମକଦ୍ଦମାରେ କଷ୍ଟ, କାର୍ଯ୍ୟ ସଫଳ, ବନ୍ଧୁ ମନାନ୍ତର, ବ୍ୟବସାୟରେ ଶତ୍ରୁତା, ନିଜ ଲୋକଙ୍କଠାରୁ ବିରୋଧ, ପିଲାଙ୍କ ସମସ୍ୟା ଦେଖାଦେବ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୪, ଆରାଧନା- ଲକ୍ଷ୍ମୀନୃସିଂହ ।

**ତୁଳା:** ସ୍ୱାସ୍ଥ୍ୟରେ ଉନ୍ନତି, ଗୃହେ ଉତ୍ସବ, ନୂତନ ବନ୍ଧୁ ଲାଭ, ଅର୍ଥ ସମସ୍ୟା ସମାଧାନ, ପୁରାତନ ବିବାଦ, ଅଳସୁଆମୀ ଦେଖାଦେବ, ପିଲାଙ୍କ ସମସ୍ୟା, ନୂତନ ଦ୍ରବ୍ୟ ଲାଭ, କଚେରୀ ମାମଲା ସମାଧାନ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା- ପିତାମାତାଙ୍କ ସେବା ।

**ବିଛା:** ଅର୍ଥ ସମସ୍ୟା, ଅଣ୍ଡାଜନିତ ରୋଗ, ଗୃହେ ସହଯୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ, ହଠାତ୍ ଖୁସି ଖବର ପ୍ରାପ୍ତି, ଆଶା ପୂର୍ତ୍ତିରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୪, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଆଭୁଷଣ ପ୍ରାପ୍ତି, ବିବାଦ ସମାଧାନ, ଯାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଅଧିକାରୀଙ୍କ ସହିତ ଆଲୋଚନା, ଶତ୍ରୁ କଷ୍ଟ, ବିଦେଶ ଗ୍ରସ୍ତ, କର୍ମକ୍ଷେତ୍ରରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥ ଲାଭ, ସୁମିଷ୍ଟ ଭୋଜନ ମିଳିବ, ବିଦ୍ୟାରେ ସଫଳତା । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ଆରାଧନା- ବୟସ୍କ ଲୋକଙ୍କୁ ସାହାଯ୍ୟ କରନ୍ତୁ ।

**ମକର:** ମନସ୍ତାପ, ଦୂରଯାତ୍ରା ଅସଫଳ, ଶାରୀରିକ ପୀଡ଼ା, ଗୃହଶତ୍ରୁ, ଖର୍ଚ୍ଚାନ୍ତ ଯୋଗ, ଉତ୍ସବ ପ୍ରତି ଆଗ୍ରହ, ଦେବ ଦର୍ଶନ, ଧର୍ମକାର୍ଯ୍ୟରେ ଆନନ୍ଦ, କଚେରୀ ମାମଲାରେ କଷ୍ଟ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୨, ଆରାଧନା- ମା' ଦକ୍ଷିଣକାଳୀ ।

**କୁମ୍ଭ:** ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶାରୀରିକ ସୁସ୍ଥତା, ପାରିବାରିକ ଖୁସି, ମକଦ୍ଦମାରେ ବିଜୟ, ଆଶା ପୂରଣରେ ବିଳମ୍ବ, ପରିଶ୍ରମଜନିତ କ୍ଲାନ୍ତି, ଦେବଦର୍ଶନ, ପିଲାଙ୍କ ଚିନ୍ତା । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ମୀନ:** ଆୟ ବୃଦ୍ଧି, ଦ୍ରବ୍ୟ ପ୍ରାପ୍ତ, ସନ୍ତାନ ସୁଖ, ଦୂର ଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ବିବିଧ ସମସ୍ୟା ସମାଧାନ, ଶତ୍ରୁ ନାଶ, ଦାମ୍ପତ୍ୟ ଖୁସି, ସନ୍ତାନ ପ୍ରାପ୍ତି, ଅର୍ଥିକ ସମସ୍ୟା ସମାଧାନ, କିଛି କ୍ରୟ କରିପାରନ୍ତି, ବିଦ୍ୟା ଲାଭ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମା' ଭଗବତୀ ।

**ଜ୍ୟେଷ୍ଠ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ**
**୨୮.୬.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮









ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଏବଂ ଓଡ଼ିଶା ମହିଳା ଉଦ୍ୟମୀତା ମଞ୍ଚର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଲ ଅଫିସରଙ୍କୁ ୫ ମାସ ହେଲା ମିଳିନି ପ୍ରାପ୍ୟ

## ୭ଦିନ ଭିତରେ ପଦକ୍ଷେପ ନ ନେଲେ ଅଦାଲତର ହେବେ ଦ୍ୱାରସ୍ଥ

କଟକ,(ସବ୍ୟୁ): ଗତ ଜାନୁଆରୀ ୧୩ ତାରିଖ ଚିଠି ଆଧାରରେ ରାଜ୍ୟର ବିଭିନ୍ନ ଜିଲ୍ଲା ସମେତ କଟକ ଜିଲ୍ଲାର ବିଭିନ୍ନ ଅଦାଲତରେ ନିଯୁକ୍ତି ପାଇଥିବା ଲ' ଅଫିସର ଯେଉଁଥିରେ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର, ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର, ଅତିରିକ୍ତ ସରକାରୀ ସ୍ୱିଡରର୍ସ, ଆସିଷ୍ଟାଣ୍ଡ ପବ୍ଲିକ୍ ପ୍ରୋସିକ୍ୟୁଟର, ଷ୍ଟାଣ୍ଡିଂ କାଉନ୍‌ସେଲ୍ ଏବଂ ଆସୋସିଏଟ୍ ଲୟର୍ସଙ୍କୁ ନିଯୁକ୍ତି ମିଳିଥିଲା। ହେଲେ ଏହି ଲ' ଅଫିସରମାନଙ୍କୁ ଗତ ୫ମାସ ଧରି ସେମାନଙ୍କ ପ୍ରାପ୍ୟ ବା ଦରମା ମିଳିପାରିନାହିଁ । ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରାର୍ଥନା କରି ଆଇନଜୀବୀ ବିଯୋତକେସ୍ ମହାନ୍ତି ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ସ୍ମାରକପତ୍ର ଦେବାର ୭ଦିନ ମଧ୍ୟରେ ଯଦି ଲ' ଅଫିସରମାନଙ୍କୁ ସେମାନଙ୍କ ପ୍ରାପ୍ୟ ନମିଳେ ତାହେଲେ ବାଧ୍ୟ ହୋଇ ସେ ହାଇକୋର୍ଟରେ ଏକ ମାମଲା ରୁଜୁ କରିବେ ବୋଲି କହିଛନ୍ତି। ଶ୍ରୀ ମହାନ୍ତି ତାଙ୍କ ସ୍ମାରକପତ୍ରରେ କହିଛନ୍ତି ଯେ, ରାଜ୍ୟ ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆଧାରରେ ଏହି ଲ' ଅଫିସରମାନଙ୍କୁ ନିଯୁକ୍ତି ଦିଆଯାଇଥିଲା । ଏହି ଲ' ଅଫିସରମାନେ କେତେ ଟଙ୍କା ପ୍ରାପ୍ୟ ପାଇବେ ତାହା ମଧ୍ୟ ସେଥିରେ ଉଲ୍ଲେଖ ରହିଥିଲା। ସେବେଠାରୁ ଲ' ଅଫିସରମାନେ ନିରବିଚ୍ଛିନ୍ନ ଭାବେ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ଏହାପରେ ଆଇନ ବିଭାଗ ପକ୍ଷରୁ ଏକ ଏସ୍‌ଓପି ଜାରି କରାଯାଇଥିଲା। ଏହି ଏସ୍‌ଓପି ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ତାହାକୁ ଲ' ଅଫିସରଙ୍କୁ ପ୍ରଦାନ କରିବା ଲାଗି କୁହାଯାଇଥିଲା। ଏସ୍‌ଓପି ଆଧାରରେ ଲ' ଅଫିସରମାନେ ଧାର୍ଯ୍ୟ ସମୟ ମଧ୍ୟରେ ସେମାନଙ୍କ ବିଲ୍ ଜମା କରିବେ ଏବଂ ତାହାକୁ ମାସିକିଆ ହିସାବରେ ପ୍ରଦାନ କରାଯିବାକୁ କୁହାଯାଇଥିଲା। ଗତ ଜାନୁଆରୀ ୧୬ ତାରିଖରୁ ଲ' ଅଫିସରମାନେ ସେମାନଙ୍କ ଦାୟିତ୍ୱ ନିର୍ବାହ କରି ଆସୁଥିଲାବେଳେ ପାଞ୍ଚ ମାସ ହେଲା ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିପାରି ନାହିଁ । ସେମାନେ ସେମାନଙ୍କ ବିଲ୍ ଦାଖଲ କରିଥିଲେ ମଧ୍ୟ କ'ଣ ପାଇଁ ଏହି ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ ତାହାର କାରଣ ମଧ୍ୟ କୁହାଯାଉ ନାହିଁ । ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଫଳରେ ଲ' ଅଫିସରଙ୍କ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଏ ଦିଗରେ ଯଦି କଟକ ଜିଲ୍ଲାପାଳ ୭ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତାହେଲେ ଶ୍ରୀ ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ଏସ୍‌ସିବିରେ ପ୍ରଭାତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଆଇନମନ୍ତ୍ରୀ

କଟକ, (ସ୍ୱପ୍ର) : ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଅସୁସ୍ଥତା ହେତୁ ଗତ ଶୁକ୍ରବାର ଏସସିବି ମେଡ଼ିକାଲର ନିଉ ମେଡିସିନ ଓ୍ୱାର୍ଡରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ମେଡ଼ିକାଲର ଭେଷଜ ବିଶେଷଜ୍ଞ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡାଙ୍କ ତ%୦ାବଧାନରେ ଚାଲିଥିବା ଚିକିତ୍ସା ଅନୁଯାୟୀ ହେମୋଗ୍ଲୋବିନ, ଆଇରନ ଏବଂ ଭିଟାମିନର ପରିମାଣର ମାତ୍ରା କମିଯିବା ଦ୍ୱାରା ଶରୀର ଦୁର୍ବଳ ହୋଇପଡ଼ିଛି । ଫଳରେ ରକ୍ତର ଅଭାବକୁ ଦୂରକରିବା ପାଇଁ ଦୁଇ ଦିନ ଧରି ଶରୀରରେ ରକ୍ତ ଦିଆଯାଉଛି । ଗତକାଲି ଏସସିବିରେ ପୂର୍ବତନ ବିଧାୟକଙ୍କ ଚିକିତ୍ସାଧୀନ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟେଲେଫୋନ ମାଧ୍ୟମରେ ତାଙ୍କ ପୁତ୍ର ବିଧାୟକ ସୌଭିକ ବିଶ୍ୱାଳଙ୍କ ସହିତ କଥା ହେବା ସହିତ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଶନିବାର ସନ୍ଧ୍ୟାରେ ଆଇନମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଏସ୍‌ସିବିକୁ ଆସି ପ୍ରଭାତଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ । ଡାକ୍ତରଙ୍କ କହିବା ଅନୁଯାୟୀ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପାଇଁ ଆହୁରି ଦୁଇରୁ ତିନିଦିନ ଲାଗି ପାରେ । ଏହି ଅବସରରେ ପ୍ରଭାତଙ୍କ ପୁତ୍ର ବିଧାୟକ ସୌଭିକ୍ ବିଶ୍ୱାଳ, ବୋହୂ ଡା. ଅନନ୍ୟା ପ୍ରିୟଦର୍ଶନୀ, ବିଜେପି ନେତା ଲଲାଟେନ୍ଦୁ ବଡୁ, ବହୁ କର୍ପୋରେଟର ଶୁଭେଚ୍ଛୁ ଉପସ୍ଥିତ ଥିଲେ ।



### ସ୍ତ୍ରୀର ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସ୍ତ୍ରୀର ସନ୍ଦେହଜନକ ମୃତ୍ୟୁ ହେବା ପରେ ତାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ କରିଥିଲେ । ହତ୍ୟା ଅଭିଯୋଗ ହେବାରୁ ପୋଲିସ ମୃତ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଇବା ପରେ ଭିସେରା ପରୀକ୍ଷା ପାଇଁ ପଠାଇଥିଲା । ଭିସେରା ରିପୋର୍ଟ ଆଧାରରେ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ସୁବାସ ଚୌଧୁରୀ (୨୭)କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ।

୨୦୨୫ ମସିହା ନଭେମ୍ବର ୨୩ ତାରିଖରେ ମୃତ ମହିଳା ନତାସା ରାୟ ଅଭିଯୁକ୍ତ ସ୍ୱାମୀ ସୁବାଶିଷ ଚୌଧୁରୀଙ୍କୁ ବିବାହ କରିଥିଲେ । ଉଭୟ କଳାରାହାଙ୍ଗ ସ୍ଥିତ ଡିଏଚପିଏଲ୍ ଏନ୍‌କ୍ଲେଭରେ ରହୁଥିଲେ । ସ୍ୱାମୀ -ସ୍ତ୍ରୀ ସୂଚନା ପ୍ରଯୁକ୍ତି (ଆଇଟି) କ୍ଷେତ୍ରରେ କାର୍ଯ୍ୟରତ ଥିଲେ । ପାରିବାରିକ କଥାକୁ ନେଇ ସ୍ୱାମୀ -ସ୍ତ୍ରୀଙ୍କ ମଧ୍ୟରେ ବାରମ୍ବାର କଳିଝଗଡା ହେଉଥିଲା । ଚଳିତ ମାସ ୨୬ ତାରିଖ ସକାଳେ କାର୍ଯ୍ୟସ୍ଥଳକୁ ଯିବା ବେଳେ ଯାତାୟତକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସେହିଦିନ ରାତିରେ ମୃତ ମହିଳା କାର୍ଯ୍ୟରୁ ଫେରିବା ପରେ ପୁଣି ଉଭୟଙ୍କ ମଧ୍ୟରେ ଝଗଡା ହେଲା ।

ଏହାପରେ ନତାସା ଗୋଟିଏ ଘରକୁ ଯାଇ ଭିତରପଟୁ କବାଟ ବନ୍ଦ କରିଦେଇଥିଲେ । କିଛି ସମୟ ପରେ ସ୍ୱାମୀ ସୁବାଶିଷ ତାଙ୍କୁ ଡାକିବାରୁ ସେ ଶୁଣିନଥିଲେ । ଯାହା ଫଳରେ ସେ କବାଟ ଭାଙ୍ଗି ଘରଭିତରକୁ ଯାଇ ସ୍ତ୍ରୀ ଶାଢୀ ସାହାଯ୍ୟରେ ସିଲିଙ୍ଗ୍ ଫ୍ୟାନରେ ଝୁଲୁଥିବା ଦେଖିଥିଲେ ।

ଏହା ଦେଖି ନତାସାଙ୍କୁ ସିଲିଙ୍ଗ୍ ଫ୍ୟାନରୁ ଖୋଲିବା ପରେ ଚିକିତ୍ସାପାଇଁ ସୁବାଶିଷ କିମ୍ସ ହସ୍ପିଟାଲକୁ ନେଇଥିଲେ । ସେଠାରେ ତାଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାରୁ ଶ୍ୱଶୁର ଘର ଲୋକଙ୍କୁ ଘଟଣା ସମ୍ପର୍କରେ ସୁବାଶିଷ ଜଣାଇଥିଲେ । ନତାସାଙ୍କ ବାପା ସୌଭାଗ୍ୟ କୁମାର ରାୟ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ମଞ୍ଚେଶ୍ୱର ଥାନା ପୋଲିସ ଗ୍ରହଣ କରିଥିଲେ ମଧ୍ୟ ନତାସାଙ୍କ ଭିସେରା ପରୀକ୍ଷା ରିପୋର୍ଟକୁ ଅପେକ୍ଷା କରିଥିଲା । ଶନିବାର ଭିସେରା ରିପୋର୍ଟ ମିଳିବା ପରେ ଅଭିଯୁକ୍ତ ସ୍ୱାମୀ ସୁବାଶିଷକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇଦିଆଯାଇଛି ।

### ଏସ୍‌ସିବିରୁ ରୋଗୀ ନିଖୋଜ: ଥାନାରେ ଏତଲା

## ମଙ୍ଗଳାବାଗ ଥାନାରେ ଅଭିଯୋଗ କଲେ ପତ୍ନୀ: ପୁଲିସର ତଦନ୍ତ ଆରମ୍ଭ

କଟକ,(ସବ୍ୟୁ): ଏସ୍‌ସିବି ମେଡିକାଲର ସୁପରସ୍ପେସାଲିଟି ବର୍ହିବିଭାଗରୁ ଜଣେ ରୋଗୀ ନିଖୋଜ ହୋଇଯାଇଥିବା ବେଳେ ତାଙ୍କ ପତ୍ନୀ ମଙ୍ଗଳାବାଗ ଥାନାରେ ଏତଲା ଦେଇଛନ୍ତି। ନିଖୋଜ ରୋଗୀ ଜଣକ ହେଉଛନ୍ତି, ବାରିପଦା ଅଞ୍ଚଳର ଚନ୍ଦ୍ରକାନ୍ତ ମହାନ୍ତି(୫୬)। ଗତ ୨୩ ତାରିଖରେ ନେଫ୍ରୋଲୋଜି ବିଭାଗର ଡାକ୍ତରଙ୍କୁ ଦେଖାଇବାକୁ ଆସିଥିବା ବେଳେ ଉକ୍ତ ବିଭାଗ ବର୍ହିବିଭାଗରେ ଅପେକ୍ଷା କରିଥିଲେ। କିଛି ସମୟ ଡାକ୍ତରଙ୍କୁ ଅପେକ୍ଷା କରି ବସି ରହିବା ପରେ ସେଠାରୁ କେଉଁ ଆଡେ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ଏନେଇ ତାଙ୍କ ପତ୍ନୀ ସ୍ମୃତିସ୍ନିଗ୍ଧା ସାହୁ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ସୂଚନା ମୁତାବକ ଚନ୍ଦ୍ରକାନ୍ତଙ୍କ ମାନସିକସ୍ଥିତି ଠିକ୍ ନଥିବାରୁ ସେ ଗତ ୧୯ତାରିଖରେ ଏସ୍‌ସିବି ମାନସିକ ବିଭାଗକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାକାର ଡାକ୍ତର ତାଙ୍କର କିଡ଼ନୀଜନିତ ସମସ୍ୟା ଥିବା ଆଶଙ୍କା କରି ନେଫ୍ରୋଲୋଜି ବିଭାଗର ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। ଏହାପରେ ଚନ୍ଦ୍ରକାନ୍ତଙ୍କୁ ତାଙ୍କ ପତ୍ନୀ ସ୍ମୃତିସ୍ନିଗ୍ଧା ନେଫ୍ରୋଲୋଜିବିଭାଗର ବର୍ହିବିଭାଗକୁ ଆଣିଥିଲେ। ତାଙ୍କୁ ଭୋକ କରୁଥିବା ସେ କହିବାରୁ ପତ୍ନୀ କହିଥିଲେ ଯେ, ପ୍ରଥମେ ଡାକ୍ତର ଚେକଅପ୍ କରି ଦିଅନ୍ତୁ, ତାପରେ ଖାଇବ। ଡାକ୍ତର ଦେଖି ସାରିବା ପରେ ପତ୍ନୀ ଖାଇବା ଆଣିବାକୁ ମେଡିକାଲ୍ ବାହାରକୁ ଯାଇଥିଲେ। ଏହାରି ଭିତରେ ଚନ୍ଦ୍ରକାନ୍ତ କେଉଁ ଆଡେ ପଳାଇଥିଲେ। ପତ୍ନୀ ଆସି ସେଠାରେ ଖୋଜିବା ପରେ ତାଙ୍କୁ ପାଇନଥିଲେ। ଶେଷରେ ଥାନାରେ ଏତଲା ଦେଇଥିଲେ।

## ୨୫ ଲକ୍ଷର ବ୍ରାଉନସୁଗର ଜବତ : ବିକ୍ରେତା ଗିରଫ, କାର୍ ଜବତ

ଭୁବନେଶ୍ୱର,(ସବ୍ୟୁ) : ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହଳଦିପଡିଆ ବସ୍ତିରେ ଜଣେ ଯୁବକ କାର୍ ଲଗାଇ ବ୍ରାଉନସୁଗର ବିକ୍ରି କରୁଥିବା ଖବର ପାଇ ଅବକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଲା । ବ୍ରାଉନସୁଗର ବିକ୍ରି କରୁଥିବା ସତ୍ୟବାଦୀ ପରିଡା ଓରଫ ବାବୁକୁ ଅବକାରୀ ଟିମ୍ କାବୁ କରିବା ସହ ତା କାର୍‌ରୁ ୨୫୬ ଗ୍ରାମ ବ୍ରାଉନସୁଗର ଜବତ କଲା । ଜବତ ବ୍ରାଉନସୁଗର ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ହେବ ବୋଲି ଅବକାରୀ ଟିମ୍ ଆକଳନ କରିଛି । ହଳଦିପଡିଆ ବସ୍ତିରେ ପୋଲିସ ଓ ଅବକାରୀ ବାରମ୍ବାର ଚଢାଉ କରି ବ୍ରାଉନସୁଗର ଜବତ କରୁଥିଲେ ମଧ୍ୟ ସେଠାରେ କାରବାର ଥମିବାର ନାଁ ଧରୁନାହିଁ । ବ୍ରାଉନସୁଗର ବିକ୍ରି କରୁଥିବା ବାବୁକୁ ଅବକାରୀ ଟିମ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

### ମୋଟର ପମ୍ପ, ବାଇକ ଚୋର ଗିରଫ, ବାଇକ ଉଦ୍ଧାର

କୁଆଖିଆ,(ସବ୍ୟୁ):ରସୁଲପୁର ବ୍ଲକ ଅନ୍ତର୍ଗତ କଲଣ ଅଂଚଳରୁ ଚୋର ଏକ ମଟର ପମ୍ପ ସହ ଏକ ବାଇକ ଚୋରି କରି କୌଶଳ ରେ ଖସି ପଳାଇଥିଲା । କୁଆଖିଆ ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଜାରି ରଖିଥିଲେ । ଆଜି ପୋଲିସ ଅଭିଯୁକ୍ତ ଆୟୁଷ୍ମାନ ପଟ୍ଟନାୟକ (୨୦) ଙ୍କୁ ତାଂକ ମାମୁଁ ଘର ଅଂଚଳରୁ ଗିରଫ କରି ତା ପାଖରୁ ଏକ ବାଇକ ଜବତ କରିଥିଲେ । ଆଜି କୁଆଖିଆ ଥାନା କେଶ ନଂ ୨୯୧ ରେ ଅଭିଯୁକ୍ତ ଆୟୁଷ୍ମାନ ଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛନ୍ତି ।

### ସରକାରୀ ହସ୍ପିଟାଲରୁ ଚୋରି; ଯୁବକ ଗିରଫ

କଟକ,(ସବ୍ୟୁ): ସରକାରୀ ହସ୍ପିଟାଲରୁ ଚୋରି କରିବା ଘଟଣାରେ ଦରଘାବଜାର ଥାନା ପୁଲିସ ଜଣେ ପେସାଦାର ଚୋରକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଓଡିଆ ବଜାର ବାଉଁଶଗଳିର ଏସକେ. ଅଫସର(୨୨)। ତା' ପାଖରୁ ଚୋରି ସାମଗ୍ରୀ ଜବତ କରାଯାଇଛି। ଓଡିଆ ବଜାର ଅଞ୍ଚଳରେ ଏକ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଶନିବାର ସକାଳେ ହସ୍ପିଟାଲ କର୍ମଚାରୀ ଆସି ଦେଖିଲେଯେ, ଲାବୋରୋଟାରୀ ରୁମର ଏସି(ଶୀତତାପ ନିୟନ୍ତ୍ରିତ ମେସିନ) କାମ କରୁନାହିଁ। ଯାଞ୍ଚ କଲା ପରେ ଜଣାପଡିଲା ଯେ, ଏସି ଆଉଟଡୋରରେ ବ୍ୟବହୃତ ତମ୍ବା ପାଇପ ଗୁଡିକ ନାହିଁ। କେହି ଦୁର୍ବୃତ୍ତ ସେଗୁଡିକୁ କାଟି ନେଇଛି। ଦୁର୍ବୃତ୍ତ ହସ୍ପିଟାଲ ରୁମର ଏକ କବାଟ ଭାଙ୍ଗି ଭିତରେ ପଶି ଏଭଳି କାଣ୍ଡ ଭିଆଇଛି। ସିସିଟିଭିରେ ମଧ୍ୟ ଚୋରି ବେଳର ଦୃଶ୍ୟ ରେକର୍ଡ ହୋଇଛି। ଏନେଇ ମେଡିକାଲ ଅଫିସର ଡାକ୍ତର ସୁଲଗ୍ନା ଦାସ ତୁରନ୍ତ ଦରଘାବଜାର ଥାନାରେ ଏତଲା ଦେଇଥିଲେ। ପୁଲିସ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତ ଅଫସରକୁ ଚିହ୍ନଟ କରି ଗିରଫ କରିଥିଲା। ତା' ପାଖରୁ ୩୦ ଫୁଟ ଲମ୍ବର ୧୬ ଖଣ୍ଡ ତମ୍ବା ପାଇପ, ଗୋଟିଏ ମୋବାଇଲ ଓ ୨ଶହ ଟଙ୍କା ଜବତ ହୋଇଛି। ଶନିବାର ସକାଳ ୭ଟାରେ ସେ ମେଡିକାଲରେ ପଶି ଏଭଳି କାଣ୍ଡ ଭିଆଇଥିବା ଜଣାପଡିଛି। ପୂର୍ବରୁ ତା' ନାଁରେ କ୍ୟାଣ୍ଟନମେଣ୍ଟ, ପୁରୀଘାଟ ଓ ଦରଘାବଜାର ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

## ମହିଳାଙ୍କୁ ଦୁଷ୍କର୍ମ ପରେ ହତ୍ୟା, ପୁରୁଷବନ୍ଧୁ ଅଟକ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନରେ ଘଟିଯାଇଛି ଏକ ଲୋମହର୍ଷଣକାରୀ ଘଟଣା । ବେତନଟୀ ଥାନା ଇଲାକାର ଜନୈକା ୩୯ ବର୍ଷୀୟା ବିବାହିତା ମହିଳାଙ୍କୁ ଦୁଷ୍କର୍ମ ପରେ ଯୌନାଙ୍ଗରେ ମଦବୋତଲ କିମ୍ବା କୌଣସି କଠିନ ଧାତବ ପଦାର୍ଥ ପୁରାଇବାରୁ ପ୍ରବଳ ରକ୍ତସ୍ରାବରେ ମୃତ୍ୟୁ ଘଟଣାରେ ଶନିବାର ବେତନଟୀ ପୁଲିସ ଦୁଷ୍କର୍ମ ପରେ ହତ୍ୟାକାଣ୍ଡ ଜନିତ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇ ଥିବାବେଳେ ଅଭିଯୁକ୍ତ ପୁରୁଷ ବନ୍ଧୁକୁ ଅଟକ ରଖି ପଚରା ଉଚରା ଜାରି ରହିଛି । ଅଟକ ରହିଥିବା ପୁରୁଷବନ୍ଧୁ ଜଣକ ହେଉଛି ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଗରୁଡବସା ଗ୍ରାମର ଦାମୋଦର ମହାନ୍ତଙ୍କ ପୁଅ କଟି ଓରଫ ଜିତେନ୍ଦ୍ର ମହାନ୍ତ(୩୫) । ସୂଚନା ମୁତାବକ ଶୁକ୍ରବାର ସକାଳ ୧୦ଟା ପାଖାପାଖି ସମୟରେ ଲୁଗା କିଣିବା ପାଇଁ ପୀଡିତା ଘରୁ ବାହାରି ଆସିଥିଲେ କ୍ଷ ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନଫେରିବାରୁ ଘରଲୋକେ ବାରମ୍ବାର ଫୋନ କରିଥିଲେ ସୁଦ୍ଧା ପୀଡିତା ଆଦୌ ଫୋନ ରିସିଭ କରିନଥିଲେ । ଶେଷରେ ବିଳମ୍ବିତ ରାତି ପ୍ରାୟ ୧୨ଟା ପାଖାପାଖି ସମୟରେ ପୀଡିତା ବିବାହିତା ମହିଳାଙ୍କୁ ଗୁରୁତର ଅବସ୍ଥାରେ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ସୁଦ୍ଧା ତାଙ୍କର ମୃତ୍ୟୁ ହୋଇଥିବା ନେଇ ପୁରୁଷ ବନ୍ଧୁ ଅଭିଯୁକ୍ତ କଟି ଓରଫ ଜିତେନ୍ଦ୍ର ଫୋନ ଯୋଗେ ପୀଡ଼ିତାଙ୍କ ଘର ଲୋକଙ୍କୁ ଏ ବାବଦରେ ପ୍ରଥମେ ଖବର ଜଣାଇଥିଲା। ଶନିବାର ସକାଳେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନାକ୍ରମେ ପୁଲିସ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିବା ବେଳେ ପୀଡ଼ିତାଙ୍କ ସ୍ୱାମୀ ଏବଂ ଘର ଲୋକ ମଧ୍ୟ ପହଞ୍ଚିଥିଲେ । ପୀଡ଼ିତାଙ୍କ ମୃତଦେହର ପଞ୍ଚନାମା ସମୟରେ ପୀଡ଼ିତାଙ୍କ ଯୌନାଙ୍ଗରେ ଗଭୀର ଆଘାତଲାଗି ପ୍ରବଳ ରକ୍ତସ୍ରାବ ହୋଇଥିବାର ଦେଖିବାକୁ ପାଇଥିଲେ । ତେବେ ଅଭିଯୁକ୍ତ ଜିତେନ୍ଦ୍ର ହିଁ ଦୁଷ୍କର୍ମ କରି ହତ୍ୟା କରିଥିବା ନେଇ ପୀଡ଼ିତାଙ୍କ ସ୍ୱାମୀ ଏତଲାରେ ଦର୍ଶାଇଛନ୍ତି । ଏନେଇ ବେତନଟୀ ଥାନାଧିକାରୀ କ୍ରିଷ୍ଣା ପିଙ୍ଗୁଆ ୨୭୨/୨୬ନମ୍ବରରେ ଦୁଷ୍କର୍ମ ପରେ ହତ୍ୟାକାଣ୍ଡ ଜନିତ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇଥିବା ବେଳେ ପୁରୁଷବନ୍ଧୁ କଟି ଓରଫ ଜିତେନ୍ଦ୍ରକୁ ଅଟକରଖି ଅଧିକ ପଚରା ଉଚରା ଜାରି ରଖିଛନ୍ତି କ୍ଷ ବେତନଟୀ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ସୁପରିଟେଣ୍ଡେଣ୍ଟ ପଞ୍ଚାନନ ଭୋଇଙ୍କ ପରଲୋକ

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ସୁପରିଟେଣ୍ଡେଣ୍ଟ ପଞ୍ଚାନନ ଭୋଇଙ୍କର ୨୬ତାରିଖ ଦିନ ତାଙ୍କ ଅଇଁଠାପାଲି କରମଟୁଲି ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା । ଗତ ୬ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରର ସମସ୍ତ ସଦସ୍ୟ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ତାଙ୍କର ୨ପୁଅ ଓ ୨ ଝିଅ ଅଛନ୍ତି।



ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସରକାରୀ ଚାକିରୀରେ ଥିଲାବେଳେ ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ଦକ୍ଷତା ପାଇଁ ସେ ସର୍ବାଦୃତ ଥିଲେ। ୨୦୦୨ ମସିହାରେ ଅବସର ଗ୍ରହଣ କରିବା ପରେ ସେ ନିଜକୁ ସମାଜସେବା କ୍ଷେତ୍ରରେ ନିୟୋଜିତ ଥିଲେ। ସମ୍ବଲପୁର ରାଜଘାଟ ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ ପୁଅ ବିଶ୍ୱଜିତ୍ ମୁଖାଗ୍ନି ଦେଇଥିଲେ।



## ପ୍ରଥମଥର ପାଇଁ ଦିଲ୍ଲୀରେ ଅନୁଷ୍ଠିତ ହୋଇଛି ଆମ ଗଞ୍ଜାମ ପରିବାର ମିଳନ

# ସାମିଲ ହେଲେ ଦିଲ୍ଲୀରେ ରହୁଥିବା ବହୁ ପ୍ରବାସୀ ଓଡିଆ

ନୂଆଦିଲ୍ଲୀ, (ସବ୍ୟୁ): ନୂଆଦିଲ୍ଲୀର ହାଉସ ଖାସ ଜଗନ୍ନାଥ ମନ୍ଦିରରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଯାଇଛି "ଆମ ଗଂଜାମ ପରିବାର" ର ବନ୍ଧୁ ମିଳନ ସମାରୋହ। ଦକ୍ଷିଣ ଓଡିଶା ପ୍ରବାସୀ ପରିବାର ର ଆନୁକୂଲ୍ୟ ରେ ଏହି ସମାରୋହ ପାଳନ କରାଯାଇଛି। ଏଥିରେ ଦକ୍ଷିଣ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସି ଦିଲ୍ଲୀରେ ବସବାସ କରୁଥିବା ପ୍ରବାସୀ ଓଡିଆ ଏକତ୍ରିତ ହୋଇଥିଲେ। ଦକ୍ଷିଣ ଓଡିଶାର ସଂସ୍କୃତି , ପରମ୍ପରା, ଲୋକ କଳା, ଲୋକ ନୃତ୍ୟ, ହସ୍ତକଳାସ ହସ୍ତଶିଳ୍ପ, ସାହିତ୍ୟ, ପର୍ବ ପର୍ବାଣୀକୁ ଦିଲ୍ଲୀ ସମେତ ବିଶ୍ୱ ରେ ପରିଚିତ କରାଇବା ଲକ୍ଷ୍ୟରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଦିଲ୍ଲୀରେ ରହୁଥିବା ପ୍ରବସୀ ଦକ୍ଷିଣ ଓଡିଆଙ୍କୁ ଏକତ୍ରିତ କରି ଏପରି ଏକ ନୂତନ ପ୍ରୟାସର କଳ୍ପନା କରିଥିଲେ ଶିବାଜୀ ପାତ୍ର । ପରେ ତାଙ୍କ ତତ୍ତ୍ୱାବଧାନ ରେ "ଆମ ଗଂଜାମ" ଗ୍ରୁପ ମାଧ୍ୟମରେ ସମସ୍ତଙ୍କୁ



ଯୋଡି ଦକ୍ଷିଣ ଓଡ଼ିଶା ପ୍ରବାସୀ ପରିବାର ଗଠନ କରାଯାଇଥିଲା। ଏବଂ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା। ପ୍ରଥମ ଥର ପାଇଁ ବହୁ ସଂଖ୍ୟାରେ ଦିଲ୍ଲୀରେ ରହୁଥିବା ପ୍ରବାସୀ ଦକ୍ଷିଣ ଓଡିଶା ବାସୀ ଏକତ୍ରିତ ହୋଇ ପରସ୍ପର ସହିତ ସଂପର୍କ ଏବଂ ପରିଚୟ ର ଆଦାନ ପ୍ରଦାନ କରିଥିଲେ। ମନ୍ଦିରରେ ଗଂଜାମର ଆରାଧ୍ୟ ଦେବୀ ମାଆ ତାରିଣି ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହା ସହ ବ୍ରହ୍ମପୁରରେ ମା ତାରିଣୀ ଙ୍କ ମନ୍ଦିରରେ ମଧ୍ୟ ଏହାକୁ ନେଇ ପୂଜାର୍ଚ୍ଚନା କରିଥିଲେ ସେଠାକାର ପୂଜକ। ଦୀପ ପ୍ରଜ୍ୱଳନ ପରେ ଓଡିଶୀ ନୃତ୍ୟଗୁରୁ ବାଣୀ ମାଧବଙ୍କ ଶିଷ୍ୟ ଓଡିଶୀ ନୃତ୍ୟ କରି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ। ଏହା ପରେ ଦକ୍ଷିଣ ଓଡିଶା ପ୍ରବାସୀ ପରିବାର ର ନାମ କରଣ, ଲକ୍ଷ୍ୟ, ଆଗମୀ ଭବିଷ୍ୟତର କାର୍ଯ୍ୟପନ୍ଥା ସଂପର୍କରେ ଆଲୋଚନା ଏବଂ ମାନସ ମନ୍ଥନ କରାଯାଇଥିଲା । ଏହା ପରେ ସମସ୍ତ ପରସ୍ପର ସହିତ ପରିଚୟର ଆଦାନ ପ୍ରଦାନ ସହ ଏକତ୍ର ପ୍ରସାଦ ସେବନ କରିଥିଲେ।

ସମାରୋହରେ ସମ୍ମାନୀତ ଅତିଥୀ ଭାବେ ଶ୍ରୀ ନୀଳାଚଳ ସେବା ସଂଘର ସଂପାଦକ ରବି ପ୍ରଧାନ, ଅର୍ଗସ ସିଇଓ ପ୍ରକାଶ ସାହୁ, କେନ୍ଦ୍ରୀୟ ଭଣ୍ଡାରର ମୁଖ୍ୟ ପରିଚାଳକ ଆଲୋକ ପାଢୀ, ମନ୍ଦିର କମିଟି ସଭାପତି ଅଶୋକ ପ୍ରଧାନ, ମନ୍ଦିର କମିଟି ସଦସ୍ୟ ଦୀଲ୍ଲପ ସ୍ୱାଇଁ, ଆଇ ଆଇଟି ଦିଲ୍ଲୀ ଡିନ୍ ବି କେ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମାରୋହରେ ଦିଲ୍ଲୀର ପ୍ରବାସୀ ଦକ୍ଷୀଣ ଓଡିଶା ବାସୀ ଡକ୍ଟର ନୀଳାଚଳ ଆଚାର୍ଯ୍ୟ, ଅମୀୟ କୁମାର ସାବତ, ଅମୀତ ମହାରଣା, ବାଣୀ ମାଧବ, ଡକ୍ଟର ନୀତୁଶ୍ରୀ, ଡକ୍ଟର ଅନାମିକା, ଅର୍ଚ୍ଚନା ପରିଡା, ଚକ୍ରପାଣୀ ପରିଡା, ଶିବାଜୀ ପାତ୍ର, ସଂଗ୍ରାମ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସମାରୋହକୁ ସଫଳତା ସହ ସଂପାଦନ କରିଥିଲେ । ମଧୁମିତା ମହାପାତ୍ର ଏବଂ ଶବନମ ଆଦେନୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ବାପ -ଝିଅ ଉପରେ ମାଡିଗଲା ଆମବସ୍

# ଘଟଣା ସ୍ଥଳରେ ଉତ୍ତେଜନା

ଭୁବନେଶ୍ୱର, (ସବ୍ୟୁ) : ମୈତ୍ରୀବିହାର ଥାନା ଅନ୍ତର୍ଗତ ମଞ୍ଚେଶ୍ୱର ରେଲେୱ ଷ୍ଟାଡିୟମ ନିକଟରେ ସ୍କୁଲରୁ ଆସୁଥିବା ବାପ -ଝିଅଙ୍କୁ ଆମବସ୍ ଧକ୍କା ଦେବାରୁ ଦୁହେଁ ଆହାତ ହୋଇଛନ୍ତି । ଏହା ଦେଖି ସ୍ଥାନୀୟ ଲୋକେ ଆମ ବସ୍‌କୁ ଅଟକ ରଖିବା ସହ ପାଟିତୁଣ୍ଡ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲା । ବସ୍ ଓ କଣ୍ଡକଟର -ଡ୍ରାଇଭରଙ୍କୁ ଥାନାକୁ ନେବା ସହ ଆହତ ବାପ -ଝିଅଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ନେଇଥିଲା । ଶନିବାର ପୂର୍ବାହ୍ନ ସ୍କୁଲ ଛୁଟି ସମୟରେ ଆହାତ ବାପା ତାଙ୍କ ଝିଅକୁ ସ୍କୁଲରୁ ସାଙ୍ଗରେ ଧରି ଘରକୁ ଆସୁଥିବା ବେଳେ ଷ୍ଟାଡିୟମ ପାଖରେ ଆମ ବସ୍ ରଙ୍ଗରୁଟରେ ଆସି ତାଙ୍କୁ ଧକ୍କା ଦେଇଥିଲା । ଝିଅ ଗୋଡ ଭାଙ୍ଗିଯିବା ସହ ମୁଣ୍ଡରେ ଆଘାତ ଲାଗିଥିଲା । ବାପାଙ୍କର ଗୋଡରେ ଆଘାତ ଲାଗିଥିବାରୁ ଉଭୟ ଘଟଣାସ୍ଥଳରେ ଅଟକି ରହିଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର କରିବା ସହ ଆମବସ୍‌କୁ ଅଟକ ରଖି ପାଟିତୁଣ୍ଡ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇଁ ପୋଲିସ ପହଞ୍ଚି ଆହାତ ବାପ -ଝିଅଙ୍କୁ ହସ୍ପିଟାଲ ନେବା ସହ ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲା । ବସ୍ ଓ କଣ୍ଡକଟର - ଡ୍ରାଇଭରଙ୍କୁ ପୋଲିସ ଥାନାକୁ ନେଇ ଘଟଣାର ତଦନ୍ତ କରୁଛି । ପିଡବ୍ଲ୍ୟୁଡି କାମ ଦୀର୍ଘ ଦିନ ହେବ ଚାଲିଥିବାରୁ ଯେଉଁଠାରେ ଧକ୍କା ହେଲା ସେଠାରେ ଗାଡି ମଟର ରଙ୍ଗରୁଟରେ ଯିବାଆସିବା କରୁଛି । ରଙ୍ଗରୁଟରେ ଯିବା ଆସିବା କଲେ ମଧ୍ୟ ସତର୍କତା ସହ ଆମବସ୍ ନଯିବାରୁ ବାପ -ଝିଅଙ୍କ ସହ ଧକ୍କା ହେଲା । ଲୋକମାନେ କଣ୍ଡକଟର ଓ ଡ୍ରାଇଭରଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେମାନେ ଯୁକ୍ତିତର୍କ କରିଥିଲେ । ଯାହା ଫଳରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଘଟଣାକୁ ନେଇ ସେହି ରାସ୍ତାରେ କିଛି ସମୟ ଗାଡି ଚଳାଚଳ ବ୍ୟାହତ ହୋଇଥିଲା ।

## ଟାଇମସ୍ ହେଲଥ, ଆଇକନସ୍ ଓଡିଶା-୨୦୨୬

# ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହେଲେ ଡା. ଜୟନ୍ତ ପଣ୍ଡା

କଟକ, (ସ୍ୱପ୍ର) : ସୁନାଧନ୍ୟ ଭେଷଜ ଡାକ୍ତର ଜୟନ୍ତ ପଣ୍ଡାଙ୍କୁ ମିଳିଛି ପୁରସ୍କାର । ଟାଇମସ୍ ହେଲଥ ଆଇକନସ୍ ଓଡିଶା- ୨୦୨୬ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଡ. ପଣ୍ଡାଙ୍କୁ ପୁରସ୍କୃତ କରିଛନ୍ତି । ଡାକ୍ତର ପଣ୍ଡା ଅଧୁନା ଏସ୍‌ସିବି ମେଡିକାଲ କଲେଜ ହସ୍ପିଟାଲର ଭେଷଜ ବିଭାଗରେ କାର୍ଯ୍ୟରତ ଅଛନ୍ତି । ଡାଇବେଟଲୋଜି




ଓ ମେଟାବୋଲିକ୍ ମେଡିସିନ୍‌ରେ ଅନନ୍ୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି ।

### ମଜଲିସ ଅନସାରୁଲ୍ଲାଃର ଫଂଚମ ବାର୍ଷିକ ଇଜତେମା ଉଦ୍‌ଘାଟିତ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ମହିମୁଦାବାଦ ବୃଦ୍ଧା ସଂଗଠନ ମଜଲିସ ଅନସାରୁଲ୍ଲାଃର ଫଂଚମ ବାର୍ଷିକ ଇଜତେମା ସ୍ଥାନୀୟ ମସଜିଦ ନାସିର ଠାରେ ଉଦଘାଟିତ ହୋଇଛି। ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ସଭାପତି ସୈଫୁର ଅହମଦ ଏଥିରେ ପୌରୋହିତ୍ୟ କରିଥିଲେ। କୋରାନ ପାଠ ମହିମୁଦ ଖାଁ କରିଥିବା ବେଳେ ମଜଲିସ ଅନସାରୁଲ୍ଲା ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ଅଜିଜୁଲ୍ଲାଃ ଖାଁ ସଂଗଠନର ଶପଥ ପାଠ କରାଇଥିଲେ। ଓଡିଆ ନଜମ ଓସି ଖାଁ ପରିବେଷଣ କରିଥିଲେ। ବିଶ୍ୱବ୍ୟାପୀ ଅହମଦୀୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦଙ୍କ ବାର୍ତା ପଢି ଶୁଣାଇଥିଲେ ମୌଲାନା ଅଖତରୁଦ୍ଦିନ ଖାଁ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଇନଚାର୍ଜ ମୌଲାନା ହଲିମ ଅହମଦ ଯୋଗଦେଇ ମଜଲିସ ଅନସାରୁଲ୍ଲାଃ ସଂଗଠନ ପ୍ରତିଷ୍ଠା ହେବାର ଉଦ୍ଦେଶ୍ୟ ବିଷୟରେ ମତାମତ ରଖିଥିଲେ। ସଭାପତିତ୍ୱ ଭାଷଣରେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ସଭାପତି ସୈଫୁର ଅହମଦ ମଜଲିସ ଅନସାରୁଲ୍ଲାଃ ସଂଗଠନର କର୍ମକର୍ତାଙ୍କ ଦାୟିତ୍ୱ ଓ ଇଜତେମାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଇଜତେମା ଦୁଇ ଦିନ ଧରି ଚାଲିବ। ଏଥିରେ ବିଭିନ୍ନ ଧାର୍ମିକ ପ୍ରତିଯୋଗିତା ଓ କ୍ରୀଡା ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି।

## ଏମ୍ସ ହସ୍ପିଟାଲରେ ରୋଗୀଙ୍କ ମୃତ୍ୟୁ

# ଚିକିତ୍ସା ଅବହେଳା ଅଭିଯୋଗରେ ଡାକ୍ତରଙ୍କୁ ଆକ୍ରମଣ

ଭୁବନେଶ୍ୱର, (ସବ୍ୟୁ) : ଏମ୍ସ ହସ୍ପିଟାଲରେ ଚିକିସିତ ହେଉଥିବା ଜଣେ ରୋଗୀଙ୍କ ମୃତ୍ୟୁ ହେବା ପରେ ସମ୍ପର୍କୀୟମାନେ ଚିକିସା ଅବହେଳା ଅଭିଯୋଗ କରି ଡାକ୍ତରଙ୍କୁ ଆକ୍ରମଣ କରିଥିଲେ । ଏହାଦ୍ୱାରା ହସ୍ପିଟାଲ କର୍ମଚାରୀ ଓ ଉତ୍ତେଜିତ ସମ୍ପର୍କୀୟଙ୍କ ମଧ୍ୟରେ ବାକ୍‌ବେତଣ୍ଡା ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚିଲା । ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ସହ ଥାନାକୁ ଆଣି ପଚରାଉଚରା କରିଛି । ଚିକିସା କରୁଥିବା ଡାକ୍ତରଙ୍କ ବୟାନ ମଧ୍ୟ ରେକର୍ଡ ହୋଇଛି । ଯାଆଁଳା ଓଗାଳପଡାର ଶିବରାମ ବେହେରାଙ୍କୁ ସାପ କାମୁଡି ଥିଲା । ସେ ଚିକିସା ପାଇଁ ୩ ଦିନ ତଳେ ଏମ୍ସ ହସ୍ପିଟାଲକୁ ଆସିଥିଲେ । ହସ୍ପିଟାଲ ମେଡିସିନ୍ ୱାର୍ଡରେ ଚିକିସିତ ହେଉଥିବା ବେଳେ

### ତୀବ୍ର ଉତ୍ତେଜନା, ଫୋର୍ସ ମୁତୟନ

ଶନିବାର ତାଙ୍କର ମୃତ୍ୟୁ ହେଲା । ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ୍ ପାଇର୍ ବଳରାମଙ୍କର ମୃତ୍ୟୁ ହେଲା ବୋଲି ସମ୍ପର୍କୀୟମାନେ ଅଭିଯୋଗ କରି ଡାକ୍ତରଙ୍କୁ ଆକ୍ରମଣ କଲେ । ଯାହା ଫଳରେ ସମ୍ପର୍କୀୟ ଓ ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଲା । ଉତ୍ତେଜନା ପ୍ରକାଶ ପାଇବାରୁ ଅନ୍ୟ ରୋଗୀମାନେ ପ୍ରଭାବିତ ହୋଇ ପୋଲିସଙ୍କୁ ଖବର କଲେ । ପୋଲିସ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବାସହ ଥାନାକୁ ଆଣିଥିଲା । ଅଭିଯୋଗକାରୀ ଡାକ୍ତରଙ୍କୁ ପଚରାଉଚରା କରି ତାଙ୍କ ବୟାନ ରେକର୍ଡ କରିଛି । ଉତ୍ତେଜନାକୁ ଦୃଷ୍ଟିରେ ରଖି ଏମ୍ସ ପରିସରରେ ଫୋର୍ସ ମୁତୟନ କରାଯାଇଛି ।

# ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଉଦ୍ୟମି ଓଡ଼ିଶା ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ମେଳା ଉଦଘାଟିତ

ଭୁବନେଶ୍ୱର (ସବ୍ୟୁ): ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ଉପଲକ୍ଷେ ଶନିବାର ସନ୍ଧ୍ୟାରେ ପୁରୀ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ନୀଳାଚଳ ଅର୍ବାନ ହାଟ ପରିସରରେ ଏମ୍‌ଏସ୍‌ଏମ୍‌ଇ ମେଳା ଉଦଘାଟିତ ହୋଇଯାଇଛି। ଏହି ମେଳାକୁ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ରିବନ୍ କାଟି ଉଦ୍ଘାଟନ କରିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ପୁରୀର ସାଧାରଣ ପରିଚାଳକ ମାନସ ରଞ୍ଜନ ବାରିକ ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଯୁବ ଉଦ୍ୟୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ ଅନିଲ କୁମାର ଭୋଇ, ନୀଳାଚଳ କାଜୁ କ୍ଲଷ୍ଟର ବ୍ରହ୍ମଗିରି ସମ୍ପାଦକ ରାକେଶ କୁମାର ମହାନ୍ତି, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଏଏସଏମି ବ୍ରାଞ୍ଚର ମୁଖ୍ୟ ପରିଚାଳକ ଶିବବ୍ରତ



ଶତପଥୀ, ପ୍ରିମିୟମ ଇଣ୍ଡଷ୍ଟ୍ରିଜ ର ପ୍ରତିଷ୍ଠାତା ବିଭୁ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଭିଜ୍ଞତା ପ୍ରକାଶ କରିଥିଲେ। ପ୍ରକାଶ ଥାଉ କି ଏହି ମେଳା ଜୁନ୍ ୨୭ ରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ସକାଳ ୧୦ ଟା ରାତି ୯ ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ଖୋଲା ରହିବ ସହ ଏଥିରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ଷ୍ଟଲ ଉପସ୍ଥାପିତ କରାଯାଇଛି। ଉକ୍ତ ମେଳାକୁ ଜିଲ୍ଲା ଶିଳ୍ପ କେନ୍ଦ୍ର ପୁରୀ ର ଶିଳ୍ପ ଅଧିକାରୀ ଲଳିତ ରଞ୍ଜନ ପ୍ରଧାନ, ନିର୍ମଳ ମହାରଣା, ଭରତ କୁମାର ସେଠୀ, ସହକାରୀ ଶିଳ୍ପ ଅଧିକାରୀ ରାକେଶ କୁମାର ମହାନ୍ତି, ଲୋପାମୁଦ୍ରା ଗୌଡ, ସାଧନା ଲୋହାର, ଶ୍ରୀୟା ନାୟକ, ହିମାଂଶୁ ଶେଖର ନାୟକ ଏବଂ ସମସ୍ତ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଆଇଏସ୍‌ଟିଡି ଭୁବନେଶ୍ୱର ଚାପ୍ଟର ର ବାର୍ଷିକ ସାଧାରଣ ସଭା

ଭୁବନେଶ୍ୱର (ସବ୍ୟୁ): ଇଣ୍ଡିଆନ ସୋସାଇଟି ଫର୍ ଟ୍ରେନିଂ ଆଣ୍ଡ ଡେଭେଲପମେଣ୍ଟ, ଭୁବନେଶ୍ୱର ଚାପ୍ଟରର ବାର୍ଷିକ ସାଧାରଣ ସଭା ପାୱାର ଟ୍ରେନିଂ ସେଣ୍ଟର କନଫରେନ୍ସ ହଲ୍, ଓପିଟିସିଏଲ୍, ଚନ୍ଦକା, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ଅଧକ୍ଷ ଡଃ ପି. କେ. ମହାନ୍ତିଙ୍କ ସ୍ୱାଗତ ଭାଷଣ ଦେବା ସହ ସଂସ୍ଥାର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ ଏବଂ ଆଇଏସ୍‌ଟିଡିର ଜାତୀୟ କୋଷାଧକ୍ଷ ଶ୍ରୀ ଏନ୍. ପାଣିଙ୍କ ଅଭିଭାଷଣ ଅନୁଷ୍ଠିତ ହୋଇଥିଲା ଏହାପରେ ସମ୍ପାଦକ ଡଃ



ପରେଶ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ଏବଂ କୋଷାଧକ୍ଷ ଅବିନାଶ ପ୍ରଧାନ ଆର୍ଥିକ ବର୍ଷ ୨୦୨୫ - ୨୬ ର ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଶିକ୍ଷା କ୍ଷେତ୍ରରେ ତଥା ଆଇଏସ୍‌ଟିଡି ପ୍ରତି ଥିବା ଅବଦାନ ପାଇଁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ର କୁଳପତି ପ୍ରଫେସର (ଡଃ) ସନ୍ତୋଷ କୁମାର ତ୍ରିପାଠୀ ଏବଂ ଜଗଦଗୁରୁ କୃପାଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରବିନାରାୟଣ ଶତପଥୀ ଏବଂ ଡଃ ତାପସ କୁମାର ପଟ୍ଟନାୟକ (ନିର୍ଦ୍ଦେଶକ– ମାନବ ସମ୍ବଳ,ନାଲ୍‌କୋ) ଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ପ୍ରଦାନକରାଯାଇଥିଲା ଏହାପରେ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ, ସହ-ଅଧକ୍ଷା ଶ୍ରୀମତୀ ଅନିତା ମହାପାତ୍ରଙ୍କ ଧନ୍ୟବାଦ ଅର୍ପଣ ଏବଂ ସୌଜନ୍ୟମୂଳକ ଆଲୋଚନା ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

# ପିକ୍‌ଅପ୍ ସହ ଦେଶୀ ମଦ ଜବତ , ଜଣେ ଗିରଫ

ସୋର,(ସବ୍ୟୁ) :ସୋର ଅବକାରୀ ବିଭାଗ ପକ୍ଷରୁ ବର୍ଛିଗଡିଆ ଗ୍ରାମରେ ଚଢ଼ାଉ କରାଯାଇ ପିକଅପ ସହ ବିପୁଳ ପରିମାଣର ଦେଶୀମଦ ଜବତ କରାଯିବା ସହିତ ଜଣଙ୍କୁ ଗିରଫ କରାଯାଇଛି । ଶୁକ୍ରବାର ସଂଧ୍ୟାରେ ଓଆର ୦୧ଏନ ୧୯୪୩ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ୍ ଭ୍ୟାନରେ ନୀଳଗିରିରୁ ସୋର ଅଭିମୁଖେ ଦେଶୀମଦ ଚୋରା ଚାଲାଣ ହେଉଥିବା କୌଣସି ସୁତ୍ରରୁ ଜାଣି ପାରି ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ୍ ସହ ଚଢ଼ାଉ କରିଥିଲେ ।ଚଢ଼ାଉ ସମୟରେ ପିକ୍‌ଅପ୍‌ରେ ୧୫ଶହ ଲିଟରରୁ ଅଧିକ ମଦ ଚାଲାଣ ହେଉଥିବା ଜାଣିପାରି ପିକଅପ ସହ ଦେଶୀମଦ ଜବତ କରିବା ସହିତ ଏହାର ଚାଳକ ପୂର୍ଣ୍ଣଚନ୍ଦ୍ର ସିଂକୁ ଗିରଫ କରିଥିଲେ । ଶନିବାର ପୂର୍ଣ୍ଣକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି ।ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ,କ୍ଷିରୋଦ କୁମାର ସାହୁ, କନେଷ୍ଟବଳ ମିନତୀ ପରିଡା ସାମିଲ ଥିଲେ ।

# ଉତ୍କଳମଣୀ ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଭୁବନେଶ୍ୱର (ସବ୍ୟୁ): ବୟସ୍କ ନାଗରିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ସମୟୋପଯୋଗୀ ଚିକିତ୍ସା ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱକୁ



ଆଗରେ ରଖି ୨୭.୦୬.୨୦୨୬ ତାରିଖରେ ଉତ୍କଳମଣି ଗୋପବନ୍ଧୁ ଆଦର୍ଶ ବୃଦ୍ଧାଶ୍ରମର ବାସିନ୍ଦାମାନଙ୍କ ପାଇଁ ଏକ ବୟସ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ଏହି ସେବାମୂଳକ କାର୍ଯ୍ୟକ୍ରମଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ପରିଚାଳିତ ହୋଇଥିଲା। ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ବୃଦ୍ଧାଶ୍ରମରେ ରହୁଥିବା ବୟସ୍କ ନାଗରିକମାନଙ୍କର ସ୍ୱାସ୍ଥ୍ୟସ୍ଥିତିର ନିକଟ ମୂଲ୍ୟାଙ୍କନ କରି ସେମାନଙ୍କୁ ଆବଶ୍ୟକ ଚିକିତ୍ସା ପରାମର୍ଶ ଓ ଔଷଧ ସୁବିଧା ଯୋଗାଇବା। ବୟସ୍କ ଲୋକମାନଙ୍କ ମଧ୍ୟରେ ଉଚ୍ଚ ରକ୍ତଚାପ, ମଧୁମେହ, ହାଡ଼ ଯନ୍ତ୍ରଣା, ଦୃଷ୍ଟି ସମସ୍ୟା, ଦୁର୍ବଳତା ଓ ଅନ୍ୟାନ୍ୟ ଦୀର୍ଘକାଳୀନ ରୋଗ ଦେଖାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ବୃଦ୍ଧମାନଙ୍କ ପାଇଁ ବିଶେଷ ଭାବରେ ଏହି ସ୍ୱାସ୍ଥ୍ୟ ଶିବିରର ବ୍ୟବସ୍ଥା କରାଯାଇଥିଲା। ଶିବିରରେ ଡାକ୍ତର ଲକ୍ଷ୍ମଣ କୁମାର ବେହେରା ଉପସ୍ଥିତ ରହି ବୃଦ୍ଧମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ପ୍ରତ୍ୟେକ ବୟସ୍କଙ୍କ ସହ ଆଲୋଚନା କରି ସେମାନଙ୍କର ଶାରୀରିକ ସମସ୍ୟା, ରୋଗର ଇତିହାସ ଓ ବର୍ତ୍ତମାନର ସ୍ୱାସ୍ଥ୍ୟ ସ୍ଥିତି ବିଷୟରେ ଜାଣିଥିଲେ। ପରେ ଆବଶ୍ୟକତା ଅନୁଯାୟୀ ଉଚିତ ପରାମର୍ଶ ଓ ଚିକିତ୍ସା ସୁପାରିଶ ପ୍ରଦାନ କରିଥିଲେ। ସେ ବୟସ୍କମାନଙ୍କୁ ନିୟମିତ ଔଷଧ ସେବନ, ସନ୍ତୁଳିତ ଖାଦ୍ୟ ଓ ହାଲୁକା ବ୍ୟାୟାମର ଗୁରୁତ୍ୱ ବିଷୟରେ ସଚେତନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ସଫଳ କରିବାରେ ଜନସ୍ୱାସ୍ଥ୍ୟ ପରିଚାଳିକା ପୂର୍ଣ୍ଣିମା ସାହୁ, ନିଲୁ ଖୁଣ୍ଟିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ଶିବିରରେ ଫାର୍ମାସିଷ୍ଟ ରଘୁନାଥ ହାଜିରା ଆବଶ୍ୟକ ଔଷଧ ବଣ୍ଟନ କରିବା ସହ ବୃଦ୍ଧମାନଙ୍କୁ ଔଷଧ ସେବନ ପ୍ରକ୍ରିୟା ବିଷୟରେ ଜଣାଇଥିଲେ।

### ହୋଟେଲରେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ : ମ୍ୟାନେଜର ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗରେ ପୋଲିସ ମ୍ୟାନେଜର ଜୟନ୍ତ କୁମାର ନାୟକଙ୍କୁ ଗିରଫ କରିଛି । ପଶ୍ଚିମବଙ୍ଗର ଜଣେ ଯୁବତୀ ତାଙ୍କ ପୁରୁଷବନ୍ଧୁଙ୍କ ସହ ଆସି ଭରତପୁର ଥାନା ଅଞ୍ଚଳର ଜିଏ କଲୋନୀରେ ଥିବା ଶତାବ୍ଦୀ ହୋଟେଲରେ ରହିଥିଲେ । ପୁରୁଷବନ୍ଧୁ କୌଣସି କାମରେ ବାହାରକୁ ଯାଇଥିବା ବେଳେ ଯୁବତୀ ଜଣକ ଅସୁସ୍ଥତା ଅନୁଭବ କରି ତାଙ୍କୁ ଫୋନ କରିଥିଲେ । ସେ ହୋଟେଲ ମ୍ୟାନେଜରଙ୍କୁ ଫୋନ କରି ଘଟଣା ସମ୍ପର୍କରେ କହିବାରୁ ଅଭିଯୁକ୍ତ ମ୍ୟାନେଜର ହୋଟେଲ ରୁମରେ ଥିବା ଯୁବତୀଙ୍କ ପାଖକୁ ଯାଇଥିଲେ । ଯୁବତୀଙ୍କ ଅବସ୍ଥା ଦେଖି ମ୍ୟାନେଜର ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବାକୁ ଉଭୟ ପେଲାଠେଲା ହୋଇଥିଲେ । ଏହାପରେ ପୀଡିତା ଯୁବତୀ ପୋଲିସକୁ ଫୋନ କରି କହିବା ସହ ପୁରୁଷବନ୍ଧୁଙ୍କୁ ଜଣାଇଥିଲେ । ପୋଲିସ ସେହି ହୋଟେଲରେ ପହଞ୍ଚି ଯୁବତୀଙ୍କୁ ଥାନାକୁ ଆଣିବା ସହ ଅଭିଯୋଗ ଆଧାରରେ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ । ସିସିଟିଭି ଫୁଟେଜରୁ ମ୍ୟାନେଜର ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଜଣାପଡିଥିଲା । ପୋଲିସ ମ୍ୟାନେଜରଙ୍କୁ ତଲାସିବାରୁ ସେ ଫେରାର ହୋଇଯାଇଥିବା ଜାଣି ହୋଟେଲ ବାହାରେ ଖୋଜଖବର କରାଯାଇଥିଲା । ଶେଷରେ ମ୍ୟାନେଜରକୁ ପୋଲିସ ଗିରଫ କରିଥିଲା । ଉଭୟଙ୍କୁ ଡାକ୍ତରୀ ମାଇନା ପାଇଁ ନିଆଯାଇଥିଲା । ଦୁଷ୍କର୍ମ ଉଦ୍ୟମ ଅଭିଯୋଗ ହୋଇଥିଲେ ମଧ୍ୟ ବାସ୍ତବରେ ଘଟଣା କ'ଣ ହୋଇଛି ଡାକ୍ତରୀ ମାଇନାରୁ ଜଣାପଡିବ ବୋଲି ପୋଲିସ କହିଛି ।

# ପ୍ରବାସୀ ଭାରତୀୟ କଂଗ୍ରେସ ଓଡ଼ିଆ ସେଲର ପ୍ରଥମ କୋର ଗ୍ରୁପ ବୈଠକ

ଭୁବନେଶ୍ୱର,(ସବ୍ୟୁ): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ, ଓଡ଼ିଶା ପ୍ରଦେଶ କଂଗ୍ରେସର ଭାରତୀୟ ପ୍ରବାସୀ କଂଗ୍ରେସ/ଓସିଆଇ/ଏନଆରଆଇ/ ଏନଆରଓ ସେଲ୍ ଭୁବନେଶ୍ୱରରେ ପ୍ରଥମ ବୈଠକ ଆୟୋଜନ କରିଥିଲା । ଯାହା ପ୍ରବାସୀ ଭାରତୀୟ, ଏନଆରଓ ଏବଂ ଭାରତୀୟ ବଂଶୋଦ୍ଭବ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ପିସିସି ସଭାପତି ଭକ୍ତ ଚରଣ ଦାସ ବୈଠକରେ ନିଜ ଅଭିଭାଷଣରେ ଭାରତ ସମ୍ମୁଖୀନ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସେ ସୂଚିତ କରିଥିଲେ ଯେ, ବର୍ତ୍ତମାନର ବିଶ୍ୱ ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ ପରିସ୍ଥିତି ପ୍ରାୟ ସମସ୍ତ କ୍ଷେତ୍ରରେ ଏକ ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରୁଛି । ସେ କହିଛନ୍ତି ଯେ, ଭାରତ ଏହି ସମସ୍ତ ପ୍ରଭାବରୁ ପୃଥକ ନୁହେଁ ଏବଂ ଫଳସ୍ୱରୂପ, ଭାରତୀୟମାନେ ମୁଖ୍ୟତଃ ପ୍ରବାସୀ ଭାରତୀୟ ଏବଂ ବିଦେଶରେ ରହି କାମ କରୁଥିବା ଏନଆରଓମାନେ ସେମାନଙ୍କ ନିଜ ନିଜ ଦେଶରେ ଏବଂ ଭାରତରେ ସେମାନଙ୍କ ପରିବାରରେ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି । ଏହି ପରିପ୍ରେକ୍ଷୀରେ ଏହି ନୂତନ ସୃଷ୍ଟି ହୋଇଥିବା ଅସୁବିଧାର ସମାଧାନ ପାଇଁ ଆଲୋଚନା ଏବଂ ସମ୍ଭବ ସମାଧାନ ଖୋଜିବା ପାଇଁ ସେମାନଙ୍କ ନିଜ ନିଜ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସହିତ ଏହି ବୈଠକ ଡକାଯାଇଥିଲା ।

ସେଲର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ ତାଙ୍କ ସ୍ୱାଗତ ଭାଷଣ ଦେଇଥିଲେ । ସେ କହିଥିଲେ ଯେ, ସେଲର କର୍ତ୍ତବ୍ୟ ହେଉଛି ସେମାନେ




ଦେଶର ଏବଂ ବିଶେଷକରି ଓଡ଼ିଶାରେ ଅଣ-ଆବାସିକ ଓଡ଼ିଆଙ୍କ ସ୍ୱାର୍ଥର ଯତ୍ନ ନେବା । ସେମାନେ ସମ୍ମୁଖୀନ ହେଉଥିବା ବିଷୟଗୁଡ଼ିକ ସୁରକ୍ଷା, ଭିସା, ସ୍ୱଦେଶ ପ୍ରତ୍ୟାବର୍ତ୍ତନ, ଭାରତ/ଓଡିଶାରେ ସେମାନଙ୍କ ପିଲାମାନଙ୍କ ପାଇଁ ଶିକ୍ଷା, ଘରେ ରହୁଥିବା ସେମାନଙ୍କ ପିତାମାତାଙ୍କ ସ୍ୱାସ୍ଥ୍ୟସେବା, ସାଧାରଣତଃ ଭାରତରେ ଏବଂ ବିଶେଷକରି ଓଡ଼ିଶାରେ ସେମାନଙ୍କର ଆର୍ଥିକ ଏବଂ ନିବେଶ ସ୍ୱାର୍ଥ ଇତ୍ୟାଦି ବିଷୟଗୁଡ଼ିକୁ କଭର କରିବ । ଅନ୍ୟମାନଙ୍କ ମଧ୍ୟରେ, ହରିବନ୍ଧୁ ପାଢ଼ୀ, ଉପାଧ୍ୟକ୍ଷ ଏବଂ ସେଲର ସଂଯୋଜକ ଗୋପାଳ ଖଣ୍ଡେଲୱାଲ, ପୂର୍ବତନ ବିଧାୟକ ଗ୍ରେଗୋରୀ ମିଞ୍ଜ୍, ପୂର୍ବତନ ବିଧାୟକ ରଞ୍ଜିତ ଭିତିରିଆ, ଆଇନଜୀବୀ ମହମ୍ମଦ ଜିଆଉଲ ହକ୍, ଟ୍ରେଡ୍‌ୟୁନିଅନ୍ ନେତା, ସମାଜସେବୀ ଅନିଲ ଧୀର, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଚିନ୍ମୟ ସୁନ୍ଦର ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ, ଆଶିଷ ପାଲ, ଜ୍ଞାନେନ୍ଦ୍ର ପାନି, ଶୁଭଦୀପ ବ୍ରହ୍ମା ଏବଂ ଅନେକ ପ୍ରମୁଖ ବ୍ୟକ୍ତିତ୍ୱ ଉପସ୍ଥିତ ଥିଲେ ଏବଂ ସେମାନଙ୍କର ଚିନ୍ତାଧାରା ପ୍ରକାଶ କରିଥିଲେ ।

# ଡ. ଶ୍ୱେତ କୁମାର ଦାସଙ୍କୁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

ବ୍ରହ୍ମପୁର, (ସବ୍ୟୁ) : ଜାତୀୟ ପତାକା "ତ୍ରିରଙ୍ଗା"ର ମୂଲ୍ୟବୋଧ ଓ ସମାଜରେ ଏହାପ୍ରତି ରହିଥିବା ଦାୟିତ୍ୱବୋଧକୁ ଅତି ସୁନ୍ଦର ଭାବେ କ୍ଷୁଦ୍ର ଚଳଚ୍ଚିତ୍ର "ମାଇ ନ୍ୟାସନାଲ ଫ୍ଲାଗ"ରେ ପରିପ୍ରକାଶ କରିଛନ୍ତି । ଗଞ୍ଜାମର ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ତଥା ପ୍ରଶ୍ନ ପ୍ରଶାସନିକ ଅଧିକାରୀ ଡ. ଶ୍ୱେତ କୁମାର ଦାସ ଓ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ହୋଇଛନ୍ତି । ବହୁ ଜାତୀୟ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରକୁ ଶିକ୍ଷାଭିତ୍ତିକ ଚଳଚ୍ଚିତ୍ର ବର୍ଗରେ ଶ୍ରେଷ୍ଠ "ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର' ମିଳିଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଲୋକସେବା




ଭବନ କନଭେନସନ ହଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରସ୍କୃତ କରିଛନ୍ତି । ଏଥିରେ ଜଣେ ଦିବ୍ୟାଙ୍ଗ କିପରି ଦେଶମାତୃକା ଓ ଜାତୀୟ ପତାକା ପ୍ରତି ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ପାଳନ କରୁଛି, ତାହାକୁ ଅତି ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଡ. ଶ୍ୱେତ କୁମାର ଦାସ ବର୍ତ୍ତମାନ ଏମକେସିଜି ମେଡିକାଲର ରେଜିଷ୍ଟ୍ରାର ଦାୟିତ୍ୱରେ ଅଛନ୍ତି । ଅଦ୍ୟାବଧି ସେ ନିର୍ମାଣ କରିଥିବା ଚଳଚ୍ଚିତ୍ରଗୁଡ଼ିକ ୫ଟି ରାଜ୍ୟ, ଗୋଟିଏ ଗୋଟିଏ ଜାତୀୟ ଓ ୫୦ରୁ ଅଧିକ ଅନ୍ତର୍ଜାତୀୟ ଅନ୍ତର୍ଜାତୀୟ ଚଳ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛି । ସାମାଜିକ ମୂଲ୍ୟବୋଧ ସହ ଶିକ୍ଷା ଭିତ୍ତିକ ପ୍ରସଙ୍ଗକୁ ନେଇ ସେ ଏହି ସବୁ ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି। ଆଗାମୀ ଦିନରେ ଜଳବାୟୁ ସଂପର୍କିତ ଏକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ସେ ଯୋଜନା ରଖିଥିବା ପ୍ରକାଶ କରିଛନ୍ତି ।

## ରାଜ୍ୟର ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଭାବେ ପୁରସ୍କୃତ ହେଲେ ଲତାସା ଖୁରାନା

ବାରିପଦା, (ସବ୍ୟୁ) : ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ୨୦୨୪ ଜୁନ୍ ୨୬ତାରିଖ ସନ୍ଧ୍ୟାରେ କନଭେନସନ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବାରିପଦାର ଲତାସା ଖୁରାନା ରାଜ୍ୟର ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଭାବେ ସନମାନିତ ହୋଇଥିଲେ। ଏହି ସନମାନ ତାଙ୍କୁ ଶ୍ରୀତମ ଦାସଙ୍କ ନିର୍ଦ୍ଦେଶନା ଚଳଚ୍ଚିତ୍ର "ତୁମ ବିନା ପାଇଁ ମିଳିଅଛି।

ଲତାସା ଖୁରାନା ବହୁ ଚଳଚ୍ଚିତ୍ର, ସିରିଏଲ, ମ୍ୟୁଜିକ ଭିଡିଓ, ଡାନ୍ସ କମ୍ପିଟିସନ, ରିୟଲିଟି ସୋରେ ଅଂଶଗ୍ରହଣ କରି ବହୁବାର ବାରିପଦା ଏବଂ ମୟୂରଭଞ୍ଜ ଜିଲ୍ଲାର ଟେକ ରଖିଥିବା ବେଳେ ଏଭଳି ଏକ ଗୌରବ ମୁହୂର୍ତ୍ତ ସମସ୍ତଙ୍କୁ ଆନନ୍ଦିତ ଏବଂ ଗର୍ବିତ କରିଛି। ବାରିପଦା ସହରର ଲାଲବଜାର ନିବାସୀ ଅଙ୍କୁର ଖୁରାନା ଏବଂ କିରଣ ଖୁରାନାଙ୍କ ଏକମାତ୍ର କନ୍ୟା ଲତାଶା ଖୁରାନା ଯିଏକି ବର୍ତ୍ତମାନ ସିକ୍ରେଟ ସନସାଇନ ସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ତାଙ୍କର ଏହି ଭଳି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ଶ୍ରେଷ୍ଠ ଶିଶୁ ଅଭିନେତ୍ରୀ ଭାବେ ସନମାନିତ



ହେବା ଜିଲ୍ଲା ପାଇଁ ଏକ ଗୌରବର ବିଷୟ ହେବା ସହିତ ବହୁ ଶିଶୁ କଳାକାରଙ୍କୁ ପ୍ରେରଣା ମଧ୍ୟ ଦେଇଛି ।

## ଋଣ ପ୍ରଦାନ ଆଳରେ ଠକେଇ, ଅଭିଯୁକ୍ତ ଗିରଫ

ଆସିକା, (ସବ୍ୟୁ) : ବୈଧ ଋଣ ପ୍ରଦାନ ଲାଇସେନ୍ସ ନଥାଇ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଖାଇ ନିରୀହ ଲୋକମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କର ମୋଟର ସାଇକେଲ, ଗାଡ଼ିର ରେଜିଷ୍ଟ୍ରେସନ କାଗଜପତ୍ର, ସ୍ୱାକ୍ଷରିତ ଖାଲି ଷ୍ଟାମ୍ପ ପେପର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀକୁ ବନ୍ଧକ ସ୍ୱରୂପ ଗ୍ରହଣ କରି ଉଚ୍ଚ ସୁଧ ହାରରେ ଋଣ ପ୍ରଦାନ କରୁଥିବା ଅଭିଯୋଗରେ ଆସିକା ପୋଲିସ ମାମୁଡିହ ଗ୍ରାମର ଲକ୍ଷ୍ମଣ କୁମାର ପାଣିକୁ ଗିରଫ କରଛି । ଏନେଇ ଥାନାର ଭାରପ୍ରାପ୍ତ ଏସଡିପିଓ ଗିରିଜା ନନ୍ଦନ ପଟ୍ଟନାୟକ ଓ ଭାରପ୍ରାପ୍ତ ଥାନା ଅଧିକାରୀ ସୁଧୀର ସାହୁ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଠାରୁ ପୋଲିସ ୧୭ ଟି ମୋଟର ସାଇକେଲ ଓ ଏହାର କାଗଜପତ୍ର ୧୮ ଟିମୋବାଇଲ୍ ଫୋନ ଓ ୩୦ ହଜାର ନଗଦ ଟଙ୍କା, ୧୫ ଏଟିଏମ୍ କାର୍ଡ ଓ ୧୫ ଟି ଡ୍ରାଇଭିଙ୍ଗ ଲାଇସେନ୍ସକୁ ମଧ୍ୟ ଜବତ କରିଥିବା ପୋଲିସ ସୂତ୍ରରୁ ଜଣା ପଡିଛି । ମାମୁଡିହ ଗ୍ରାମର ଗୋବିନ୍ଦ ନାଇକଙ୍କ ଅଭିଯୋଗକୁ ନେଇ ଥାନା କେସ ନମ୍ବର- ୩୩୯/୨୦୨୬ରେ ଲକ୍ଷ୍ମଣ କୁମାରଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ତଦନ୍ତରେ ପୋଲିସ ଲକ୍ଷ୍ମଣ ନିଜ ଗ୍ରାମ ସମେତ ଆଖପାଖ ଗ୍ରାମର ଗରୀବ ଲୋକଙ୍କୁ ସେମାନଙ୍କର ଗରିବୀର ସୁଯୋଗ ନେଇ ଲକ୍ଷ୍ମଣ ଷ୍ଟାମ୍ପ କାଗଜରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବନ୍ଧକ ରଖୁଥିଲା । ପରବର୍ତ୍ତୀ ସମୟରେ ବନ୍ଧକ ସମ୍ପର୍କିତ ଚୁକ୍ତିର ସର୍ତ୍ତାବଳୀ ଉଲ୍ଲଂଘନ କରି ସେ ଉକ୍ତ ସାମଗ୍ରୀଗୁଡ଼ିକୁ ଫେରସ୍ତ କରିବାକୁ ସେ ମନା କରୁଥିଲେ । ବନ୍ଧକ ସାମଗ୍ରୀ ହରାଇବାର ଭୟରେ ପୀଡ଼ିତ ବ୍ୟକ୍ତିମାନେ ବାଧ ହୋଇ ଉଚ୍ଚ ସୁଧ ହାରରେ ଋଣ ପରିଶୋଧ କରୁଥିଲେ । ଏହିପରି ଭାବରେ ଅଭିଯୁକ୍ତ ଆରମ୍ଭରୁ ହିଁ ପ୍ରତାରଣା କରିବାର ଅସାଧୁ ଉଦ୍ଦେଶ୍ୟ ରଖି ନିରୀହ ଲୋକମାନଙ୍କୁ ମିଥ୍ୟା ପ୍ରଲୋଭନ ଦେଇ ସେମାନଙ୍କର ମୂଲ୍ୟବାନ ସାମଗ୍ରୀ ହାତେଇ ନେଉଥିଲେ ଏବଂ ପରେ ସେଗୁଡ଼ିକୁ ଅସାଧୁ ଭାବରେ ଆତ୍ମସାତ କରୁଥିବା ପୋଲସ କହିଛି । ଯାହା ଭାରପ୍ରାପ୍ତ ଥାନା ଅଧିକାରୀ ସୁଧୀର ସାହୁ କହିଛନ୍ତି । ଅଭିଯୁକ୍ତ ଲକ୍ଷ୍ମଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଛାତ୍ର ସମସ୍ୟାକୁ ନେଇ ବାରିପଦାରେ କଂଗ୍ରେସର 'ଛାତ୍ର କି ଗୁଞ୍ଜ' କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ସାହୁ କଲ୍ୟାଣ ମଣ୍ଡପରେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ (ପୂର୍ବ ଭାଗ) ପକ୍ଷରୁ "ଛାତ୍ର କି ଗୁଞ୍ଜ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ କଂଗ୍ରେସ କର୍ମୀ ଯୋଗଦେଇ ଛାତ୍ର ସମସ୍ୟା ନେଇ ମତ ପ୍ରକାଶ କରିଥିଲେ ।

କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ପୂର୍ବତନ କଂଗ୍ରେସ ସଭାପତି ସଞ୍ଜୀବ ଗିରି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ଶାସନ କାଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷା, ନିଯୁକ୍ତି ଓ ଭବିଷ୍ୟତକୁ ନେଇ ଅସନ୍ତୋଷ ବଢ଼ିଥିବା ଅଭିଯୋଗ କରିଥିଲେ ।

ସେ କହିଥିଲେ, ବର୍ତ୍ତମାନର ପରିସ୍ଥିତିରେ ଅନେକ ଛାତ୍ରଛାତ୍ରୀ ହତାଶ ଓ ନିରାଶାର ସମ୍ମୁଖୀନ ହେଉଛନ୍ତି । ସଭାରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଆଦିବାସୀ ସେଲର ରାଜ୍ୟ ଉପାଧ୍ୟକ୍ଷ ଚୈତନ ହାଁସଦା, ଆଦିବାସୀ



ନେତା ଦୁଖୀଶ୍ୟାମ ମୁର୍ମୁ, ଜିଲ୍ଲା ଉପସଭାପତି ନାରାୟଣ ପଟ୍ଟନାୟକ, ଟାଉନ ସଭାପତି ମହମ୍ମଦ ଇକବାଲ, କିଷାନ ସେଲ ସଭାପତି ଦୀପକ ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇ ନିଟ୍ ଓ ସିବିଏସଇ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଉପରେ ମତ ରଖିଥିଲେଛ ସେମାନେ ଏହି ପ୍ରସଙ୍ଗରେ ସରକାରଙ୍କ ଜବାବଦେହିତା ନେଇ ପ୍ରଶ୍ନ ଉଠାଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ଓ କଂଗ୍ରେସ କର୍ମୀମାନେ ମଧ୍ୟ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣର ଦାବି କରିଥିଲେ । ଏହି ଅବସରରେ ନାରୀ ନେତ୍ରୀ ସବିତା ସୋରେନ, ଭୁବନେଶ୍ୱରୀ ନାୟକ, ଚନ୍ଦନ କିସ୍କୁ, ବିଜୟ ସିଂହ, ବନମାଳୀ ବାରିକ, ଅସିତ ଦାସ, ଶେଖ ରହିମ, ସମର ଦାସ, ରବି ନାରାୟଣ ପରିଡା, ବାବୁଲି ମିଶ୍ରଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ୪୦ ବର୍ଷ ହେଲାଣି ସୁଧୁରୁନି କନିସିହାଟ ଲକ୍ଷ୍ମୀନୃସିଂହ ସାହି ବାସିନ୍ଦାଙ୍କ ସମସ୍ୟା

ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିସି ହାଟରେ ଅବସ୍ଥିତ ଲକ୍ଷ୍ମୀ ନୃସିଂହ ସାହି ପ୍ରାୟ ଶହେ ଘରକୁ ନେଇ ଗଠିତ । ମାତ୍ର ବଡ ଦୁର୍ଭାଗ୍ୟ ଏବଂ ପରିତାପର ବିଷୟ ଏହା ଯେ, ଉକ୍ତ ସାହିରେ ଆଜି ପ୍ରର୍ଯ୍ୟନ୍ତ ଗୋଟିଏ ଡ୍ରେନ ନିର୍ମାଣ ହୋଇ ପାରୁନି, ଫଳରେ ଉକ୍ତ ସାହି ବାସିନ୍ଦା ନାହିଁ ନନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆଗକୁ ବର୍ଷା ଋତୁ ଆସୁଥିବାରୁ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବେ । ଉକ୍ତ ସାହି ବାସିନ୍ଦା ବାରମ୍ବାର ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଅନୁରୋଧ କଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ।

ଇଏ ତ ଗଲା ଡ୍ରେନ ସମସ୍ୟା, ଅନ୍ୟ ସମସ୍ୟାଟି ହେଲା ରାସ୍ତା । ଉକ୍ତ ସାହିକୁ ଯିବାକୁ ରାସ୍ତା ଟି ପ୍ରାୟ ପାଞ୍ଚ ବର୍ଷ ହେଲା ଅତି ଦୟନୀୟ ଅବସ୍ଥାରେ ଅଛି । ମାତ୍ର ରଙ୍ଗେଇଲୁଣ୍ଡା ବ୍ଲକ ଠାରୁ ଅନୀତି ଦୂରରେ ଥିବା ଉକ୍ତ ସାହି ଉପରେ ବ୍ଲକ ପ୍ରଶାସନର ନଜର କିପରି ପଡୁନି, ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେବାରେ ଲାଗିଛି । ଖୋଦ ଗୋପାଳପୁରର ବିଧାୟକ ତଥା ମନ୍ତ୍ରୀଙ୍କ କିପରି ଦୃଷ୍ଟି ପଡୁନି କିମ୍ବା ତାଙ୍କ ପ୍ରତିନିଧିଙ୍କ କିପରି ଦୃଷ୍ଟି ପଡୁନି ତାହା ସାହି ବାସିନ୍ଦାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଯଦି ଆଗାମୀ ଦିନରେ ଯଦି ଲକ୍ଷ୍ମୀ ନୃସିଂହ ସାହିର ସମସ୍ୟାକୁ ଯଦି ଅଣଦେଖା କରାଯିବ ତାହାଲେ ସାହିବାସିନ୍ଦା ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ସୁଶାନ୍ତ କୁମାର ପଣ୍ଡିତ, ଅଜିତ ଅଚାରୀ, ପ୍ରସନ୍ନ କୁମାର ଦଳାଇ, ଯୁବ ସମାଜସେବା ମଙ୍ଗୁ ପରିଡା, ବଣ୍ଟି ରାଉତ, ସାରଥୀ ପଣ୍ଡା, ଚୈତନ୍ୟ ଦଳାଇ ପ୍ରମୁଖ ଜଣାଇଛନ୍ତି ।

## ଆମ୍ ଆଦମୀ ପାର୍ଟି ପକ୍ଷରୁ ମୋରଡ଼ା ନିର୍ବାଚନ ମଣ୍ଡଳୀର ପ୍ରସ୍ତୁତି ବୈଠକ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଇଟିଆଇ କନ୍‌ଫାରେନ୍ସ ହୋଲ୍ ଠାରେ ଆମ୍ ଆଦିମୀ ପାର୍ଟି ପକ୍ଷରୁ ଏକ ସଂଗଠନ ପ୍ରସ୍ତୁତି ବୈଠକ ଆୟୋଜନ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଆମ୍‌ଆଦିମୀ ପାର୍ଟି ଦିଲ୍ଲୀର ସହ ପ୍ରଭାରୀ ପ୍ରବିଣ କୁମାର କାବ୍ୟ ମୟୂରଭଞ୍ଜ ଜିଲ୍ଲା ପ୍ରଭାରୀ ଶ୍ରୀକାନ୍ତ ପାଣି, ଜିଲ୍ଲା ସଭାପତି ଶଙ୍କର୍ଷଣ ମିଶ୍ର, ଏସ୍‌ଟି ସେଲ୍ ସଭାପତି ରାଜେଶ ଟୁଡୁ, ଏସ୍‌ସି ସେଲ୍ ଅନନ୍ତ ବେହେରା ଯୁବ ସଭାପତି ହେମନ୍ତ ମୁଖୀ, ଶୁଳିଆପଦା ବ୍ଲକ ସଭାପତି ବିଶ୍ୱନାଥ ଦାସ, ରମେଶ ମାର୍ଣ୍ଡି ରଣଜିତ ମୁର୍ମୁ ଶତିୟବାନ ପ୍ରଧାନ ବାରିପଦା ବିଧାନସଭା ସଭାପତି ଯୋଗଦେଇ ଥିଲେ। ପ୍ରବିଣ କୁମାର କାବ୍ୟ କର୍ମୀ ମାନଙ୍କୁ ଗୁରୁ ମନ୍ତ୍ର ଦେବା ସହିତ ଆଗାମୀ ୨୦୨୭ ପଞ୍ଚାୟତ ଓ ପୌରପରିଷଦ ନିର୍ବାଚନ ବିଷୟରେ ଆଲୋଚନା କରିବା ସହିତ । ଜିଲ୍ଲାର ସଂଗଠନ ମଜଭୁତ କରିବା ପାଇଁ ଉପଦେଶ ଦେଲେ ।

## ଅଜଣା ଗାଡି ଧକ୍କାରେ ଜଣେ ମୃତ, ପୋଲିସର ତଦନ୍ତ ଜାରି

ଛତ୍ରପୁର, (ସବ୍ୟୁ) : ଚମାଖଣ୍ଡି ଥାନା ଅଧୀନ କାଳିଆବାଲି ଛକ ନିକଟ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ହେଲେ କାଳିଆବାଲି ଗ୍ରାମର ଏସ. ଦାଲେୟା ରେଡ୍ଡୀ (୪୮) । ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ ଗ୍ରାମ ଅଭିମୁଖେ ଏସ. ଦାଲେୟା ରେଡ୍ଡୀ ଯାଉଥିବା ବେଳେ ହଠାତ ଏକ ଅଜଣା ଗାଡି ଧକ୍କା ଦେଇ କୁଆଡେ ଚାଲିଯାଇଥିଲା । ଫଳରେ ତାଙ୍କର ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସୂଚନା ପାଇ ଚମାଖଣ୍ଡି ଥାନା ପୁଲିସ ଏବଂ ଗ୍ରାମବାସୀ ମାନେ ଘଟଣାସ୍ଥଳରେ ପହଂଚି ଥିଲେ । ସେଠାରେ କୌଣସି ଗାଡିର ସନ୍ଧାନ ମିଳି ନଥିଲା । ପୋଲିସ ମୃତ ଦେହକୁ ଉଦ୍ଧାର କରି କେସ ନଂ ୨୨୬/୨୦୨୬ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ନିମନ୍ତେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଥିଲେ । ଏହା ସହିତ ପୋଲିସର ତଦନ୍ତ ଜାରି ରହିଛି । ଏସ ଦାଲେୟା ରେଡ୍ଡୀଙ୍କ ଦୁର୍ଘଟଣାରେ ଦେହାନ୍ତ ହୋଇଥିବା ସୂଚନା ପାଇ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଁଞ୍ଚି ତାଙ୍କର ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଲି । ଶ୍ରୀରାମଚନ୍ଦ୍ରପୁର ପଂଚାୟତ ସରପଞ୍ଚ ଏସ.ସଂଜୀବ ରେଡ୍ଡୀ ମୃତ ଦାଲେୟାଙ୍କ ପରିବାର ବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଅନୁରୋଧ କରିଛନ୍ତି ।

## ଗୋଲିଆ ଗାଁ ସ୍କୁଲ ରାସ୍ତାରେ ପାଣି, ପ୍ରତିକାର ଦାବି

ବୁଗୁଡ଼ା, (ସବ୍ୟୁ): ସ୍କୁଲ ରାସ୍ତାରେ ପାଣି ଜମି ରହୁଛି । ବର୍ଷା ହେଲେ ସାରା ରାସ୍ତାରେ କାଦୁଅ ପଚ ପଚ ହେବା ସହ ପାଣିର ସ୍ରୋତ ବହୁଛି । ଗୋଲିଆ ପାଣିରେ ପଶି ପିଲାଙ୍କୁ ସ୍କୁଲ ଯିବାକୁ ପଡୁଛି । ଏମିତି ଦୃଶ୍ୟ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଗୋଲିଆ ଗ୍ରାମରେ ଦେଖିବାକୁ ମିଳୁଛି । ଗୋଲିଆ ଗାଁ ନୂଆଁସାହିରେ ସରକାରୀ ପ୍ରାଥମିକ ବିଦ୍ୟାଳୟଟିଏ ରହିଛି । ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ପଢୁଛନ୍ତି । ତେବେ ବର୍ଷା ସମୟରେ ସ୍କୁଲ ସମ୍ମୁଖରେ ପାଣି ଜମି ରହୁଥିବାରୁ କୋମଳମତି ଶିଶୁମାନେ ସ୍କୁଲକୁ ଯିବା ଆସିବା ସମୟରେ କାଦୁଅ ମାଟି ହୋଇ ଯାଉଛନ୍ତି । ଏହା ଛଡ଼ା ଗାଡି ଛିଟିକା ପଡି ସେମାନଙ୍କ ଡ୍ରେସ ଖରାପ ହୋଇ ଯାଉଛି । ଏଣୁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ସମସ୍ୟାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ପାଇଁ ଦାବି ହେଉଛି ।

## ବନ୍ଧା ହେଲେ ୨ ପେସାଦାର ଅପରାଧୀ



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହର ଓ ଏହାର ଆଖପାଖ ଅଞ୍ଚଳରେ ଦାଦାବଟି, ଜୁଆ ଏବଂ ବ୍ରାଉନସୁଗାର କାରବାର କରି ଆତଙ୍କ ସୃଷ୍ଟି କରିଥିବା ଦୁଇ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ବଡ଼ବଜାର ଥାନା ପୋଲିସ ବାନ୍ଧିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଶ୍ରୀରାମନଗର ଦ୍ୱିତୀୟ ଲାଇନର ଅଶୋକ ବେହେରା ଓରଫ ବାଙ୍ଗରା ଅଶୋକ(୨୪) ଏବଂ ଶାନ୍ତିନଗର ପ୍ରଥମ ଲାଇନର ଶଙ୍କର ପରିଡ଼ା(୨୪) । ପୋଲିସ ସେମାନଙ୍କ ନିକଟରୁ ଏକ ନାଲି ରଙ୍ଗର ମୋଟର ସାଇକେଲ ଏବଂ ଆକ୍ରମଣରେ ବ୍ୟବହୃତ ଏକ ଲୁହା ଖଣ୍ଡା ଜବତ କରିଛି । ବାଙ୍ଗରା ଅଶୋକ ନାମରେ ପୂର୍ବରୁ ବୈଦ୍ୟନାଥପୁର ଓ ବଡ଼ବଜାର ଥାନାରେ ଲୁଟ୍, ବୋମାମାଡ଼, ଆକ୍ରମଣ ଏବଂ ନିଶା କାରବାର ମାମଲା ରହିଛି । ଶଙ୍କର ନାମରେ ବଡ଼ବଜାର ଥାନାରେ ଅବକାରୀ ମାମଲା, ସଂଘବଦ୍ଧ ଡକାୟତି ଯୋଜନା, ହତ୍ୟା ଉଦ୍ୟମ ଏବଂ ଘରେ ପଶି ମାରପିଟ୍ କରିବା ଭଳି ୫ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି । ମାମଲା ନଂ ୨୮୦/୨୬ରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ, ଏପ୍ରିଲ ୩୦ ତାରିଖ ରାତି ସାଢେ ୮ଟା ବେଳେ ବଡ଼ବଜାର ଧାନମେରା ସାହିର ଆର୍ଯ୍ୟନ ଓରଫ ଅମ୍ରିତ ନାୟକ(୧୭) ତାଙ୍କର ଦୁଇ ଜଣ ସାଙ୍ଗଙ୍କ ସହ ହର୍ଷବିହାର ଅଞ୍ଚଳକୁ କୌଣସି ବ୍ୟକ୍ତିଗତ କାମରେ ଯାଉଥିଲେ । ସେହି ସମୟରେ ଅଶୋକ, ଶଙ୍କର, ଶିଶିର ଏବଂ ପ୍ରବୀଣ ଚୌଧୁରୀ ନାମକ ଅଭିଯୁକ୍ତମାନେ ଉଭୟଙ୍କୁ ଅଟକାଇ ଜୋରଜବରଦସ୍ତ ଟଙ୍କା ମାଗିଥିଲେ । ଅମ୍ରିତ ଟଙ୍କା ଦେବାକୁ ମନା କରିବାର ଅଭିଯୁକ୍ତମାନେ ତାଙ୍କୁ ଜାତିଗତ ଆକ୍ଷେପ କରି ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଅମ୍ରିତଙ୍କୁ ଖଣ୍ଡାରେ ଆକ୍ରମଣ କରିବା ସହ ତାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ। ଅମ୍ରିତଙ୍କ ଅଭିଯୋଗକ୍ରମେ ବଡ଼ବଜାର ଥାନାରେ ଏକ ମାମଲାରୁଜୁ ହୋଇଥିଲା। ମେ' ୧୨ ତାରିଖରେ ପୋଲିସ ପ୍ରବୀଣ ଚୌଧୁରୀ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ହେଲେ ସେବେଠାରୁ ଅଭିଯୁକ୍ତ ବାଙ୍ଗରା ଅଶୋକ ଓ ଶଙ୍କର ଫେରାର ଥିଲେ । ଆଜି ଉଭୟଙ୍କୁ ଗିରଫ କରିଥିଲା ପୋଲିସ ।

## ପଞ୍ଚମ ପର୍ଯ୍ୟାୟରେ ୩,୨୫୦ ଖଣ୍ଡ ମାଗଣା ପାଠ୍ୟପୁସ୍ତକ ପହଞ୍ଚିଲା

ବୁଗୁଡ଼ା, (ସବ୍ୟୁ): ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ମାଧ୍ୟମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଯୋଗାଇ ଦିଆଯାଉଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅନେକ ପୁସ୍ତକ ପାଞ୍ଚୋଟି ପର୍ଯ୍ୟାୟରେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡ଼ିଛି । ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ସମସ୍ତ ବହି ବଦଳି ଯାଇ ନୂତନ ସଂସ୍କରଣରେ ପ୍ରକାଶିତ ବହିକୁ ନେଇ ପାଠ ପଢ଼ାଯିବ ବୋଲି ଜଣାଯାଇଛି । ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୭୪୦୦ ଖଣ୍ଡ, ଦ୍ୱିତୀୟ ପର୍ଯ୍ୟାୟରେ ୧୧୯୦୦ ଖଣ୍ଡ, ତୃତୀୟ ପର୍ଯ୍ୟାୟରେ ୩୮,୮୫୦ ଖଣ୍ଡ, ଚତୁର୍ଥ ପର୍ଯ୍ୟାୟରେ ୧୧,୩୫୦ ଖଣ୍ଡ ବହି ପହଞ୍ଚିଥିଲା ବେଳେ ଏବେ ପଞ୍ଚମ ପର୍ଯ୍ୟାୟରେ ୩,୨୫୦ ଖଣ୍ଡ ବହି ପହଞ୍ଚିଛି । ଯେଉଁଥିରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଯଥାକ୍ରମେ ୩୨୫୦ ଓ ୨୨୫ ଖଣ୍ଡ ବହି ରହିଛି । ତେବେ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗା ଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଚତୁର୍ଥ ଶ୍ରେଣୀର ଆର୍ଟ ଏଜୁକେସନ ୧୭୦୦ଟି, କୌଶଳବୋଧ ୫୦ଟି, ଅଷ୍ଟମ ଶ୍ରେଣୀର ଗଣିତ ବହି ୧୫୦୦ ଖଣ୍ଡ ରହିଥିବା ବେଳେ ବେସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଯୋଗାଯାଇଥିବା ପାଠ୍ୟପୁସ୍ତକ ମଧ୍ୟରୁ ଅଷ୍ଟମ ଶ୍ରେଣୀର ଗଣିତ ୧୫୦ ଖଣ୍ଡ ଓ ହିନ୍ଦୀ କଳିକା ୭୫ ଖଣ୍ଡ ରହିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଆବଶ୍ୟକୀୟ ଅବଶିଷ୍ଟ ପାଠ୍ୟପୁସ୍ତକ ପହଞ୍ଚିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଛି ।

## ଆନ୍ଦୋଳନକୁ ଓହ୍ଲାଇବ ସମନ୍ୱୟ ସମିତି

ବାରିପଦା, (ସବ୍ୟୁ) : ମୁର୍ଗାବାଡିସ୍ଥ ଓଷ୍ଟାର ଜିଲ୍ଲା କାର୍ଯ୍ୟାଳୟ ଠାରେ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓଷ୍ଟାର ସଭାପତି ଚିତ୍ତରଞ୍ଜନ ପଲତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଓଷ୍ଟାର ସମ୍ପାଦକ ତଥା ସମନ୍ୱୟ ସମିତିର ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟ ସରକାରଙ୍କ ଟାଳ ଟୁଳ ନୀତି କୁ ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ଚାକିରୀ କଲେ ମଧ୍ୟ ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ କଲେଜକୁ ତୁରନ୍ତ ଅନୁଦାନ ପ୍ରଦାନ କରିବା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଓ ଅବସର ଗ୍ରହଣ କରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ତୁରନ୍ତ ପେନସନ ପ୍ରଦାନ, ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଚାକିରୀରେ ୬ବର୍ଷ ଯୋଗ କରିବା, ଚାକିରୀକାଳ କୁ ୬୦ ରୁ ୬୨କୁ ବୃଦ୍ଧି କରିବା, ସମସ୍ତ ପ୍ରକାର ବିଦ୍ୟାଳୟରେ ତୁରନ୍ତ ଖାଲି ସ୍ଥାନ ପୂରଣ କରିବାରେ ସରକାର କର୍ଣ୍ଣପାତ କରୁ ନଥିବାରୁ ଆସନ୍ତା ୨୮ତାରିଖ ରାଜ୍ୟ ସଂଗଠନର ଆହ୍ୱାନ କ୍ରମେ ଭୁବନେଶ୍ୱର ରାଜ ରାସ୍ତାରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଓଷ୍ଟାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ସମ୍ପାଦକ ବିକାଶ ପଣ୍ଡା, ବାଙ୍ଗିରିପୋଷି ବ୍ଲକ ସଭାପତି ଅର୍ଜୁନ ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ବିଶ୍ୱାଳ, ସମୀର କୁମାର ମାଇତି, ବ୍ଲକ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ସୁଦର୍ଶନ ବାରିକ, ବୀରେନ୍ଦ୍ର ବେହେରା, ଜ୍ୟୋତି ରଞ୍ଜନ ଗିରିଙ୍କ ସମେତ ବଳରାମ ଦତ୍ତ, ଦେବବ୍ରତ କର, ରବୀନ ଚନ୍ଦ୍ର ବେରା, ରଞ୍ଜନ କୁମାର ବେହେରା, ରତନୀ ମହାନ୍ତ, ତରୁଲତା ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ସର୍ବଶେଷରେ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।



## ଶ୍ରୀଶ୍ରୀ ବାବା ଅଗସ୍ତିଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ନିକଟସ୍ଥ ଟି. ନୁଆଁଗାଁ ପଡିଆରେ ଶ୍ରୀଶ୍ରୀ ବାବା ଅଗସ୍ତିଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି । ଏହାକୁ ଭାରତୀୟ ଜନତା ପାର୍ଟିର ଯୁବନେତା ବନମାଳି ସେଠି ଏବଂ ଛତ୍ରପୁର ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ମୁନା ଦାସ ଅତିଥି ଭାବେ ଯୋଗଦେଇ ଯୋଗଦେଇ ଉଦଘାଟନ କରିଥିଲେ । ଏହା ସହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ୮ ଟି ଦଳ ଏହି ଟୁର୍ନାମେଣ୍ଟ ରେ ଅଂଶ ଗ୍ରହଣ କରିଥିଲେ । ରାଜ୍ୟ ବାହାରୁ ମଧ୍ୟ କିଛି ଦଳ ସାମିଲ ହୋଇଥିଲେ । ରବିବାର ଫାଇନାଲ ମ୍ୟାଚ ରଙ୍ଗେଇଲୁଣ୍ଡା ଓ ସୋମପେଣ୍ଠା ଦଳ ମଧ୍ୟରେ ହେବ । ବିଜୟୀ ଦଳକୁ ୩୦ ହଜାର ଓ ଉପବିଜେତା ଦଳକୁ ୨୦ ହଜାର ଟଙ୍କା ମିଳିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି । ଏହି ଟୁର୍ନାମେଣ୍ଟକୁ ଶ୍ରୀରାମ ଦାସ ଓ ଅରୁଣ ଦାସ ପରିଚାଳନା କରିଥିଲେ ।


## ଏସ୍‌ଆଇଆର୍ ସମ୍ପର୍କିତ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଛତ୍ରପୁର, (ସବ୍ୟୁ) : ଆଭାସୀ ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍. ଆଇ.ଆର୍.) ସମ୍ପର୍କିତ ଏକ ସମୀକ୍ଷା ବୈଠକ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଅଧ୍ୟକ୍ଷତା କରି ଏସ୍.ଆଇ.ଆର୍. କାର୍ଯ୍ୟକ୍ରମର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ । ସେ ଡିଜିଟାଲାଇଜେସନ୍ ଓ ଏ.ଏସ୍.ଡି. ତାଲିକା ପ୍ରସ୍ତୁତି କାର୍ଯ୍ୟରେ ପରିଲକ୍ଷିତ ସାମାନ୍ୟତମ ତ୍ରୁଟିକୁ ତୁରନ୍ତ ସୁଧାର କରିବା ପାଇଁ ସମସ୍ତ ଇ.ଆର୍.ଓ. ଓ ଏ.ଇ.ଆର୍.ଓ.ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ କେତେକ ମତଦାନ କେନ୍ଦ୍ରରେ ବି.ଏଲ୍.ଓ.-ବି.ଏଲ୍.ଏ.



ବୈଠକର କାର୍ଯ୍ୟବିବରଣୀ ପ୍ରସ୍ତୁତିରେ ଦୃଷ୍ଟିଗୋଚର ହୋଇଥିବା ତ୍ରୁଟିଗୁଡ଼ିକର ସଂଶୋଧନ କରି ଇ.ଆର୍.ଓ. ନିଜେ ଅନୁମୋଦନ କରି ସାର୍ଟିଫିକେଟ୍ ଜିଲ୍ଲା କାର୍ଯ୍ୟାଳୟକୁ ଆସନ୍ତାକାଲି ଦିବା ୩ ଟା ସୁଦ୍ଧା ପ୍ରେରଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ଆଗାମୀ ୦୫ ଜୁଲାଇରୁ ୦୪ ଅଗଷ୍ଟ ୨୦୨୬ ମଧ୍ୟରେ ଗ୍ରହଣ କରାଯିବାକୁ ଥିବା ଆପତ୍ତି ଓ ଦାବିପତ୍ର ଗୁଡ଼ିକର ଶୁଣାଣି ପ୍ରକ୍ରିୟା ସମ୍ପର୍କରେ ଇ.ଆର୍.ଓ. ଓ ଏ.ଇ.ଆର୍.ଓ. ମାନଙ୍କୁ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ସ୍ୱଚ୍ଛ ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶୁଣାଣି ପ୍ରକ୍ରିୟା ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ଜିଲ୍ଲାର ସମସ୍ତ ଇ.ଆର୍.ଓ., ଏ.ଇ.ଆର୍.ଓ. ଓ ନିର୍ବାଚନ ସମ୍ପର୍କିତ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ।



# କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ତମ ଜନ୍ମ ଦିବସ



ଅନୁଗୋଳ,(ସବ୍ୟୁ) : କେନ୍ଦ୍ର ଶିକ୍ଷାମନ୍ତ୍ରୀ, ସମ୍ବଲପୁର ଲୋକସଭା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୭ ତମ ଜନ୍ମଦିନ ଅବସରରେ ଅନୁଗୋଳର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଦଳର ନେତୃବୃନ୍ଦଙ୍କ ସହିତ ଅନୁଗୁଳର ଆରାଧ ଦେବୀ ମା ବୁଢୀ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଦୀପ ପ୍ରଜ୍ଜ୍ୱଳନ କରିବା ସହିତ ତାଙ୍କ ର୍ଦିଘାୟୁ ଓ ତାଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ କାମନା କରିଥିଲେ । ଶ୍ରୀ ପ୍ରଧାନଙ୍କ ସହିତ ବିଜେପି ନେତା ଦିଲୀପ ପ୍ରଧାନ, ବିଜେପି ଜିଲ୍ଲା ଉପ ସଭାନେତ୍ରୀ ସୁଜାତା ଦାସ, ବିଜେପି ଜିଲ୍ଲା ସମ୍ପାଦିକା ନମିତା ଦଳବେହେରା, ବିଜେପି ଅନୁଗୁଳ ନଗର ମଣ୍ଡଳର ସଭାପତି ପବନ ମାଣ୍ଡୋଠିଆ, ସରକାରୀ ଆଡଭୋକେଟ ସୁବାଷ ସାହୁ, ଦିଲୀପ ଦାସ, ବିଜେପି ନେତା ପ୍ରଦୀପ ରାଉତ, ବିଜେପି ମହିଳା ମୋର୍ଚ୍ଚା ର ରାଜ୍ୟ ସଂଯୋଜିକା ସୁଚିସ୍ମିତା ତ୍ରିପାଠୀ, ଅନୁଗୁଳ ପୌରପାଳିକାର କାଉନସିଲର ନିରଞ୍ଜନ କର, ସୁଜାତା ପୋଲାର, ସରିତା ମିଶ୍ର, ବିଜେପି ମହିଳା ମୋର୍ଚ୍ଚା ର ସଦସ୍ୟା ଅପର୍ଣ୍ଣା କର, ବିଜେପି ଯୁବମୋର୍ଚ୍ଚା ର ସଦସ୍ୟ ପ୍ରଶାନ୍ତି ଦେହୁରୀ,ଶୁଭମ କର ,ଦଳର କର୍ମକର୍ତ୍ତା ଉପସ୍ଥିତ ରହି ମା ବୁଢୀ ଠାକୁରାଣୀଙ୍କ ନିକଟରେ କେନ୍ଦ୍ରମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିବା ସହିତ ମଙ୍ଗଳ କାମନା କରିଥିଲେ ।

ଏହି ପରିପ୍ରେକ୍ଷୀରେକୁମୁରିସିଂହା ଠାରେ ବୃକ୍ଷରୋପଣ କରି ଶ୍ରୀ ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଙ୍କ ଦୀର୍ଘାୟୁ କାମନା କରିବା ସହିତ ପରିବେଶ କୁ ସ୍ୱଚ୍ଛ ଓ ସୁସ୍ଥ ରଖିବାକୁ ବୃକ୍ଷରୋପଣ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ବିଜେପି ବଡକେରା ମଣ୍ଡଳର ସଭାପତି ସୁଲଭଦେହୁରୀ, ବିଜେପି ର ପଞ୍ଚାୟତ ସଭାପତି ପ୍ରଶାନ୍ତ ପ୍ରଧାନ, ବିଜେପି ନେତା ପ୍ରମୋଦ ସାହୁ, ମହେଶ୍ୱର ସାହୁ, ମାନସ ପ୍ରଧାନ, ବାଲୁଅକଟା ଗ୍ରାମ ପଞ୍ଚାୟତର ବିଜେପି ସଭାପତି ପିଣ୍ଟୁ ବେହେରା, ଦଳ ର କର୍ମକର୍ତ୍ତା ଓ ବହୁ ସଂଖ୍ୟାରେ ଗ୍ରାମବାସୀ ମଧ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କରିବା ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ର୍ଦିଘାୟୁ କାମନା କରିଥିଲେ । ଧର୍ମେନ୍ଦ୍ର ପ୍ରଧାନଙ୍କ ଶୁଭ ଜନ୍ମଦିନ ପାଳନ ଅବସରରେ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟ ଠାରେ ଥିବା ରକ୍ତ ଭଣ୍ଡାରରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏବଂ ଏହି ଶିବିରରେ ୧୦୦ୟୁନିଟ ରକ୍ତ ସଂଗ୍ରହ କରଯାଇଥିଲା ।

# ଚାକିରୀ ସର୍ତ୍ତାବଳୀ ଓ ପେନସନ ଦାବିରେ ୪୮୮ ବର୍ଗର ଆନ୍ଦୋଳନ ନିଷ୍ପତ୍ତି

## ଦାବି ପୂରଣ ନହେଲେ ଆମରଣ ଅନଶନ ସହିତ ଆତ୍ମାହୂତୀ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ୪୮୮ ବର୍ଗ ଅନୁଦାନପ୍ରାପ୍ତ ଅଧ୍ୟାପକ-କର୍ମଚାରୀ ସମନ୍ୱୟ ସମିତି ତରଫରୁ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମଙ୍ଗଳବାର ଏବଂ ବୁଧବାର ଦୁଇ ଦିନ ଧରି ପେନସନ, ଚାକିରୀ ସର୍ତ୍ତବଳୀ ଏବଂ ପଦୋନ୍ନତି ଦାବୀରେ ଭୁବନେଶ୍ୱର ଲୋୟର ପିଏମଜିରେ ଆନ୍ଦୋଳନ କରିବା ସହିତ ସରକାର ବାରମ୍ବାର ପ୍ରତାରଣା କରିବା ପରେ ଯଦି ନିଦାବିଷ୍ଟୁ ସାଜନ୍ତି ତେବେ ରାଷ୍ଟ୍ରପତିଙ୍କ ଠାରୁ ଇଚ୍ଛା ମୃତ୍ୟୁ ପାଇଁ ଆବେଦନ କରାଯିବା ସହିତ ସମୂହ ଆତ୍ମାହୂତୀ ଦେବାକୁ ସଙ୍ଘ ତରଫରୁ ନିଷ୍ପତି ଗ୍ରହଣ କରାଯାଇଛି। ଢେଙ୍କାନାଳ ଜିଲ୍ଲା ୪୮୮ ବର୍ଗ ଅନୁଦାନ ପ୍ରାପ୍ତ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସମିତି ତରଫରୁ ଯୋରନ୍ଦା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ପ୍ରଦୀପ କୁମାର ସାମଲଙ୍କ ଆବାହକତ୍ୱରେ ସଭାପତି କାମାକ୍ଷାନଗର ମହାବିଦ୍ୟାଳୟର ଅଧ୍ୟାପକ ତଥା ସଙ୍ଘର ସଭାପତି ଜ୍ଞାନରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଛି । ବିଜେପି ସରକାର ଶାସନ କ୍ଷମତାରେ ନଥିବା ସମୟରେ ଏହି ସଙ୍ଘ ତଥା ଶିକ୍ଷକକର୍ମଚାରୀଙ୍କୁ ଶାସନକୁ ଆସିବା ପରେ ପେନସନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲା । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବିଧାନସଭାରେ ସେତେବେଳେ ତିବ୍ର ସ୍ୱର ଉତ୍ତୋଳନ କରିଥିବା ବେଳେ ବର୍ତ୍ତମାନ ବିଭିନ୍ନ ଆଳ ଦେଖାଇ କମିଟି ଗଠନ କରିବା ପ୍ରତାରଣ କରୁଥିବାର ମତପ୍ରକାଶ ପାଇଥିଲା । ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ତରଫରୁ ଅଧ୍ୟାପକ କର୍ମଚାରୀଙ୍କ ସପକ୍ଷରେ ରାୟ ଦେଇଥିବା ବେଳେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ କ୍ଷୋଭ ପ୍ରକାଶ ପାଇଛି ।

ଏହାକୁ ନେଇ ଆସନ୍ତା ୩୦ଏବଂ ୧ ତାରିଖ ଦୁଇ ଦିନ ଧରି ପେନସନ, ଚାକିରୀ ସର୍ତ୍ତାବଳୀ ଏବଂ ପ୍ରମୋସନ ଦାବୀରେ ସମସ୍ତ ଅଧ୍ୟାପକ କର୍ମଚାରୀଙ୍କ ସହିତ ଅବସରପ୍ରାପ୍ତ କର୍ମଚାରୀ ମାନେ ଶହ ଶହ ସଂଖ୍ୟାରେ ଯୋଗଦେଇ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନ କରିବେ । ଯଦି ସରକାର କର୍ଣ୍ଣପାତ ନକରିନ୍ତି ତେବେ ସେଠାରେ ସାମୂହିକ ଭାବରେ ଆମରଣ ଅନଶନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ବିଭିନ୍ନ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା କର୍ମଚାରୀ ମାନେଦିର୍ଘ ୩୦ରୁ ୩୫ ବର୍ଷ ଚାକିରୀ କରିବା ପରେ ଗୋଟିଏ ଟଙ୍କା ପେନସନ ପାଉ ନଥିବା ବେଳେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । ଏଭଳି ସ୍ତରରେ ସରକାର ଦାବୀ ପୂରଣ ନକଲେ ଉଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତି, ସୁପ୍ରିମକୋର୍ଟର ବିଚାରପତିଙ୍କ ଠାରୁ ଇଚ୍ଛାମୃତ୍ୟୁ ଆବେଦନ କରାଯିବା ସହିତ ଆବଶ୍ୟକ ପଡିଲେ ସାମୂହିକ ଭାବରେ ଆତ୍ମାହୂତି ଦେବାକୁ ଅବସରପ୍ରାପ୍ତ ଅଧ୍ୟାପକ କର୍ମଚାରୀଙ୍କ ସହିତ ଅନ୍ୟମାନେ ପଛାଇବେ ନାହିଁ ବୋଲି ମତପ୍ରକାଶ ପାଇଛି । ଏହିବୈଠକରେ ରାଜ୍ୟ ସଙ୍ଘର ସଭାପତି ପ୍ରଶାନ୍ତ କୁମାର ପ୍ରଧାନ ଏବଂ ପ୍ରିୟରଞ୍ଜନ ରଥ ଉପସ୍ଥିତ ରହିଥିଲେ ।

ଏହି ଅବସରରେ ଜିଲ୍ଲାର ନୂତନ କମିଟି ଗଠନ କରାଯାଇଥିଲା । ଏହି କମିଟିରେ ରାଜ୍ୟ ପ୍ରତିନିଧି ଭାବରେ ମଠକରଗୋଳା ମହାବିଦ୍ୟାଳୟର ପ୍ରବିର କୁମାରବିଶ୍ୱାଳ, ଭୁବନର ପ୍ରଭାତ କୁମାର ଜେନା, ଉପଦେଷ୍ଟା ଭାବରେ ସିମିନଇର ଅବସରପ୍ରାପ୍ତ ଅଧ୍ୟାପକ ରବିନାରାୟଣ ପଣ୍ଡା, ମଠକରଗୋଳାର ଅନିଲ କୁମାର ଜେନା, ଯୋରନ୍ଦାର ପ୍ରଦିପ କୁମାର ସାମଲ, ପଣ୍ଡୁଆ ପରିମାଳର ବାଙ୍କନିଧି ରାଉତ, ଓଡାପଡାର ନିଳକଣ୍ଠ ଦାସ, ଖଜୁରିଆକଟାର ଦିଲ୍ଲିପ କୁମାର ଗଡନାୟକ ରହିଥିବା ବେଳେ ସଭାପତି ଭାବରେ କାମାକ୍ଷାନଗରର ଜ୍ଞାନରଞ୍ଜନ ମିଶ୍ର, ଉପସଭାପତି ଭାବରେ ଖଜୁରିଆକଟାର ଜୟନ୍ତ କୁମାର ପତି, ସାଧାରଣ ସମ୍ପାଦକ ଭାବରେ ସୁବାଷ ପତି, ଯୁଗ୍ମ ସମ୍ପାଦକ ଓଡାପଡାର ଦେବାନନ୍ଦ ଦାସ, କୋଷାଧ୍ୟକ୍ଷ ଭାବରେ ପ୍ରମୋଦ କୁମାର ସ୍ୱାଇଁ, ମିଡିଆ ପ୍ରଭାରୀ ଭାବରେ ଅଶୋକ ମହାରଣାଙ୍କ ସହିତ ସଭ୍ୟ ଭାବରେ ଓଡାପଡାର ତ୍ରିଲୋଚନ ସାହୁ, କାମାକ୍ଷାନଗର ରଶ୍ମିରଞ୍ଜନ ସେନାପତି, ଜିରାଳର ଲକ୍ଷ୍ମୀଧର ମିଶ୍ର, ଖଜୁରିଆକଟାର ନିର୍ମଳ କୁମାର ପାଣିଗ୍ରାହୀ, ଭୁବନର ନନ୍ଦକିଶୋର ଧୀର, ଓପିଏସ ଓଡାପଡାର ବ୍ରହ୍ମାନନ୍ଦ ରାଉଳ, ବିଆରଏମ ଭୁବନର ଅଲେଖ ପାତ୍ର, ମଠକରଗୋଳାର ଲଳିତ୍ କୁମାର ବେହେରା, ଯୋରନ୍ଦାର ତାରିଣୀ ସାମିଲ ରହିଥିଲେ ।

## ରାତି ହେଲେ ବିଦ୍ୟୁତ କାଟ୍, ଜନଜୀବନ ଅସ୍ତବ୍ୟସ୍ତ

ଠାକୁରଗଡ ,(ସବ୍ୟୁ) : ଅସହ୍ୟ ତାତି ସହ ଗୁଳୁଗୁଳି ଅସହ୍ୟ ହେଉଥିବା ବେଳେ ବିଦ୍ୟୁତ କାଟକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଉଛି । ହେଉଛି । ଅନୁଗୋଳ ଜିଲ୍ଲା ତାପମାତ୍ରା ବୃଦ୍ଧି ପାଉଥିବା ବେଳେ ବିଦ୍ୟୁତକାଟ ଅସହ୍ୟ କରି ପକାଉଛି । ବିଶେଷ କରି ଆଠମଲ୍ଲିକ ବ୍ଲକ ମଇମୁରା , ଆମ୍ବସରମୁଣ୍ଡା , କନ୍ତପଡା ଆଦି ପଞ୍ଚାୟତ ଗୁଡିକରେ ଏବେ ନୀତି ଦିନିଆ ବିଦ୍ୟୁତ କାଟ କରାଯାଉଛି । ଏ ପଟେ ଗୁଳୁ ଗୁଳି ସେପଟେ ବିଦ୍ୟୁତ କାଟ ଯୋଗୁଁ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ବିଦ୍ୟୁତ କାଟ କରାଯିବ ନାହି ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଆଠମଲ୍ଲିକ ଉପଖଣ୍ଡ ରେ ଏହା ବ୍ୟତିକ୍ରମ ଦେଖିବାକୁ ମିଳିଛି ।

ପ୍ରତ୍ୟେକ ଦିନ ବିନା କାରଣରେ ୧୦ ରୁ ୧୫ ଥର ବିଦ୍ୟୁତକାଟ ହେଉଥିବା ବେଳେ ଦିନ କୁ ଦୁଇ ଥର ଅଧ ଘଣ୍ଟା ଲେଖାଏ ବିଦ୍ଯୁତ କାଟ କରାଯାଉଛି । ରାତି ହେଲେ ବିଦ୍ୟୁତ କାଟ ବଢୁଛି । ଜନ୍ତୁ ଶିକାର ହେଉଛି ବୋଲି ବିଦ୍ୟୁତ ବିଭାଗ ଦର୍ଶାଇ ଅଯଥାରେ ବିଦ୍ୟୁତ କାଟ କରାଯାଉଛି। ଏପରିକି ଜଙ୍ଗଲ ଅଧୁସିତ ଅଞ୍ଚଳ ହୋଇ ଥିବା ଯୋଗୁଁ ଏହି ଅଞ୍ଚଳ ରେ ୨୪ ଘଣ୍ଟିଆ ବିଦ୍ଯୁତ ସେବା ମିଳୁନାହି । ଅନେକ ସ୍ଥାନରେ ଏଲଟି ଲାଇନ ତାର ଗୁଡ଼ିକ ଝୁଲି ରହିଥିଲେ ମଧ୍ୟ ସେ ଗୁଡିକ ମରାମତି କରାଯାଉନଥିବା ମଇମୁରା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ବଇଣ୍ଡା ବିଦ୍ୟୁତ ବିଭାଗ ଏସଡିଓ ଅକ୍ଷୟ କୁମାର ସାହୁ କୁହନ୍ତି ଏ ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ । ଲୋକଙ୍କୁ ସେବା ଯୋଗାଇ ଦିଆଯିବ ।

## ରାଜ୍ୟସ୍ତରୀୟ ୧୫ତମ ବନ୍ଧୁକ ଚାଳନା ପ୍ରତିଯୋଗିତା

ତାଳଚେର,(ସବ୍ୟୁ) : ତାଳଚେର ରାଇଫଲ କ୍ଲବରୁ ୧୦ଜଣ ପ୍ରତିଯୋଗୀ ପଦକପାଇବାପରେ ସଫଳ ହୋଇଛନ୍ତି । କ୍ଲବର କୋଷାଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ୨୨ପିସ୍ତଲ ସିନିଅର୍ ଭେଟରାନରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ସମ୍ପାଦକ ଶରତ ଦେବ ୨୨ପିସ୍ତଲ ମାଷ୍ଟରରେ ରୌପ୍ୟ, ମନୋରଞ୍ଜନ ଦାସ ୨୨ପିପି ରାଉଫଲରେ ରୌପ୍ୟ,ୟୁଥ ଗ୍ରୁପ୍ରେ ସୋମନାଥ ବାରିକ ୧୭୭ ରାଇଫଲରେ ସ୍ୱର୍ଣ୍ଣପଦକ, ସାଇନା ସାହୁ, ସ୍ୱର୍ଣ୍ଣ, ଆରିଅମାନ ସିଘାନିଆ ୨୨ପିପିରେ ସ୍ୱର୍ଣ୍ଣ, ରିତିକା ରାଜ ରୌପ୍ୟ, ଆୟୁଷ୍ମାନ ଦାସ ରୌପ୍ୟ, ଶୁଭ ମହାପାତ୍ର କାସ୍ୟ ପଦକ ହାସଲ କରି ଅନୁଗୋଳ ଜିଲ୍ଲାରେ ଗୌରବମୟ କରିଛନ୍ତି ।

# ବିଜେପି ପକ୍ଷରୁ ସେବା , ସୁଶାସନ ଓ ଗରିବ କଲ୍ୟାଣର ସଂକଳ୍ପ ଏବଂ ବୁଦ୍ଧିଜୀବୀ ସମାବେଶ

ଆଠମଲ୍ଲିକ ,(ସବ୍ୟୁ) :ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷ ରୁ ସେବା , ସୁଶାସନ ଓ ଗରିବ କଲ୍ୟାଣ ର ସଂକଳ୍ପ ଏବଂ ବୁଦ୍ଧିଜୀବୀ ସମାବେଶ ସ୍ଥାନୀୟ ମାଧପୁର ସ୍ଥିତ ମାନଜୋର ବଙ୍ଗଳା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ତଥା ପୂର୍ବତନ ମନ୍ତ୍ରୀ ସଂଜୀବ କୁମାର ସାହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥାବିଧାୟକ ଅଶୋକ ମହାନ୍ତି , ସମ୍ମାନିତ ଅତିଥି ଭାବରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ , ବିଧାୟକ ଅଗସ୍ତି ବେହେରା , ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ , ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ପ୍ରଧାନ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ର ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ଯୋଜନା ମଧ୍ୟରେ ମୁଖ୍ୟତଃ ଆୟୁଷ୍ମାନ ଯୋଜନା ଲାଗୁ କରିବା ଓ ମୁଣ୍ଡ ପିଛା ୫ କିଲୋ ଚାଉଳ ଅଧିକ ଦେବା , ସୁଭଦ୍ରା ଯୋଜନା , ସି.ଏମ. କିସାନ ଓ ପିଏମ କିସାନରେ ଆର୍ଥିକ ସହାୟତା ଯୋଗାଇ ଦେବା ପ୍ରଭୃତି ଯୋଜନା ଉପରେ ଆଲୋଚନା କରିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କ ନେତୃତ୍ୱ ରେ




ଚାଲିଥିବା ରାଜ୍ୟ ସରକାରଙ୍କ ଲୋକପ୍ରିୟ ଯୋଜନା ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାଧପୁର ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାକୁଡ଼ , ଜିଲ୍ଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର , ପୂର୍ବତନ ଏନ.ଏ.ସି. ଅଧ୍ୟକ୍ଷ ତଥା ସାଂସଦ ଙ୍କ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା , ବ୍ଲକ ପ୍ରତିନିଧି ପ୍ରକାଶ କୁମାର ସାହୁ , ଏନ.ଏ.ସି. ପ୍ରଭାରୀ ପ୍ରଭାକର ପ୍ରଧାନ , କିଶୋରନଗର ବ୍ଲକ ଉପାଧ୍ୟକ୍ଷା ଲବ ପ୍ରଧାନ , ବିଜେପି ର ବରିଷ୍ଠ ନେତା ଡ଼ଃ ଅଲେଖ ପ୍ରଧାନ , ପ୍ରବୀଣ ପ୍ରଧାନ , ପୂର୍ବତନ ଜିଲ୍ଲା ଉପସଭାପତି ଅର୍ଜୁନ କୁମାର ସାହୁ , ଜିଲ୍ଲା ଉନ୍ନୟନ ପରିଷଦ ଅଧ୍ୟକ୍ଷ ବଶିଷ୍ଠ ନାୟକ , ଯୁବନେତା ପ୍ରକାଶ କୁମାର ଡାଙ୍ଗ ପ୍ରମୁଖ ମଞ୍ଚାସିନ ଥିଲେ । ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜୟନ୍ତୀ ଅବସରରେ ତାଙ୍କର ବିକାଶମୂଳକ କାର୍ଯ୍ୟକୁ ଅବତାରଣା କରିବା ସହିତ ତାଙ୍କର ଦୀର୍ଘାୟୁ କାମନା କରିଥିଲେ । ଏହି ଅବସରରେ ସ୍ଥାନୀୟ ନୂଆଗାଁ ମହାଦେବ ମନ୍ଦିରରେ ସାମୁହିକ ଦୀପଦାନ କରିବା ସହିତ ମାଧପୁର କଲେଜ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୭୫ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ବିଜେପିର ବହୁ ନେତା, କର୍ମୀ, ମାଧପୁର ମଣ୍ଡଳ ର ସମସ୍ତ କର୍ମକର୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଅବସରରେ ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜନତା ମହାବିଦ୍ୟାଳୟର ଦୁଇ ଓଡ଼ିଆ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା

ଠାକୁରଗଡ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଜନତା ବଇଣ୍ଡା ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଦୁଇ ଜଣ ଅଧ୍ୟାପକ ସଫଳତାର ସହ ପିଏଚ୍ଡି ଉପାଧି ହାସଲ କରିଛନ୍ତି । ବିଭାଗୀୟ ଅଧ୍ୟାପକ ପ୍ରିୟବ୍ରତ ଅମିୟ ରଞ୍ଜନ ମହାନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ରୁ ଡ. ଯଦୁନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାଷାବି ଡ. ବାସୁଦେବ ସାହୁ: ଏକ ଅଧ୍ୟୟନ ବିଷୟରେ ଗବେଷଣା କରି ଏହି ଉପାଧି ପାଇଛନ୍ତି । ସେହିପରି ଅଧ୍ୟାପକ କାଳିଆ ସେଠୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଅମୃତ ବିହାର)ରୁ ଡ.ଲକ୍ଷ୍ମୀପ୍ରିୟା ବେହେରାଙ୍କ ମାର୍ଗଦର୍ଶନରେ ଏକବିଂଶ ଶତାବ୍ଦୀର ଓଡ଼ିଆ ଉପନ୍ୟାସରେ ଗ୍ରାମ୍ୟ ଜୀବନ (୨୦୦୦-୨୦୨୦) ବିଷୟବସ୍ତୁ ଉପରେ ଗବେଷଣା କରି ଡକଫରେଟ ଡିଗ୍ରୀ ଲାଭ କରିଛନ୍ତି ।ଏହି ସଫଳତା ଉପଲକ୍ଷେ ଶନିବାର ଦିନ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ପ୍ରଶାନ୍ତ ଖମାରିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଭୟ ଅଧ୍ୟାପକଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଉତ୍ତରୀୟ,ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ହାଡିବନ୍ଧୁ ପ୍ରଧାନ, ରବି ନାରାୟଣ ବେହେରା, ଅଧ୍ୟାପିକା ଶୁଭ୍ର ଶଶୀ ପ୍ରଧାନ ପ୍ରକାଶ କୁମାର ଗମାଙ୍ଗ ତରଣୀ ସେନ ସାହୁ, ଲିପୁ ସେନାପତି,ନିବେଦିତା ହରୋ ବାଳମୁକୁନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳ ଓକିଲ ସଂଘ - ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ



ଅନୁଗୋଳ, (ସବ୍ୟୁ) : ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ବରଗଡ଼ ଗସ୍ତ ଅବସରରେ ଅନୁଗୋଳ ସ୍ଥିତ ସର୍କିଟ ହାଉସଠାରେ କିଛି ସମୟ ରହଣୀ ମଧ୍ୟରେ ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ନେତୃତ୍ୱରେ ସଂଘର ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, କୋଷାଧ୍ୟକ୍ଷ ପ୍ରଦୀପକୁମାର ସେଠୀ, ଆଠମଲ୍ଲିକ ଓକିଲ ସଂଘର ସଭାପତି ସୁଶାନ୍ତ କୁମାର ମହାପାତ୍ର, ଉପସଭାପତି ଉଗ୍ରସେନ ସେଠୀ, ଛେଣ୍ଡିପଦା ଓକିଲ ସଂଘର ସଭାପତି ନଗେନ କୁମାର ନନ୍ଦ, ସାଧାରଣ ସମ୍ପାଦକ ଶିଶିର କୁମାର ବେହେରା ପ୍ରମୁଖ ମିଳିତ ଭାବେ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିଲେ। ମୁଖ୍ୟ ବିଚାରପତି ଶ୍ରୀ ଟଣ୍ଡନ ଓକିଲ ସଂଘର କର୍ମକର୍ତ୍ତା ମାନଙ୍କ ସହିତ ସାକ୍ଷାତ ହେତୁ ଖୁସିବ୍ୟକ୍ତ ହୋଇଥିଲେ ।

## ମନ୍ଦିରରୁ ହୁଣ୍ଡି ଚୋରି

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ପାଇକସାହି ଶିବ ମନ୍ଦିରର ହୁଣ୍ଡୀଟି ମନ୍ଦିର ଫାଟକ ଭାଙ୍ଗି ଚୋରି କରି ନେଇଥିବା ମନ୍ଦିର ପରିଚାଳନା କମିଟିର ସଭାପତି ବିବେକାନନ୍ଦ ପ୍ରଧାନ ଶନିବାର ଦିନ ଠାକୁର ଗଡ଼ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି - ଶୁକ୍ରବାର ରାତିରେ ମନ୍ଦିର ର ପୂଜକ ମନ୍ଦିର ତାଲା ପକାଇ ଘରକୁ ଯାଇଥିବା ବେଳେ କେତେକ ଯୁବକ ମନ୍ଦିର ରେ ପଶି ମନ୍ଦିର ଫାଟକର ତାଲା ଭାଙ୍ଗି ମନ୍ଦିରରେ ଥିବା ହୁଣ୍ଡୀଟି ଚୋରି କରି ନେଇ ଯାଇଥିଲେ । ଉକ୍ତ ହୁଣ୍ଡୀ ରେ ଥିବା ସମସ୍ତ ଦାନ ଟଙ୍କାକୁ ଚୋରମାନେ ନେଇ ହୁଣ୍ଡୀଟି ମନ୍ଦିର ପଛ ପାଖରେ ପକାଇ ଫେରାର ହୋଇଯାଇଛନ୍ତି ।

# ସମୃଦ୍ଧ ଓଡିଶା ସମାବେଶ ବିକାଶ ଧାରା ଓଡିଶା ସାରା

ପରଜଙ୍ଗ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ମହାବିଦ୍ୟାଳୟର ସଭାଗୃହ ଠାରେ ସ୍ୱାବଲମ୍ବି ଯୁବା, ସମୃଦ୍ଧ ଓଡିଶା ସମାବେଶ କାର୍ଯ୍ୟ କ୍ରମ ବିକାଶ ଧାରା ଓଡ଼ିଶା ସାରାର ସପ୍ତାହ ବ୍ୟାପି କାର୍ଯ୍ୟ କ୍ରମର ଶେଷ ହୋଇଯାଇଛି।

ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟାକ ବିଭୂତି ଭୂଷଣ ପ୍ରଧାନ ଯୋଗଦାନ କରିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ , ବ୍ଲକ ଅଧ୍ୟକ୍ଷ ସର୍ମିଷ୍ଠା ଦଳବେହେରା, ଉପଧକ୍ଷା ଜଶସ୍ୱିନୀ ରାଉତ, ସମାଜସେବୀ ବନଲତା ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ଜେନା , ଜିଲ୍ଲାର ବିଭିନ୍ନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଯୋଗଦାନ କରିଥିଲେ ।

ବର୍ତ୍ତମାନର ଯୁବପିଢି କିଭଳି ଭାବେ ସ୍ୱାବଲମ୍ବୀ ହୋଇ ନିଜର ତଥା ପରିବାର ଭରଣ ପୋଷଣ କରି ପରିବାର ସହ ସମୃଦ୍ଧ ଓଡିଶା ଗଠନ କରିପାରିବେ ଅତିଥି ବୃନ୍ଦ ନିଜନିଜର ବକ୍ତବ୍ୟ ରେ ପ୍ରକାଶ କରିଥିଲେ, କିଭଳି ଭାବେ ଯୁବପିଢୀ , ସ୍ୱାବଲମ୍ବୀ ହୋଇ ପରିବ ସମ୍ବନ୍ଧେ, ୪ଚକିଆ ଯାନର ମରାମତି, ସିଲେଇ , ଜିଲ୍ଲାରେ ଥିବା ଆଇଟି ଆଇ ମଧ୍ୟରେ ଇଲେକଟ୍ରିକାଲ, ଇଲେକେଟ୍ରାନିକ ସେମିନ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟ ର ଟ୍ରେନିଙ୍ଗ ଦେଇ ଯୋଗ୍ୟ ତା ଭିତରେ ବେକାର ଯୁବକ ଯୁବତୀମାନଙ୍କୁ ଟ୍ରେନିଂ ନେଇ ଆତ୍ମନିର୍ଭରଶିଳ ହୋଇ ପାଇବେ, ବିଭିନ୍ନ ବିଭାଗ କର୍ମଚାରୀ ମାନେ ମଧ୍ୟ ନିଜନିଜର ବକ୍ତବ୍ୟ ରେ ପ୍ରକାଶ କରିଥିଲେ ।

# ୧୨ ଓଡିଶା ବାଟାଲିୟନ ଏନସିସିର ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳରେ ଥିବା ୧୨ ଓଡ଼ିଶା ବାଟାଲିଅନ ଏନ୍‌ସିସି ଢେଙ୍କାନାଳର ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଢ଼େଙ୍କାନାଳ ଜିଲ୍ଲା ଆଇଜିଆଇଟି ସରାଙ୍ଗ ପରିସରରେ ଆୟୋଜିତ ବାର୍ଷିକ ପ୍ରଶିକ୍ଷଣ ଶିବିର ,କ୍ୟାମ୍ପ ଫାୟାର ଓ ସାଂସ୍କୃତିକ ସନ୍ଧ୍ୟା ସହ ସମାପ୍ତ ହୋଇଛି । ଏହି ଶିବିରରେ ୪୦୦ରୁ ଅଧିକ କ୍ୟାଡେଟ ଏହି ଶିବିରରେ ଅଂଶଗ୍ରହଣ କରି ଶୃଙ୍ଖଳା, ଦେଶପ୍ରେମ, ନେତୃତ୍ୱ ଓ ଭାଇଚାରାର ଅନନ୍ୟ ଅନୁଭୂତି ଲାଭ କରିଥିଲେ ।ଏହି ୧୦ ଦିନିଆ ଶିବିରକୁ କମାଣ୍ଡିଂ ଅଫିସର କର୍ଣ୍ଣେଲ ସି. ସି. ନାଗଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିଲା । କ୍ୟାଡେଟମାନଙ୍କ ସର୍ବାଙ୍ଗୀଣ ବିକାଶ, ସାମରିକ ଶୃଙ୍ଖଳା, ନେତୃତ୍ୱ ଗୁଣ, ଶାରୀରିକ ଦକ୍ଷତା, ବ୍ୟକ୍ତିତ୍ୱ ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି ଓ କ୍ୟାରିୟର ମାର୍ଗଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଶିବିରରେ କ୍ୟାଡେଟମାନଙ୍କୁ ଡ୍ରିଲ୍, ଶାରୀରିକ ପ୍ରଶିକ୍ଷଣ, ଅସ୍ତ୍ରଚାଳନ ଓ ଫାୟାରିଂ, ମାନଚିତ୍ର ପାଠ, ଫିଲ୍ଡ କ୍ରାଫଟ, ବ୍ୟାଟଲ୍ କ୍ରାଫଟ, ପ୍ରାଥମିକ ଚିକିତ୍ସା ଓ ଅନ୍ୟାନ୍ୟ




ସାମରିକ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା ।

ସେହିପରି ମଞ୍ଚଭୀତି ଦୂର କରିବା ପାଇଁ ବିତର୍କ, ବକ୍ତୃତା, ଗ୍ରୁପ୍ ଡିସକସନ୍ ଓ ସାଂସ୍କୃତିକ କାର୍ଯ୍ୟ କ୍ରମରେ ସମସ୍ତ କ୍ୟାଡେଟଙ୍କୁ ଅଂଶଗ୍ରହଣର ସୁଯୋଗ ଦିଆଯାଇଥିଲା । ଶିବିରର ଏକ ବିଶେଷ ଆକର୍ଷଣ ଥିଲା ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ପ୍ରଦତ୍ତ ପ୍ରେରଣାଦାୟକ ବକ୍ତବ୍ୟ ଓ କ୍ୟାରିୟର ମାର୍ଗଦର୍ଶନ । ଏହା ସହିତ ସ୍ଥାନୀୟ ଶିଳ୍ପ ପ୍ରତିଷ୍ଠାନ, ବିଦ୍ୟୁତ୍ କେନ୍ଦ୍ର ଏବଂ କୌଶଳ ବିକାଶ କେନ୍ଦ୍ରକୁ ଶିକ୍ଷାମୂଳକ ପରିଦର୍ଶନ କରାଯାଇ କ୍ୟାଡେଟମାନଙ୍କ ଜ୍ଞାନ ଓ ଦୃଷ୍ଟିକୋଣକୁ ସମୃଦ୍ଧ କରାଯାଇଥିଲା ।ଶିବିରର ସମସ୍ତ ପ୍ରଶାସନିକ ଓ ଲଜିଷ୍ଟିକ୍ ବ୍ୟ ବସ୍ଥା ଲେଫଟେନାଣ୍ଟ କର୍ଣ୍ଣେଲ ରାଜୀବ ବାଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।ଏହି ଅବସରରେ ଏନ୍‌ସିସି ଗ୍ରୁପ୍ ମୁଖ୍ୟାଳୟ, କଟକର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ଏସ୍. ଜି. ଏସ୍. ଶେଖର, ସେନା ମେଡାଲ୍‌ଙ୍କୁ ଶିବିରର ପରିକଳ୍ପନାରୁ ସଫଳ ସମାପନ ପର୍ଯ୍ୟ ନ୍ତ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ ।

ଢେଙ୍କାନାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ପୁଲିସ ସୁପରିଟେଣ୍ଡେଣ୍ଟ ଅଭିନବ ସୋନକରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।ଶିବିରର ସମାପନୀ ସନ୍ଧ୍ୟାରେ କ୍ୟାମ୍ପ ଫାୟାର ଓ ସାଂସ୍କୃତିକ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା । ଆଇ ଜି ଆଇଟି ର ନିର୍ଦ୍ଦେଶକ , ଅଧ୍ୟାପକ , ଅଧିକାରୀ ଓ କର୍ମଚାରୀ ସମସ୍ତେ ସହଯୋଗ କରିଥିଲେ ।

## ୮୨ ୟୁନିଟ ରକ୍ତ ସଂଗ୍ରହ

ଠାକୁରଗଡ, (ସବ୍ୟୁ) : କିଶୋରନଗର ଠାରେ ଶୁକ୍ରବାର ଦିନ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଖପାଖ ଅଞ୍ଚଳରୁ ବିଭିନ୍ନ ଯୁବକ ଯୁବତୀ ଯୋଗଦେଇ ରକ୍ତଦାନ କରିଥିଲେ । ଏଥିରେ ୮୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରକୁ ଅତିଥି ଭାବରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଭାଜପା ନେତା ଅର୍ଜୁନ କୁମାର ସାହୁ, ଜିଲା ଭାଜପା ଉପ ସଭାପତି ଅଞ୍ଜଳି ପ୍ରଧାନ, ବଶିଷ୍ଟ ନାୟକ, ଏମପିଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଡ. ଅଲେଖ ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ କିଶୋରନଗର ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ସହଯୋଗ କରିଥିବା ବେଳେ ଅନୁଗୋଳ ବ୍ଲଡ଼ ବ୍ୟାଙ୍କ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଜିତେନ୍ଦ୍ର ସାହୁ , ଚିକୁନ ସାହୁ , ସଞ୍ଜୟ ବେହେରା, ଗୋପାଳ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ବିଧାୟକଙ୍କ ବିଭିନ୍ନ ଗ୍ରାମ ଗସ୍ତ

ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ନଳିନୀକାନ୍ତ ପ୍ରଧାନ ଆଜି ମାଧପୁର ଗ୍ରାମ ପଞ୍ଚାୟତର କୁନ୍ଦନାଳି, ମାଧପୁର, ବନ୍ଧୁପାଲି, ତିତିରିକଟା, ସରଧାପୁର, ନୂଆଗାଁ, ସୋରିଷପଙ୍କ, ମଦନପୁର, ବଙ୍କୁଆଳ ଗ୍ରାମକୁ ଯାଇକରି ଜନସାଧାରଣ ଙ୍କ ସୁଖ, ଦୁଃଖ ବୁଝିବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ଯାଥାଶୀଘ୍ର ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ମହେଶର ଦେହୁରୀ, ମାଧପୁର ଅଞ୍ଚଳର ବରିଷ୍ଠ ରାଜନେତା ରାମଚନ୍ଦ୍ର ମହାକୁ ,ବରିଷ୍ଠ ନେତା ଶ୍ରୀକାନ୍ତ କୁମାର ମାହାର, ବିଜୁ ଯୁବ ଛାତ୍ର ସଭାପତି ହିମାଂଶୁ ଶେଖର ପ୍ରଧାନ, ଅର୍ଜୁନ କୁମାର ପ୍ରଧାନ, ମାନଭଞ୍ଜନ ପ୍ରଧାନ, ସୁନୀଲ କୁମାର ପଣ୍ଡା, ପଞ୍ଚାନନ ପ୍ରଧାନ, ରବିନ୍ଦ୍ର ପ୍ରଧାନ, ଅଜୟ ବିଶାଳ, ଏବଂ ମାଧପୁର ବିଜୁ ଜନତା ଦଳ ର ସମସ୍ତ ଆଗଧାଡ଼ିର କର୍ମ କର୍ତ୍ତା ଉପସ୍ଥିତ ଥିଲେ ।

# ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀର ଶୁଭାରମ୍ଭ



ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଶନିବାର ଅପରାହ୍ନରେ ମିନି ଷ୍ଟାଡ଼ିୟମ୍ ଠାରେ ଉଦ୍ୟମୀ ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି ପ୍ରଦର୍ଶନୀକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟ କ୍ରମ ଦ୍ୱାରା ଯୁବ ଗୋଷ୍ଠୀ ପ୍ରେରିତ ହୋଇ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରେରଣା ପାଇବେ । ସରକାରୀ ପ୍ରୋତ୍ସାହନ ପାଇ ଉଦ୍ୟୋଗ ପ୍ରତିଷ୍ଠା ମାଧ୍ୟମରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି । ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମର ଶୁଭାରମ୍ଭ ସମୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଂଜନ ସେଠୀ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ପ୍ରେମାନନ୍ଦ ମିଶ୍ର ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଶିଳ୍ପ କେନ୍ଦ୍ରର ପ୍ରୋତ୍ସାହନରେ ହେଉଥିବା ସର୍ଜିକାଲ ଯନ୍ତ୍ରପାତି ନିର୍ମାଣ, ସେଡ୍ ନେଟ ପ୍ରସ୍ତୁତି, ଟ୍ରି ଗାର୍ଡ, ଷ୍ଟିଲ ବାସନ ଆଦି ନିର୍ମାଣ, ପିଭିସି ପାଇପ୍, ଡୋର୍ ଫିଟିଙ୍ଗ୍ସ , ହସ୍ତତନ୍ତ, ଡୋକ୍ରା, ବାଉଁଶ ଓ କାଠ ନିର୍ମିତ ସୌଖିନ ଗୃହ ଉପକରଣ, ଖାଦ୍ୟ ସାମଗ୍ରୀ ଆଦିର ୩୦ ଗୋଟି ଷ୍ଟଲରେ ପ୍ରଦର୍ଶନୀ ଓ ବିକ୍ରି ହେଉଥିବା ଜଣାଯାଇଛି ।

# ସରକାରୀ ରାସ୍ତାକୁ ଖୋଳି ଦେବାରୁ ଚାଷୀ ହନ୍ତସନ୍ତ

ବଣ୍ଡଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଣ୍ଡଁରପାଳ ବ୍ଲକ ବନ୍ଧା ପଞ୍ଚାୟତରେ ସରକାରୀ ରାସ୍ତାକୁ ଖୋଳି ବନ୍ଦ କରିଦେବା ନେଇ ଅଭିଯୋଗ ଉଠିଛି । ବନ୍ଧା ଗ୍ରାମର ଚନ୍ଦ୍ରଶେଖର ସାହୁ ଅଭିଯୋଗ କରିଛନ୍ତି ଯେ, କିଛି ଅସାମାଜିକ ଗୋଷ୍ଠୀ ସରକାରୀ ରାସ୍ତାକୁ ନଷ୍ଟ କରିଦେବା ଫଳରେ ତାଙ୍କ ଛେଳି ଫାର୍ମ ଓ ଚାଷକାମ ଗୁରୁତର ଭାବେ ପ୍ରଭାବିତ ହୋଇଛି ।

ଅଭିଯୋଗ ଅନୁସାରେ, ମୌଜା ବନ୍ଧାର ଖାତା ନମ୍ବର୯, ପ୍ଲଟ ନମ୍ବର୧୯୪, ୧୯୭ ଓ ୧୯୮ରେ ଥିବା ମୋଟ ୪୬ ଡିସିମିଲ ଜମିରେ ସେ ରାଷ୍ଟ୍ରୀୟକୃତ ବ୍ୟାଙ୍କରୁ ଋଣ ନେଇ ଏକ ଛେଳି ଫାର୍ମ ସ୍ଥାପନ କରିଥିଲେ । ଜମିକୁ ସଂଯୋଗ କରୁଥିବା ଖାତା ନମ୍ବର୫୨୮, ପ୍ଲଟ ନମ୍ବର୧୮୬ର ସରକାରୀ ରାସ୍ତାକୁ ଆଧାର କରି ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର ହୋଇଥିଲା ।ତେବେ ରାସ୍ତାକୁ ଲାଗିଥିବା ଏକ ବନ୍ଧକୁ ଖୋଳିବା ସହ ସରକାରୀ ରାସ୍ତାକୁ ମଧ୍ୟ ଖୋଳି ଦିଆଯାଇଥିବାରୁ ବର୍ତ୍ତମାନ ସେ ଓ ଆଖପାଖର ଚାଷୀମାନେ ଯାତାୟାତ କରିପାରୁ ନାହାନ୍ତି । ଫଳରେ ଫାର୍ମରେ ଥିବା ଛେଳିଗୁଡ଼ିକୁ ଦୁଇଟି ଅଲଗା ସ୍ଥାନକୁ ସ୍ଥାନାନ୍ତର କରିବାକୁ ପଡ଼ିଥିବାବେଳେ ଚାଷଜମିରେ ମଧ୍ୟ କାମ କରିବା ସମ୍ଭବ ହେଉନାହିଁ ।ଏନେଇ ସେ ସମ୍ପୃକ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇନଥିବା ସେ କହିଛନ୍ତି । ଏପରି ପରିସ୍ଥିତିରେ ବ୍ୟାଙ୍କ ଋଣ ପରିଶୋଧ କରିବା ନେଇ ଚନ୍ଦ୍ରଶେଖର ସାହୁ ଓ ତାଙ୍କ ପରିବାର ଚିନ୍ତା ପ୍ରକାଶ କରିଛନ୍ତି । ସମସ୍ୟାର ତୁରନ୍ତ ସମାଧାନ ପାଇଁ ସେ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି ।

# ଗୁଳିମାଡ଼ ଘଟଣାରେ ଏସପିଙ୍କୁ ଭେଟିଲା ବିଜେଡି ଫେକ୍ଟ ଫାଇଣ୍ଡିଂ ଟିମ୍

## ୪୮ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନହେଲେ ଏସପି ଅଫିସ ଘେରାଓ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱରର ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳିମାଡ଼ ଓ ହତ୍ୟା ଘଟଣାରେ ଶନିବାର ବିଜେଡିର ଫେକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟଯାନୁଷ୍ଠାନ ନେଇ ଦାବି କରିଛନ୍ତି । ଯଦି ସମ୍ପୃକ୍ତ ଘଟଣାରେ ୪୮ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସପି ଅଫିସ ଘେରାଓ କରିବା ନେଇ ବିଜେଡି ପକ୍ଷରୁ କୁହାଯାଇଛି ।ଏଥିସହ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘର ଓ ଅରଡ଼ବଜାର ସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି । ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାର ସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝା ସୁଝା କରିଛନ୍ତି । ବାଲେଶ୍ୱର ଜିଲ୍ଲା ବର୍ତ୍ତମାନ ଅପରାଧୀଙ୍କ ଚରାଭୂଇଁ ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଏକଦମ୍ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଗୁରୁବାର ଦିବାଲୋକରେ ବାଲେଶ୍ୱରରେ ୮ ରାଉଣ୍ଡର ଛାତିଥରା ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ସେଖ ହମିଦଙ୍କର ମୃତ୍ୟୁ ହୋଇଛି । ଯାହା ସମଗ୍ର ସହର ଓ ଜନ ମାନସରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫେକ୍ଟ ଫାଇଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ ପରେ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଞ୍ଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏନେଇ ପୁଲିସ ତାଙ୍କ ଘରେ ପହଞ୍ଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ ନ୍ୟାୟ ଭିକ୍ଷା କରିଛନ୍ତି । ପରେ ଟିମର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ତଥା ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି । ବାଲେଶ୍ୱରରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗୁଡୁଥିବା ବେଳେ ସମ୍ପୃକ୍ତ ଗୁଳିକାଣ୍ଡକୁ ଟିମ ନିନ୍ଦା କରିଛି । ଏଥିସହ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ପ୍ରେମୁଖ ଏସପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି ।

# ପାୟାସାହି କୋରିଅର୍ ଅଫିସରୁ ଚୋରି

ଅସୁରାଳି,(ସବ୍ୟୁ): ଧୂଷୁରୀ ଥାନା ଅନ୍ତର୍ଗତ ପାୟାସାହି ଛକରେ ଥିବା ଏକ କୋରିଅର୍ କାର୍ଯ୍ୟାଳୟରୁ ବିଳମ୍ବିତ ରାତିରେ କବାଟ ଭାଙ୍ଗି ବ୍ୟାପକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ କାର୍ଯ୍ୟାଳୟରୁ ନଗଦ ଟଙ୍କା ସମେତ ଲ୍ୟାପଟପ ଏବଂ ଗ୍ରାହକମାନଙ୍କର ମୂଲ୍ୟବାନ ପାର୍ସଲ ପ୍ୟାକେଟ ଲୁଟି ନେଇଛନ୍ତି। ପନ୍ଦରବାଟିଆ ଗ୍ରାମର ଜ୍ଞାନରଞ୍ଜନ ନାୟକଙ୍କର ଭଦ୍ରକ ଆଖଣ୍ଡଳମଣି ରାଜ୍ୟ ସ ପାୟାସାହି ଛକରେ ଏକ ଭଡ଼ା ଘରେ କୋରିଅର୍ ସଂସ୍ଥା ରହିଛି।ଗତ ୨୪ତାରିଖ ରାତିରେ କେହି ଦୁର୍ବୃତ୍ତ ଅଫିସର କବାଟ ତାଲା ଭାଙ୍ଗି ପ୍ରାୟ ୪୦ ହଜାର ଟଙ୍କା ମୂଲ୍ୟର ୩ଟି ପାର୍ସଲ ବକ୍ସ, ଏକ ଲ୍ୟାପଟପ ଏବଂ ନଗଦ ୧୦,୦୦୦ ଟଙ୍କା ଚୋରି କରି ନେଇଛନ୍ତି। ପରଦିନ ସକାଳେ ଜ୍ଞାନ ଦୋକାନ ଖୋଲିବାକୁ ଆସି ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ନେଇ ଧୂଷୁରୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ କେସ ନଂ- ୨୮୧/୨୬ରେ ମାମଲା ରୁଜୁ କରିଛି।

# ନିଖୋଜ ଯୁବକଙ୍କ ଶବ ନଦୀରୁ ଉଦ୍ଧାର

ବାସୁଦେବପୁର ,(ସବ୍ୟୁ): ଏହି ବ୍ଲକର ଗୋବିନ୍ଦପୁର ଗ୍ରାମର ଦୁଇ ଦିନ ତଳେ ନିଖୋଜ ଯୁବକଙ୍କର ଶବ ମନ୍ତେଇ ନଦୀରୁ ଉଦ୍ଧାର କରାଯାଇଛି । ଗୋବିନ୍ଦପୁର ଦକ୍ଷିଣ ସାହିର କୁଶଧର ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ (ଚଗଲା) ପାରିବାରିକ କଳିକୁ କେନ୍ଦ୍ର କରି ଗତ ଦୁଇ ଦିନ ଧରି ନିଖୋଜ ହୋଇଥିଲେ । ପରିବାର ପକ୍ଷରୁ ନାୟକାଣୀଡିହି ଥାନାର ଲିଖିତ ଅଭିଯୋଗ କରିଥିଲେ । ଶନିବାର ସକାଳେ ବାଲିମେଦ ପଞ୍ଚାୟତର ଖସରବେଡି ଗ୍ରାମର ମନ୍ତେଇ ନଦୀର ଶାଖାର ଜାଲରେ ଏକ ଶବ ଲାଗିଥିଲା । ଜୁଆର ଅଧିକ ଆସିବାରୁ ଭାସି ଯାଇଥିଲା । ଖବର ପାଇ ନାୟକାଣୀଡିହି ପୋଲିସ ଓ ଅଗ୍ନିଶମ କର୍ମଚାରୀ ମନ୍ତେଇ ନଦୀରେ ପହଞ୍ଚିଥିଲେ । କଳିକତିରି ବୁର ତଳୁ ଏକ ଯୁବକଙ୍କ ଗଳିତ ଶବ ଉଦ୍ଧାର କରିଥିଲେ । ଉଦ୍ଧାର କରାଯାଇ ଥିବା ଶବଟି ଗୋବିନ୍ଦପୁର ଗ୍ରାମର ସୌମ୍ୟରଞ୍ଜନ ସାହୁ ବୋଲି ପରିବାର ଲୋକ ଚିହ୍ନଟ କରିଥିଲେ । ଘରୋଇ କଳି ଶେଷରେ କରୁଣ ପରିଣତି ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଅଛି । ନାୟକାଣୀଡିହି ଥାନାର କେଶ ନମ୍ବର -୧୮/୨୬ ବଳରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯିବ।

# ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ବାଲେଶ୍ୱର , (ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୮୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୬୪ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ ଡଃ ମଧୁସ୍ମିତା ସାମନ୍ତରାୟ, ବିଡିଓ ଜଳେଶ୍ୱର ଗୌରାଙ୍ଗ ଘୋଷ, ତହସିଲଦାର ସତ୍ୟଜିତ୍ ମହାନ୍ତି, ନିର୍ବାହୀ ଅଧିକାରୀ ଜଳେଶ୍ୱର ମ୍ୟୁନିସିପାଲଟି ହେମନ୍ତ ସିଂହଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ଓୟୁଜେ ବାଣ୍ଟିଲା ଦହି ସରବତ

ବାଲେଶ୍ୱର ,(ସବ୍ୟୁ): ଜଳବାୟୁ ପରିବର୍ତ୍ତନ ଜନିତ ପରିସ୍ଥିତି ଯୋଗୁଁ ଗ୍ରୀଷ୍ମ ପ୍ରବାହ ସବୁ ସମୟରେ ଲାଗି ରହିଥିବାରୁ ଏ ଦିଗରେ ଜନସାଧାରଣ ସଚେତନ ହୋଇ ନିଜେ ନିଜକୁ ସୁସ୍ଥ ରଖିବା ପାଇଁ ବାର ଆସୋସିଏସନ୍ ସଭାପତି ମନୋଜ କୁମାର ନାୟକ ପରାମର୍ଶ ଦେଇଛନ୍ତି। ଶୁକ୍ରବାରଦିନ ଓଡିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଏକ ଜଳଛତ୍ର ଓ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମକୁ ଉଦଘାଟନ କରି ଶ୍ରୀ ନାୟକ କହିଲେ ଯେ, ଜନସାଧାରଣଙ୍କୁ ସଚେତନ କରିବା, ବିଭିନ୍ନ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ସମସ୍ୟା, ପ୍ରଶାସନର ଦୃଷ୍ଟିକୁ ଆଣିବା ସାମ୍ବାଦିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ । ଏହା ସହିତ ସମାଜ ସେବା କରିବା ସାମ୍ବାଦିକଙ୍କ ଆଉ ଏକ ଦାୟିତ୍ୱ ବୋଲି ସେ କହିଥିଲେ। ସେ କହିଲେ ଯେ, ଜଳଛତ୍ର, ସ୍ୱଚ୍ଛ ଭାରତକାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ବୃକ୍ଷ ରୋପଣ ଆଦି ଅନେକ କାର୍ଯ୍ୟକ୍ରମ ଓଡ଼ିଶା ସାମ୍ବାଦିକ ୟୁନିଅନ କରୁଥିବା ବାସ୍ତବିକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ସମ୍ବାଦ ଲେଖା ଓ ପରିବେଷଣ ସହ । ଏହି ସେବା ମୂଳକ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ସେ ସମସ୍ତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ବିବେକାନନ୍ଦ ଦାସ, ବରିଷ୍ଠ ସଦସ୍ୟ ରାମନାରାୟଣ ଶତପଥି ,ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ ଆଶ,ଅଧିପ୍ କୁମାର ଜେନା, ଆଶୁତୋଷ ମଲ୍ଲିକ,ଲୋକନାଥ ପିରି, ଅମ୍ରିତା ପିରୀ,ହାଇଦର ଖାନ, ଅଜୀମ ବାଲେଶ୍ୱରୀ, ସୋମନାଥ ସାହୁ, କହ୍ନେଇ ଚରଣ ପ୍ରଧାନ ଆଇନଜୀବୀ, ଅଜୟ କୁମାର ପାତ୍ର ସମାଜ ସେବୀ ଅରୁଣ ଚାଟାର୍ଜୀ ,ଭବାନୀ ଶଙ୍କର ପାଣିଗ୍ରାହୀ,ଗୋପବନ୍ଧୁ ଗିରି, ହରେକୃଷ୍ଣ ପାତ୍ର, ମୀନାନ୍ଦ୍ର ଦାସ, ସିପୁନ କୁମାର ମହାନ୍ତି ଆଲୋକ କୁମାର ମଲ୍ଲିକ, ବାପୁନ କୁମାର ସାହୁ,ଅଭିରାମ ବାରିକ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ,ସ୍ଥାନୀୟ ବ୍ୟବସାୟୀ, ଅଟୋ ଚାଳକ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୪୪ ଅଙ୍ଗନୱାଡ଼ି କେନ୍ଦ୍ରରେ ନିଜସ ଗୃହ ନାହିଁ

ଆଗରପଡ଼ା/ବନ୍ତ,(ସବ୍ୟୁ) ବନ୍ତବ୍ଲକରେ ୨୫ଟି ପଞ୍ଚାୟତରେ ୨୩୮ଟି ଅଙ୍ଗନୱାଡ଼ି ରହିଛି । ସେଥି ମଧ୍ୟରୁ ଏହି ୪୪ କେନ୍ଦ୍ର ମଧ୍ୟରୁ ୧୬ଟିରେ ଗୃହ କାର୍ଯ୍ୟ ଚାଲିଛି, ୭ଟିରେ ସ୍ଥାନ ନିରୂପଣ ହୋଇପାରି ନାହିଁ, ୨୧ଟିରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆ ଯାଇଥିଲେ ସୁଦ୍ଧା ବିଭାଗୀୟ ଅର୍ଥ ଅଭାବ ଯୋଗୁଁ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିବାର ଜଣାପଡ଼ିଛି। ନିଜସ୍ୱ ଗୃହ ନ ଥିବା କେନ୍ଦ୍ରରେ ପିଲାମାନେ ଅନ୍ୟମାନଙ୍କ ଘରେ ଅଧ୍ୟୟନ କରୁଛନ୍ତି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକ ମହଲରୁ ଦାବୀ ହେଉଛି।

# ଯନ୍ତ୍ରୀ ମହଲରେ ଚଢ଼ଉ ଚିନ୍ତା, ଆନନ୍ଦପୁର ଆଶ୍ୱସ୍ତ

କେନ୍ଦୁଝର ,(ଜିପ୍ର): ପୂର୍ବରୁ ଓଡ଼ିଆ ଅସ୍ମିତାର ଦ୍ୱାହୀ ଦେଇ ଅପ୍ରତ୍ୟାଶିତ ଭାବରେ ୨୦୨୪ ନିର୍ବାଚନରେ ରାଜ୍ୟରେ ସରକାରକୁ ଚାଲିଆସିଥିବା ବିଜେପି ସଂପ୍ରତି ଅସ୍ମିତା ବଦଳରେ ଦୁର୍ନୀତିକୁ ଶୂନ୍ୟ ସହଣୀୟତାର ସ୍ଲୋଗାନ ଦେଇ ତମାମ ରାଜ୍ୟରେ ବିଭିନ୍ନ ବିଭାଗର ଇଞ୍ଜିନିୟରମାନଙ୍କ ଉପରେ ଭିଜିଲାନ୍ସ ଚଢାଉର ଆତଙ୍କ ଖେଳାଉଥିବାର ସର୍ବତ୍ର ପରିଲକ୍ଷିତ ହେଉଛି । ଅବସରର ଅଳ୍ପଦିନ ପୂର୍ବରୁ ଅନେକ ଯନ୍ତ୍ରୀଙ୍କୁ ମାଡ଼ିବସି ସେମାନଙ୍କ ଅବଶିଷ୍ଟ ଜୀବନକୁ ଖରାପ କରି ଦିଆଯାଉଥିବାବେଳେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ଖଣ୍ଡର ନିର୍ବାହୀ ଯନ୍ତ୍ରୀଙ୍କ କାରନାମା ଅଦ୍ୟାବଧି କେମିତି ସରକାରଙ୍କର ବା ଦୁର୍ନୀତି ନିବାରଣ ବିଭାଗର ଦୃଷ୍ଟି ଆଢୁଆଳରେ ରହିଯାଇଛି ତା' ତଥ୍ୟାଭିଜ୍ଞ ମହଲରେ ବିସ୍ମୟ ସୃଷ୍ଟି କରିଛି । ପ୍ରାପ୍ତ ବିବରଣୀ ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ଆନନ୍ଦପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ ସେବା ନିବୃତ୍ତିର ସମୟ ପାଖେଇ ଆସୁଛି । ଏହି ଆନନ୍ଦପୁର ଉପଖଣ୍ଡରୁ ବିଧାନସଭାକୁ ବାରମ୍ବାର ନିର୍ବାଚିତ ହେଉଥିବା ପ୍ରଫେସର ବଦ୍ରିନାରାୟଣ ପାତ୍ରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀତ୍ୱ ଅମଳରେ ପ୍ରତିଷ୍ଠିତ ଉକ୍ତ ଡିଭିଜନ କାର୍ଯ୍ୟାଳୟଟି ଏକଦା ସାରା ରାଜ୍ୟରେ ଯଥେଷ୍ଟ ସୁନାମ ଅର୍ଜନ କରିଥିଲା । ବିଭିନ୍ନ ପ୍ରକଳ୍ପର ସୁଚାରୁ ପୂର୍ଣ୍ଣାଙ୍ଗୀକରଣ କରାଇ ତଦାନୀନ୍ତନ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ଏହି ଡିଭିଜନ ସମଗ୍ର ରାଜ୍ୟରେ ସୁନାମ ଗୋଟାଇ ପୁରସ୍କୃତ ମଧ୍ୟ ହୋଇଥିଲା । ଏବେ, ଜିଲ୍ଲାର ପ୍ରତିନିଧି ମୋହନ ମାଝୀ ସ୍ୱୟଂ ମୁଖ୍ୟମନ୍ତ୍ରୀ ହୋଇଯିବା ପରେ ଆଭ୍ୟନ୍ତରୀଣ ଅଞ୍ଚଳରେ ରାସ୍ତାଘାଟ ଚିକ ଚିକ ମାରିବାର ସ୍ୱପ୍ନରେ ଜିଲ୍ଲାବାସୀ ବିଭୋର ହୋଇ ଉଠିଥିଲେ । ମାତ୍ର ସ୍ୱଳ୍ପ ଦିନ ପରେ ଅବସର ନେବାକୁ ଥିବା ନିର୍ବାହୀ ଯନ୍ତ୍ରୀଙ୍କ ପ୍ରଚଣ୍ଡ ଅର୍ଥ ଲାଳସା ଯୋଗୁଁ ଏବେ ବିଭାଗର ଉନ୍ନୟନ ପ୍ରକଳ୍ପ ସବୁ ଏକ ପ୍ରକାରର ଠପ ହୋଇଯାଇଛି । ସାରା ଡିଭିଜନରେ ଏବେ ଉକ୍ତ କରିତକର୍ମା ଯନ୍ତ୍ରୀଙ୍କ ଅବସରକାଳୀନ କ୍ରିୟାକଳାପ ତୀବ୍ର ଜନ ଅସନ୍ତୋଷର ପ୍ରମୁଖ କାରଣ ପାଲଟିଛି । ଅଫିସକୁ ନ ଆସି ନିକଟସ୍ଥ ଭଦ୍ରକ ତଥା ଅନ୍ୟାନ୍ୟ ଅଜଣା ଜାଗାରେ ବସି ଦୁର୍ନୀତିଗ୍ରସ୍ତ ଠିକାଦାରଙ୍କଠାରୁ ଅର୍ଥ ଆଦାୟ କରିବା, ବିନା କାର୍ଯ୍ୟରେ ମିଥ୍ୟା ବିଲ କରିବା, ମୋଟା ଅଙ୍କର ଉତ୍କୋଚ ବଦଳରେ ଆୱାର୍ଡ଼, ଏଫ- ୨ ଭଳି ବିଭିନ୍ନ କାର୍ଯ୍ୟକୁ ମନ ଇଚ୍ଛା ବାଣ୍ଟିବା। ଇତ୍ୟାଦି ଅନେକ ଅଭିଯୋଗରେ ନିର୍ବାହୀଯନ୍ତ୍ରୀ ଏବେ ସଂପୃକ୍ତ । ସ୍ଥାନୀୟ ଲୋକପ୍ରତିନିଧିମାନେ ଗ୍ରାମାଞ୍ଚଳର ଅତ୍ୟାବଶ୍ୟକୀୟ ପ୍ରକଳ୍ପଗୁଡ଼ିକର ତାଲିକା ଦେଇଥିଲେ ହେଁ ସେ ସବୁର ଏଷ୍ଟିମେଟ ଇତ୍ୟାଦି ନ ହେବାରୁ ଟେଣ୍ଡର ମଧ୍ୟ ହୋଇ ନ ପାରିବାର ବିକଳ ଚିତ୍ର ସଂପ୍ରତି ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନ ଅଫିସରେ ସ୍ପଷ୍ଟ ଦୃଶ୍ୟମାନ । ନିଜର ଅବସର ସମୟ ପାଖାପାଖି ହୋଇଯାଇଥିବାରୁ କର୍ତ୍ତବ୍ୟକୁ ଆଖି ବୁଜି ଯେନ ତେନ ପ୍ରକାରେ ଟଙ୍କା ଗୋଟାଇବାରେ ନିର୍ବାହୀ ଯନ୍ତ୍ରୀ ମହାଶୟ ନିଜର ସମସ୍ତ ବଳ ଖଟାଇ ଦେଇଥିବାର ଆଲୋଚନା ଯୋର୍ ଧରିଛି । କୌଣସି କାର୍ଯ୍ୟକୁ ତଦାରଖ ନ କରି କେବଳ ଠିକାଦାରଙ୍କ ଠାରୁ ଅର୍ଥ ଆଦାୟରେ ସ୍ୱୟଂ ନିର୍ବାହୀ ଯନ୍ତ୍ରୀ ବ୍ୟସ୍ତ ରହୁଥିବାରୁ ପ୍ରକଳ୍ପଗୁଡିକ ନିହାତି ନିମ୍ନ ମାନର ହେଉଥିବାର ଦେଖାଯାଉଛି । ଚାକିରି ଜୀବନର ଶେଷ ପର୍ଯ୍ୟାୟରେ ଅଞ୍ଚଳବାସୀଙ୍କୁ ଲୁଚୁଥିବା ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ ବେହେରା ଆଜ୍ଞା, ନିଜ କାର୍ଯ୍ୟାଳୟକୁ ଆଦୌ ନ ଆସି ବିଭିନ୍ନ ଅଜ୍ଞାତବାସରେ ଠିକାଦାରଙ୍କଠାରୁ ଅର୍ଥ ସଂଗ୍ରହ କରୁଥିବାର ଖବର୍ ମିଳୁଛି । କାର୍ଯ୍ୟାଳୟକୁ ନ ଆସି କେଉଁ ଅଜଣା ଜାଗାରେ ବସି ଇତି ମଧ୍ୟରେ ନିର୍ବାହୀ ଯନ୍ତ୍ରୀ ପ୍ରକଳ୍ପ ପିଛା ବ୍ୟାପକ ଅର୍ଥ ରଖି ଅନ୍ୟୁନ ଚାଳିଶଟି ଆୱାର୍ଡ଼ କାମର ଏଗ୍ରିମେଣ୍ଟ କରିଦେଇଥିବାର ଚାଞ୍ଚଲ୍ୟକର ସମ୍ବାଦ ହସ୍ତଗତ ହୋଇଛି । ପ୍ରତ୍ୟେକ କାର୍ଯ୍ୟର ମୋଟ ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କା ଲେଖାଏଁ ହୋଇଥିବାରୁ ନିଜେ ଅର୍ଥ ଆଦାୟ କରି ବିନା କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଲ କରିବାର ମସୁଧା ଚାଲିଥିବାର ଶୁଣି ସାମ୍ବାଦିକମାନେ ଡିଭିଜନ ଅଫିସରେ ପହଞ୍ଚିବା ବେଳକୁ ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ରହୁଛନ୍ତି । ଅବସରର ଠିକ ପୂର୍ବରୁ ଅତର୍କିତ ଚଢ଼ାଉ କରି ଅନେକ ଯନ୍ତ୍ରୀଙ୍କୁ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତଦନ୍ତ କରୁଥିବାବେଳେ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ଡିଭିଜନର ଶଂସିତ ବହୁଚର୍ଚ୍ଚିତ ନିର୍ବାହୀ ଯନ୍ତ୍ରୀ ଙ୍କ ଉପରେ ଏ' ଯାବତ ରାଜ୍ୟ ସରକାର କିମ୍ବା ଭିଜିଲାନ୍ସ ବିଭାଗର ନଜର୍ ପଡୁନଥିବା ସ୍ଥାନୀୟ ଜନସାଧାରଣରେ ଭୃକୁଞ୍ଚନ ସୃଷ୍ଟି କରିଛି । ନିର୍ବାହୀ ଯନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଚାକିରି କାଳର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଲେ ଅନେକ କଳାକାରନାମା ପଦାକୁ ପ୍ରକାଶ ପାଇବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

# ବିକଶିତ ଭାରତ -ସଂକଳ୍ପ ସମ୍ମିଳନୀ

ଠାକୁରମୁଣ୍ଡା ,(ସବ୍ୟୁ) : ମୋଦୀ ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଏବଂ ଓଡ଼ିଶାରେ ମୋହନ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବୁଦ୍ଧିଜୀବୀ ସମାବେଶ ୨୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଠାକୁରମୁଣ୍ଡା ଡ଼ାକ ବଙ୍ଗଳା ପରିସରରେ ଆୟୋଜିତ ସଂକଳ୍ପ ସମ୍ମିଳନୀରେ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନିମନ୍ତ୍ରଣ କରାଯାଇ ସମ୍ମାନିତ କରାଯାଇଥିଲା । ନିଜେ ସାଂସଦ ଅନନ୍ତ ଚରଣ ନାୟକ ଏବଂ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ସମସ୍ତ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ ଝ ଜିଲ୍ଲା ଉପସଭାପତି ( ପଶ୍ଚିମ) ବିମଳ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିବା ପରେ ସଂଯୋଜକ ଭାବେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଯୋଗେନ୍ଦ୍ର ମହାନ୍ତ ସମସ୍ତ ବରିଷ୍ଠ ନାଗରିକଙ୍କ ପରିଚୟ, ସାମ୍ବାଦିକଙ୍କୁ ସ୍ୱାାଗତ ଜଣାଇଥିଲେ ।ବିଧାୟକ ଜନସାଧାରଣଙ୍କୁ ସମ୍ବୋଧନ କରି ରାଷ୍ଟ୍ର ନିର୍ମାଣରେ ନାଗରିକର ଭୂମିକା, ଦେଶ ଗଠନରେ ଅବସରପ୍ରାପ୍ତ ନାଗରିକଙ୍କ ବଡ଼ ଭୂମିକା ରହିବ ବୋଲି କହିଥିଲେ । ସାଂସଦ ଅନନ୍ତ ଚରଣ ନାୟକ ବୁଦ୍ଧିଜୀବୀଙ୍କୁ ସମ୍ବୋଧନ କରି କହିଲେ ଯେ ପ୍ରଧାନମନ୍ତ୍ରୀ ଦେଶର ଭାଗ୍ୟ ବଦଳାଇବାରେ ସମର୍ଥ ହୋଇଛନ୍ତି ।ଆଜି ଭାରତୀୟଙ୍କୁ ବିଶ୍ୱ ସ୍ତରରେ ସମ୍ମାନ ମିଳୁଛି । ପ୍ରଥମ, ଦ୍ୱିତୀୟ ପାଳିରେ ଲୋକଙ୍କ ବିଶ୍ୱାସ ଭାଜନ ହୋଇଥିବାରୁ ତୃତୀୟ ପାଳିରେ ଜନସାଧାରଣ ଭରଷା କରିଛନ୍ତି ।ଦେଶର ବିକାଶ ଆମର ପ୍ରାଥମିକତା । ଆମର ସଂକଳ୍ପ ଲୋକସେବା ମାଧ୍ୟମରେ ଦେଶର ପ୍ରଗତି । ଲୋକ ସ୍ୱାଧୀନଚେତା ହେବ । ସେଥିପାଇଁ ବହୁବିଧ ଯୋଜନା ହୋଇଛି । ବହୁ ଲୋକ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ ସାଂସଦ ।ପ୍ରଧାନମନ୍ତ୍ରୀ ନିଜକୁ ଶାସକ ନୁହେଁ ସେବକ ବୋଲି ଘୋଷଣା କରି କାର୍ଯ୍ୟ କରୁଛନ୍ତି । ଆପଣମାନଙ୍କ ଠାରୁ ପ୍ରଧାନମନ୍ତ୍ରୀ ଶ୍ରେଷ୍ଠ ଭାରତ ଗଢିବା ପାଇଁ ଆମ ଜରିଆରେ ପ୍ରସ୍ତାବ ଆହ୍ୱାନ କରୁଛନ୍ତି ବୋଲି ସାଂସଦ କହିଥିଲେ । ବୁଦ୍ଧିଜୀବୀଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମହାନ୍ତି, ରବି ନାରାୟଣ ଜେନା, ଜଗମୋହନ ପୂର୍ତ୍ତି, ପଦ୍ମଲୋଚନ ନନ୍ଦ ଓ ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ପ୍ରମୁଖ ପ୍ରସ୍ତାବ ରଖିଥିଲେ । ଶେଷରେ ତାରାକାନ୍ତ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ପ୍ରଫେଟ ମହମ୍ମଦଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ, ଥାନାରେ ଏତଲା

ଧାମନଗର ,(ସବ୍ୟୁ) : ସଲମାନ ସମ୍ପ୍ରଦାୟର ଧର୍ମଗୁରୁ ମହାପୁରୁଷ ମହମ୍ମଦଙ୍କ ଉପରେ ପଶ୍ଚିମବଙ୍ଗର ନାଜିଆ ଏଲାହି ଖାନ ନାମକ ଜଣେ ମହିଳା ଆପତ୍ତିଜନକ ତଥା ବିବାଦୀୟ ମନ୍ତବ୍ୟ ଦେଇଥିବା ସୋସିଆଲ ମିଡିଆରେ ଦୃଷ୍ଟିକୁ ଆସିବା ପରେ ସାରା ଦେଶର ମୁସଲମାନମାନଙ୍କ ମଧ୍ୟରେ ଏହାର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ଏହି ବିବାଦୀୟ ମନ୍ତବ୍ୟ ମୁସଲିମ ସମ୍ପ୍ରଦାୟର ମଧ୍ୟରେ ଗଭୀର ଦୁଃଖ,କ୍ଷୋଭ ଓ ପ୍ରତିକ୍ରିୟା ସୃଷ୍ଟି କରିଛି। ଯାହାକୁ ନେଇ ଧାମନଗରରେ ମଧ୍ୟ ଏହାର ପ୍ରତିବାଦ କରାଯାଇଛି । ମୌଲାନା ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବି ମସ୍ତାନ-ଏ ମିଲ୍ଲତ ଙ୍କ ନେତୃତ୍ୱରେ ଶନିବାର ଅପରାହ୍ନରେ ଧାମନଗର ମୁସଲିମ ଜମାତ ତରଫରୁ ଖାନକା ସରିଫ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାକୁ ଘୋର ନିନ୍ଦା କରାଯିବା ସହ ଧାର୍ମିକ ଭାବନାକୁ ଘୋର ଆଘାତ ପହଞ୍ଚାଇଥିବା ମହିଳା ନାଜିଆ ଏଲାହି ଖାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା। ଏମଡି ହବିବୁର ରହେମାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୟଦ ଗୋଲାମ ଅହେମଦ ହବିବି ମସ୍ତାନ-ଏ ମିଲ୍ଲତ, ଅବଦୁଲ ହାକିମ,ସେକ ଜାଫର ଅଲ୍ଲୀ,ସେକ ସୈଫୁଦ୍ଦିନ,ସେକ ଜୟନୁଲ ଆବେଦିନ,ମୀର ମୋହିଉଦ୍ଦିନ,ସେକ ଇବ୍ରାହିମ,ସେକ କଲୋ,ସେକ ହଲିମ,ଏମଡି ଇସଲାମୁଦ୍ଦିନ,ଏମଡି ଫକିରୁଦ୍ଦିନ ପ୍ରମୁଖ ଉପସ୍ଥିତ ରହି ଏହି ଘଟଣା ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ପରେ ଗୋଲାମ ଅହେମଦ ହବିବିଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଧାମନଗର ଥାନାରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କ ବିରୁଦ୍ଧରେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ।

# ଶିଶୁ ଶ୍ରମ ନିରାକରଣ ଅଭିଯାନ କର୍ମଶାଳା

ଭଦ୍ରକ,(ସବ୍ୟୁ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୁଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ,ଭଦ୍ରକ ଠାରେ ରାଜ୍ୟସ୍ତରୀୟ ଶିଶୁ ଶ୍ରମ ନିରାକରଣ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ମନସ୍ମିତା ଖୁଣ୍ଟିଆ ଓ ସୁଜାତା ନାୟକ,ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସରୋଜ ଦତ୍ତ,ଶ୍ରମ ବିଭାଗୀୟ କମିଶନର ସଚ୍ଚିଦାନନ୍ଦ ଜେନା,ଜିଲ୍ଲା ଶ୍ରମ ଅଧିକାରୀ ପ୍ରେମ ମଞ୍ଜରୀ ନାୟକ,ୟୁନିସେଫ ରିସୋସର୍ ନେହା ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତ ବିଭାଗୀୟ ଅଧିକାରୀ,ଅଣ ସରକାରୀ ଅନୁଷ୍ଠାନର ସଦସ୍ୟ ସଦସ୍ୟଙ୍କୁ ଶିଶୁ ଶ୍ରମ ନିରାକରଣ ଅଭିଯାନର ସଚେତନ କରାଇବା। ୧୪ ବର୍ଷରୁ କମ୍ ଶିଶୁଙ୍କୁ କୌଣସି ପ୍ରକାର ବୃତ୍ତି ବା ପ୍ରକ୍ରିୟାରେ ନିୟୋଜିତ କରିବା ସମ୍ପୂର୍ଣ୍ଣ ନିଷେଧ ଓ ଏହା ଏକ ଦଣ୍ଡନୀୟ ଅପରାଧ। ୧୪ରୁ ୧୮ବର୍ଷର କିଶୋରଙ୍କୁ ବିପଦସଂକୁଳ ବୃତ୍ତି ଓ ପ୍ରକ୍ରିୟାରେ ନିୟୋଜିତ କଲେ ବ୍ୟକ୍ତିଙ୍କୁ ଦଣ୍ଡ ହୋଇପାରେ। ଶିଶୁ ଶ୍ରମ ଦେଖିଲେ ତୁରନ୍ତ ନିକଟସ୍ଥ ଥାନା,ଜିଲ୍ଲା ଶ୍ରମ କାର୍ଯ୍ୟାଳୟ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କିମ୍ବା ଚାଇଲ୍ଡଲାଇନ୍ ନମ୍ବର ୧୦୯୮ ଓ ଶ୍ରମିକ ସହାୟତା ନମ୍ବର ୧୮୦୦-୩୪୫୬-୭୦୩ରେ ଯୋଗାଯୋଗ କରନ୍ତୁ। ସମସ୍ତ ଅନୁଷ୍ଠାନ,ଦୋକାନ ବଜାରରେ ସଚେତନତା ପୋଷ୍ଟର ଲଗେଇବା। ଶିଶୁକୁ କାମ ନୁହେଁ,ଶିକ୍ଷାରେ ସାମିଲ କରିବା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଆବଶ୍ୟକ,ଶିଶୁକୁ ଶିକ୍ଷାର ଅଧିକାର ଦେବା,ଶିଶୁ ଶ୍ରମ ମୁକ୍ତ ସମାଜ ଗଢ଼ିବା ଏହି ସଂକଳ୍ପ ସହ ଭଦ୍ରକ ଜିଲ୍ଲାକୁ ଶିଶୁ ଶ୍ରମମୁକ୍ତ କରିବା ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ହାଟଡ଼ିହି,(ସବ୍ୟୁ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିହୋଇଯାଇଛି। ହାଟଡ଼ିହି ବ୍ଲକର ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଆନନ୍ଦପୁର ଏସ୍ଡିପିଓ କମଳ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ୧୮୫ଟି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗ ମଧ୍ୟରେ ଗୋଷ୍ଠୀ ସମସ୍ୟା, ଗ୍ରାମ୍ୟ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ରେସନକାର୍ଡ, ଜମିଜମା ଆଦି ସମସ୍ୟା ଆସିଥିଲା। ୩/୪ ମାସ ଅନ୍ତରରେ ଏହି ଶୁଣାଣି ହେଉଥିବାରୁ ବହୁ ଦୁର ଦୁରାନ୍ତରୁ ଶହ ଶହ ଲୋକ ନିଜ ନିଜର ଅଭିଯୋଗ ନେଇ ଧାଇଁ ଆସିଥିଲେ। ଆଜିର ଅଭିଯୋଗରେ ଗ୍ରାମ୍ୟ ଗୃହ ନିର୍ମାଣ ସଂକ୍ରାନ୍ତ ୩୫ଟି, ପେନସନ ସଂକ୍ରାନ୍ତୀୟ ୬୨, କୃଷି ସମ୍ବନ୍ଧୀୟ ୩ଟି, ଜମି ଜମା ସଂକ୍ରାନ୍ତୀୟ ୨୫, ଆର୍ଥିକ ସହାୟତା ସମ୍ବନ୍ଧୀୟ ୨୦, ଲେବର କାର୍ଡ ସମ୍ବନ୍ଧୀୟ ୧୯ଟି, ପୋଲିସ ମାମଲା ସମ୍ବନ୍ଧୀୟ ୧୮ଟି ଓ ବଦଳି ସଂକ୍ରାନ୍ତୀୟ ୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଭି ସରଳା ଗ୍ରାମରେ ଅଙ୍ଗନବାଡି କର୍ମୀ ଚୟନରେ ହେଉଥିବା ଅବ୍ୟବସ୍ଥାକୁ ନେଇ ଗ୍ରାମ ବାସୀମାନେ ଅଭିଯୋଗ କରିଥିବା ବେଳେ ମରେଇଗାଁ ବିଶ୍ରାମ ଗାରକୁ ଜବର ଦଖଲ ନେଇ ଅଭିଯୋଗ କରିଥିଲେ। ସେହିପରି କେ.ବାଲିପାଳ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀ, ହାଟଡିହି ତହସିଲଦାର ସଞ୍ଜୟ ସାମନ୍ତରାୟ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବାରିହା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭୁବନେଶ୍ୱରୀ ମହାନ୍ତ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦଣ୍ଡପାଟ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଉପଖଣ୍ଡ ଯୋଗାଣ ଅଧିକାରୀ ଶିବ ପ୍ରସାଦ ଶ୍ରୀଚନ୍ଦନ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପରିଡ଼ା, ଆନନ୍ଦପୁର ଏସିଏଫ ଅଶୋକ କୁମାର ବିଶ୍ୱାଳ, ହଦଗଡ଼ ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁ, ହାଟଡ଼ିହି ବ୍ଲକ ଶିକ୍ଷାଧିକାରୀ ରାଜୀବ ଦଳେଇ, ବ୍ଲକ ଶ୍ରମ ଅଧିକାରୀ ଶାଶତ ପଲେଇ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରିୟ ରଞ୍ଜନ ତିଆଡ଼ି, ସିଡ଼ିପିଓ ଉମାମଣି ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ସାମିଲ ହୋଇଥିଲେ। ଶେଷରେ ୯ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ହୁଇଲ ଚେୟାର ବଣ୍ଟନ କରାଯାଇ ଥିଲା।

# ଆଜି ଠାରୁ ପଲ୍ସ ପୋଲିଓ କାର୍ଯ୍ୟକ୍ରମ

କେନ୍ଦୁଝର,(ଜିପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲାରେଆସନ୍ତାକାଲି ୨୮ ତାରିଖ ରବିବାର ଠାରୁ ରୁ ୩୦ ତାରିଖ ମଙ୍ଗଳବାର ୩ ଦିନ ଧରି ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ଦୁର୍ଗମ ଅଞ୍ଚଳରେ କିପରି ସମସ୍ତ ଶିଶୁ ପୋଲିଓ ବୁନ୍ଦା ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିବା ଜିଲ୍ଲାର ସମସ୍ତ ସୁପରଭାଇଜରମାନଙ୍କୁ ସଠିକ ରୂପେ ତଦାରଖ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି ଉପଜିଲ୍ଲାପାଳ । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସମଗ୍ର ଜିଲ୍ଲାରେ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏଥିପାଇଁ ସମଗ୍ର ଜିଲ୍ଲାରେ ୮୬୦ ଟି ପୋଲିଓ ବୁଥ ଖୋଲାଯାଇଛି। ତା ୨୮.୦୬.୨୦୨୬ ରବିବାର ଦିନ ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଓ ଏ.ଏନ.ଏମ. ସେଣ୍ଟରମାନଙ୍କରେ ଟୀକାକରଣ ଚାଲୁ ରହିବ ଏବଂ ଯେଉଁ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଯଥେଷ୍ଟ ସୁବିଧା ନଥିବ ସେଠାରେ ସଂଲଗ୍ନ / ନିକଟସ୍ଥ ବିଦ୍ୟାଳୟ ପ୍ରକୋଷ୍ଠ ବ୍ୟବହୃତ ହେବ ।

# ନନ୍ଦିପଦା ପୋଲିସର ବଡ଼ ସଫଳତା

## ବ୍ରାଉନ ସୁଗାର ଜବତ : ୪ ଗିରଫ



ଆନନ୍ଦପୁର ,(ସବ୍ୟୁ): ଅବୈଧ ନିଶା କାରବାର ବିରୋଧରେ ନନ୍ଦିପଦା ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ବିଶ୍ୱସ୍ତ ସୂଚନା ଆଧାରରେ ଶନିବାର ହାଟଡିହି ବିଇଓ କାର୍ଯ୍ୟାଳୟ ନିକଟରେ ନନ୍ଦିପଦା ଥାନା ପୋଲିସ ଚଢ଼ାଉ କରି ବ୍ରାଉନ ସୁଗାର କାରବାରରେ ସଂପୃକ୍ତ ଥିବା ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୧.୪୪ ଗ୍ରାମ ବ୍ରାଉନ ସୁଗାର, ଗୋଟିଏ ମୋଟରସାଇକେଲ, ୩ଟି ମୋବାଇଲ ଫୋନ ଏବଂ ନଗଦ ୧,୧୫୦ ଟଙ୍କା ଜବତ କରାଯାଇଛି।ଏହି ଘଟଣାରେ ନନ୍ଦିପଦା ଥାନା କେସ ନଂ୨୭୪, ତାରିଖ ୨୭.୦୬.୨୦୨୬ ଅନୁଯାୟୀ ଏନଡିପିଏସ ଆକ୍ଟର ଧାରା ୨୧(ବି), ୨୫ ଓ ୨୯ରେ ମାମଲା ରୁଜୁ କରାଯାଇଛି।ଗିରଫ ଅଭିଯୁକ୍ତମାନେ ହେଲେନିନିଲତା ମୁଖୀ (୬୭), ସ୍ୱର୍ଗତ ଲକ୍ଷ୍ମୀଧର ମୁଖୀଙ୍କ ପତ୍ନୀ, ମୁଖୀସାହି, ୱାର୍ଡ ନଂ୮, କୁପାରୀ ଥାନା, ବାଲେଶ୍ୱର। ଜଗନ୍ନାଥ ମଲ୍ଲିକ (୨୭), ପିତା କୃପାସିନ୍ଧୁ ମଲ୍ଲିକ, ଗ୍ରାମଜଳକଳଙ୍ଗ, ନନ୍ଦିପଦା ଥାନା।ଦୀପ୍ତି ରଞ୍ଜନ ଜେନା (୨୭), ପିତା କେଦାର ଜେନା, ଗ୍ରାମଫକୀରପୁର, ଆନନ୍ଦପୁର ଥାନା।ଭାଗୀରଥୀ ପଣ୍ଡା (୩୦), ପିତା ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହାଟଡିହି ବ୍ରାହ୍ମଣ ସାହି, ନନ୍ଦିପଦା ଥାନା।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ମୁଖ୍ୟ ଅଭିଯୁକ୍ତା ନିନିଲତା ମୁଖୀ ତାଙ୍କ ଭ୍ରାଇଁ ରାଜୁ ମୁଖୀଙ୍କ ସହ ମିଶି ବାଲେଶ୍ୱରରୁ ବ୍ରାଉନ ସୁଗାର ଆଣି ହାଟଡିହି ଅଞ୍ଚଳରେ ସ୍ଥାନୀୟ ପେଡଲରଙ୍କ ମାଧ୍ୟମରେ ବିକ୍ରି କରୁଥିଲେ।ଚଢ଼ାଉ ସମୟରେ ରାଜୁ ମୁଖୀ ଓ ତାଙ୍କର କେତେକ ସହଯୋଗୀ ଅନ୍ଧାରର ସୁଯୋଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ତଲାସି ଜାରି ରଖିଛି।ଗିରଫ ୪ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।ଏସଡ଼ିପିଓ କମଳ ପଣ୍ଡା ସୂଚନା ଦେଇ କହିଛନ୍ତି ଯେ, ଏହି ଚକ୍ର ସହ ଜଡିତ ଅନ୍ୟ ବ୍ୟକ୍ତିମାନଙ୍କୁ ଠାବ କରିବା ଏବଂ ବ୍ରାଉନ ସୁଗାର ଯୋଗାଣର ସମ୍ପୂର୍ଣ୍ଣ ନେଟୱର୍କର ପର୍ଦ୍ଦାଫାସ କରିବା ପାଇଁ ତଦନ୍ତ ଜାରି ରହିଛି।

# ପ୍ରଥମ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଆ ଉପନ୍ୟାସ 'ଅମୃତର ସନ୍ତାନ'



ଭାସ୍କର ପରିଚ୍ଛା


ଗୋପୀନାଥ ମହାନ୍ତିଙ୍କ 'ଅମୃତର ସନ୍ତାନ' ଓଡ଼ିଆ ସାହିତ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଉପନ୍ୟାସ । ଏହା କେବଳ ଏକ କାହାଣୀ ନୁହେଁ ବରଂ ଓଡ଼ିଶାର ଜନଜାତୀୟ ଜୀବନ, ସଂସ୍କୃତି, ସଂଘର୍ଷ ଓ ମାନବୀୟ ଭାବନାର ଏକ ସଜୀବ ଦଲିଲ । ଏହି ଉପନ୍ୟାସରେ କନ୍ଧ ଜନଜାତିର ଲୋକମାନଙ୍କ ଜୀବନଶୈଳୀ, ପ୍ରକୃତି ସହିତ ତାଙ୍କର ଗଭୀର ସମ୍ପର୍କ ଏବଂ ସାମାଜିକ ଅବହେଳାକୁ ଅତ୍ୟନ୍ତ ସଂବେଦନଶୀଳ ଭାବେ ଦେଖାଯାଇଛି ।

ଉପନ୍ୟାସର ମୂଳ ଶକ୍ତି ହେଉଛି ତାହାର ଚରିତ୍ର ଚିତ୍ରଣ ଓ ପରିବେଶ ନିର୍ମାଣ । ଲେଖକ ଜନଜାତୀୟ ଜୀବନକୁ ବାହାରୁ ନୁହେଁ ବରଂ ଭିତରୁ ବୁଝି ଲେଖିଛନ୍ତି । ସେ ଗ୍ରାମ୍ୟ ପରିବେଶ, ପାହାଡ଼, ଜଙ୍ଗଲ, ଖେତବାଡ଼ି, ଆଉ ଜୀବନର କଷ୍ଟକୁ ଏଭଳି ଭାବରେ ପ୍ରସ୍ତୁତ କରିଛନ୍ତି ଯେ ପାଠକ ନିଜେ ସେହି ପରିବେଶରେ ଥିବା ପରି ଅନୁଭବ କରନ୍ତି । ଏହାର ଭାଷା ସରଳ ହେଲେ ମଧ୍ୟ ଭାବଗମ୍ଭୀର, ଯାହା ପାଠକଙ୍କ ମନକୁ ସିଧାସଳଖ ଛୁଇଁଯାଏ ।

'ଅମୃତର ସନ୍ତାନ'ରେ ଜନଜାତି ଜୀବନର ଦୁଃଖ ଓ ଲଢ଼େଇକୁ ପ୍ରମୁଖତା ଦିଆଯାଇଛି । ଜମି, ଜଙ୍ଗଲ, ପାଣି, ଆହାର ଏବଂ ଆଶ୍ରୟ ନିମନ୍ତେ ସେମାନଙ୍କ ନିତ୍ୟ ସଂଘର୍ଷ କାହାଣୀର ମଧ୍ୟ ଭାଗରେ ରହିଛି । ପ୍ରକୃତି ଯେଉଁଠି ସେମାନଙ୍କର ଜୀବନର ଆଧାର, ସେହି ପ୍ରକୃତି ଅନେକ ସମୟରେ ତାଙ୍କ ପାଇଁ ଅତି କଠିନ ହୋଇଉଠେ । ତଥାପି ଏହି ଲୋକମାନେ ନିରାଶ ହୋଇ ଭାଙ୍ଗିପଡ଼ନ୍ତି ନାହିଁ । ସେମାନଙ୍କ ଭିତରେ ଥିବା ଧୈର୍ଯ୍ୟ, ସହନଶୀଳତା ଓ ଆଶା, କିନ୍ତୁ ସାଙ୍ଗକୁ ଆସେ ଶୋଷଣ, ବିସ୍ଥାପନ ଓ ସାଂସ୍କୃତିକ ସଙ୍କଟ । ଲେଖକ କୌଣସି ପକ୍ଷ ନେଇନାହାନ୍ତି ସେ ଜୀବନର ବାସ୍ତବତାକୁ ସାହିତ୍ୟର ଶିଳ୍ପରେ ରୂପ ଦେଇଛନ୍ତି ।

ଗୋପୀନାଥ ମହାନ୍ତିଙ୍କ ଭାଷା ଓ ଶୈଳୀ ଏହି ଉପନ୍ୟାସର ଅନ୍ୟତମ ଆକର୍ଷଣ । ସରଳ କିନ୍ତୁ କାବ୍ୟମୟ ଭାଷା, ଲୋକଜୀବନର ଶବ୍ଦଭଣ୍ଡାର ଓ ପ୍ରକୃତିର ସଜୀବ ବର୍ଣ୍ଣନା ପାଠକଙ୍କୁ କନ୍ଧ ସମାଜର ଭିତରକୁ ନେଇଯାଏ । ପ୍ରତ୍ୟେକ ଚରିତ୍ର ଜୀବନ୍ତ, ପ୍ରତ୍ୟେକ ଘଟଣା ସ୍ୱାଭାବିକ ଓ ପ୍ରତ୍ୟେକ ସଂଳାପ ମାନବିକତାରେ ପରିପୂର୍ଣ୍ଣ ।

'ଅମୃତର ସନ୍ତାନ' କେବଳ ଏକ ଉପନ୍ୟାସ ନୁହେଁ ଏହା ଓଡ଼ିଶାର ଆଦିବାସୀ ସଂସ୍କୃତିର ଏକ ଐତିହାସିକ ଦଲିଲ । ଏହା ଆମକୁ ବୁଝାଏ ଯେ ସଭ୍ୟତାର ମାପକାଠି କେବଳ ସହର, ଶିଳ୍ପ କିମ୍ବା ପ୍ରଯୁକ୍ତି ନୁହେଁ




ବରଂ ମଣିଷର ମୂଲ୍ୟବୋଧ, ପ୍ରକୃତି ପ୍ରତି ସମ୍ମାନ ଓ ସମାଜର ସାମୂହିକ ଚେତନା ହିଁ ପ୍ରକୃତ ସଭ୍ୟତାର ପରିଚୟ ।


ଆଜିର ସମୟରେ ଯେତେବେଳେ ବିକାଶ, ପରିବେଶ ସଂରକ୍ଷଣ, ଆଦିବାସୀ ଅଧିକାର ଓ ସାଂସ୍କୃତିକ ଅସ୍ମିତା ଭଳି ପ୍ରସଙ୍ଗ

## ପୁନରାବଲୋକନ-୧୮

ଜୀବନପ୍ରତି ଆସକ୍ତି ଏହି ଉପନ୍ୟାସକୁ ଗଭୀର ମାନବୀୟତା ପ୍ରଦାନ କରେ ।

'ଅମୃତର ସନ୍ତାନ'ର ମୂଳ ପୃଷ୍ଠଭୂମି ହେଉଛି ଓଡ଼ିଶାର କନ୍ଧ ଆଦିବାସୀ ସମାଜ । ଲେଖକ ସେମାନଙ୍କ ଜୀବନକୁ ବାହ୍ୟ ଦୃଷ୍ଟିରୁ ନୁହେଁ, ବରଂ ସେମାନଙ୍କ ମନ, ସଂସ୍କୃତି, ବିଶ୍ୱାସ ଓ ଜୀବନଦର୍ଶନର ଭିତରକୁ ପ୍ରବେଶ କରି ଚିତ୍ରଣ କରିଛନ୍ତି । ସେଥିପାଇଁ ଏହି ଉପନ୍ୟାସରେ ଆଦିବାସୀ ଚରିତ୍ରମାନେ କେବଳ କାହାଣୀର ପାତ୍ର ନୁହନ୍ତି, ସେମାନେ ପ୍ରକୃତିର କୋଳରେ ବଞ୍ଚୁଥିବା ଏକ ସ୍ୱାଭିମାନୀ, ସଂବେଦନଶୀଳ ଓ ମାନବିକ ସମାଜର ପ୍ରତିନିଧି ।

ଉପନ୍ୟାସର ଏକ ବଡ଼ ବିଶେଷତା ହେଉଛି ପ୍ରକୃତି ସହ ମଣିଷର ଅବିଚ୍ଛିନ୍ନ ସମ୍ପର୍କର ଚିତ୍ରଣ । ପାହାଡ଼, ଜଙ୍ଗଲ, ନଦୀ, ବର୍ଷା, ଋତୁଚକ୍ର- ସବୁକିଛି କନ୍ଧ ସମାଜର ଜୀବନର ଅଂଶ । ପ୍ରକୃତି ସେମାନଙ୍କ ପାଇଁ କେବଳ ଜୀବିକାର




ଉତ୍ସ ନୁହେଁ ସେ ହେଉଛି ମା', ଦେବତା ଓ ଜୀବନର ଆଧାର । ଆଜି ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ଥିବାବେଳେ, 'ଅମୃତର ସନ୍ତାନ' ଆମକୁ ପ୍ରକୃତି ସହ ସହାବସ୍ଥାନର ଏକ ଅମୂଲ୍ୟ ଶିକ୍ଷା ଦେଇଥାଏ ।

ଏହି ଉପନ୍ୟାସରେ ପରମ୍ପରା ଓ ଆଧୁନିକତାର ସଂଘର୍ଷ ମଧ୍ୟ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଚିତ୍ରିତ ହୋଇଛି । ବାହ୍ୟ ସମାଜର ପ୍ରଭାବ, ପ୍ରଶାସନ, ବଜାର ବ୍ୟବସ୍ଥା ଓ ନୂତନ ସଭ୍ୟତା ଧୀରେ ଧୀରେ ଆଦିବାସୀ ଜୀବନରେ ପ୍ରବେଶ କରେ । ଏହି ପରିବର୍ତ୍ତନ ସହ ଆସେ ଜାତୀୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରହିଛି, ସେତେବେଳେ 'ଅମୃତର ସନ୍ତାନ'ର ପ୍ରାସଙ୍ଗିକତା ଆହୁରି ବଢ଼ି ଯାଇଛି । ଏହି ଉପନ୍ୟାସ ଆମକୁ ସ୍ମରଣ କରାଏ ଯେ ବିକାଶର ଅର୍ଥ କେବଳ ଆର୍ଥିକ ସମୃଦ୍ଧି ନୁହେଁ ବରଂ ମଣିଷ, ପ୍ରକୃତି ଓ ସଂସ୍କୃତି ମଧ୍ୟରେ ସନ୍ତୁଳନ ରକ୍ଷା କରିବା ହିଁ ପ୍ରକୃତ ପ୍ରଗତି ।

ଓଡ଼ିଆ ସାହିତ୍ୟର ଗୌରବମୟ ପରମ୍ପରାରେ 'ଅମୃତର ସନ୍ତାନ' ଏକ ଉଜ୍ଜ୍ୱଳ ମାଇଲଖୁଣ୍ଟ । ଏହା କେବଳ ଲେଖକଙ୍କ ସୃଜନଶୀଳ ପ୍ରତିଭାର ସର୍ବୋତ୍କୃଷ୍ଟ ନିଦର୍ଶନ ନୁହେଁ, ବରଂ ଓଡ଼ିଶାର ଆଦିବାସୀ ଜୀବନ, ସଂସ୍କୃତି ଓ ମାନବିକ ମୂଲ୍ୟବୋଧର ଏକ ଚିରନ୍ତନ ସାହିତ୍ୟିକ ଦଲିଲ । ଯେ ପର୍ଯ୍ୟନ୍ତ ମଣିଷ ପ୍ରକୃତି, ମାନବିକତା ଓ ନିଜର ମୂଳକୁ ଖୋଜୁଥିବ, ସେ ପର୍ଯ୍ୟନ୍ତ 'ଅମୃତର ସନ୍ତାନ' ତାହାର ପ୍ରାସଙ୍ଗିକତା ଓ ମହତ୍ତ୍ୱ ଅକ୍ଷୁଣ୍ଣ ରଖିବ ।

ଗୋପୀନାଥ ମହାନ୍ତିଙ୍କ ଲେଖନୀରେ ମାନବିକ ସମବେଦନାର ଗଭୀରତା ଦେଖାଯାଏ । ସେ ଜନଜାତୀୟ ଲୋକମାନଙ୍କୁ କେବଳ ଦୟାର ପାତ୍ର ଭାବେ ନ ଦେଖାଇ, ସେମାନଙ୍କର ଆତ୍ମମର୍ଯ୍ୟାଦା, ସ୍ୱାଭିମାନ ଓ ସଂସ୍କୃତିକ ଗର୍ବକୁ ମଧ୍ୟ ଉଜାଗର କରିଛନ୍ତି । ଏହି କାରଣରୁ 'ଅମୃତର ସନ୍ତାନ' ଏକ ସାମାଜିକ ଉପନ୍ୟାସ ହେବା ସହିତ ସହିତ ମାନବ ଜୀବନର ସତ୍ୟତାକୁ ପ୍ରକାଶ କରୁଥିବା ଏକ ଅଦ୍ଭୁତ ସାହିତ୍ୟ କୃତି ।

ଓଡ଼ିଆ ସାହିତ୍ୟର ଇତିହାସରେ ଏହି ଉପନ୍ୟାସର ସ୍ଥାନ ଅତ୍ୟନ୍ତ ସ୍ୱତନ୍ତ୍ର । ଏହା ପାଠକଙ୍କୁ ଜନଜାତୀୟ ଜୀବନ ପ୍ରତି ସମ୍ମାନ, ସହାନୁଭୂତି ଏବଂ ବୁଝିବାର ଦୃଷ୍ଟି ଦିଏ । ତେଣୁ ଅମୃତର ସନ୍ତାନ କେବଳ ଏକ ଉପନ୍ୟାସ ନୁହେଁ, ଏହା ଏକ ସମୟ, ଏକ ସମାଜ ଏବଂ ଏକ ସଂସ୍କୃତିର ଜୀବନ୍ତ ମୁଖପତ୍ର ।

୧୯୪୯ରେ ଏହା ପ୍ରଥମେ ପ୍ରକାଶ ପାଇଥିଲା । ୧୯୫୫ରେ ଏହା କେନ୍ଦ୍ର ସାହିତ୍ୟ ଅକାଡେମୀ ପୁରସ୍କାର ପାଇଥିଲା । କେନ୍ଦ୍ର ସାହିତ୍ୟ ଅକାଡେମୀ ପୁରସ୍କାର ପାଇବାରେ ଏହା ହେଉଛି ପ୍ରଥମ ପୁସ୍ତକ ।

ଆନନ୍ଦର ବିଷୟ, ଅମୃତର ସନ୍ତାନର ଇଂରାଜୀ ଭାଷାରେ ଅନୁବାଦ ହୋଇ ପାରିଛି । ବିଧୁ ଭୂଷଣ ଦାସ, ପ୍ରଭାତ ନଳିନୀ ଦାସ ଓ ଉପାଳି ଅପରାଜିତା ଏହାର ଅନୁବାଦ କରିଥିବା ବେଳେ ସାହିତ୍ୟ ଏକାଡେମୀ ଏହାକୁ ପ୍ରକାଶ କରିଛନ୍ତି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**

**ଭୁବନେଶ୍ୱର,**

**ମୋ-୯୩୩୭୫୦୮୫୯୨**

# ମୃତ୍ୟୁ ବା କେତେ ଦୂରରେ!



ସନ୍ତୋଷ କୁମାର ମିଶ୍ର

କିଛିଦିନ ହେଲା ରଘୁ ମିଶ୍ରେ ଖୁବ୍ ଅସୁସ୍ଥ । ଦେହରୁ ତାଙ୍କର ଜ୍ୱର ଓହ୍ଲେଇବାର ନାଁ ଧରୁନି । ଘରେ ସମସ୍ତେ ଭାରି ବ୍ୟସ୍ତ । ଘର ଲୋକେ ନିଷ୍ପତ୍ତି କଲେ ରଘୁ ମିଶ୍ରଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିଦେବେ । ଘରେ ରଖିକି କୌଣସି ସମ୍ଭାବ୍ୟ ବିପଦକୁ ସାମନା କରିବା ଉଚିତ ହେବନି । ମିଶ୍ରଙ୍କର ବଡପୁଅ ଆୟୁଷ୍ମାନ୍ ସକାଳେ ରକ୍ତ ନମୂନା ପରୀକ୍ଷା ପାଇଁ ଦେଇ ଆସିଥିଲା । ପରୀକ୍ଷାଗାରରେ ତରବର ହୋଇ ସେ ସାଇକେଲଟି ଧରି ବହାରିଗଲା ରକ୍ତ ପରୀକ୍ଷା ରିପୋର୍ଟଟି ଆଣିବାକୁ । ସେତେବେଳକୁ ମିଶ୍ରଙ୍କର ଅସୁସ୍ଥତା ଖବରଟି ବଣ ନିଆଁ ପରି ସାହି ବସ୍ତି ଓ ପରିବାର ଭିତରେ ମାଡି ଯାଇଥିଲା ଚିହ୍ନା ଜଣା ଲୋକଙ୍କର ଭିଡ ଆରମ୍ଭ ହୋଇ ସାରିଥିଲା । ମିଶ୍ରଙ୍କର ଘରେ ଯିଏ ଆସିଲା ସେ କିଛି ଉପଦେଶ ଦେଲା । ତାହା ପୁଣି ଉଦାହରଣ ସହିତ ।

ସେମାନଙ୍କ କଥା ଭିତରେ ଘର ଲୋକ ଏମିତି ଉବୁଟୁବୁ ହେଲେ ଯେ ମିଶ୍ରଙ୍କର ଜ୍ୱର କଥା ଭାବିବାକୁ ସେମାନଙ୍କ ପାଖରେ ସମୟର ଘୋର ଅଭାବ ଦେଖାଦେଲା । ଯାହାହେଉ ଏହି ସମୟ ଭିତରେ ରକ୍ତ ପରୀକ୍ଷାର ରିପୋର୍ଟଟି ଆୟୁଷ୍ମାନ ସଂଗ୍ରହ କରି ନେଇଥିଲା । ଘର ପାଖର ଜଣେ ଡାକ୍ତର, ଯିଏ ମିଶ୍ରଙ୍କର ମର୍ଣ୍ଣିଂୱାକ୍ ସାଥୀ, ରିପୋର୍ଟଟି ଦେଖି ସୋଡିଅମ କମି ଯାଇଥିବା କଥା କହିଲେ ଓ ତୁରନ୍ତ କିଛି ଖାଇବା ଲୁଣ ପାଣିରେ ଗୋଳେଇ ଥରେ ଦୁଇଥର ମିଶ୍ରଙ୍କୁ ପିଆଇ ଦେବାକୁ କହିଲେ । ଘରର ଯୁବ ଗୋଷ୍ଠୀ କିନ୍ତୁ ବନ୍ଧୁ ଡାକ୍ତରଙ୍କ କଥାରେ ସହମତି ହେଲେନି ସେମାନଙ୍କର ମତ ଥିଲା ବନ୍ଧୁ ଡାକ୍ତର ଜଣକ ବୁଢା ହେଇଗଲେଣି, ତାଙ୍କର ଆଧୁନିକ ଚିକିତ୍ସା ପ୍ରଣାଳୀ ଉପରେ କିଛି ଜ୍ଞାନ ନାହିଁ । ଔଷଧ ବଦଳରେ ଆଜିକାଲି କିଏ ଲୁଣ ଚିନି ପାଣି ପିଆଉଛି ରୋଗୀକୁ ? ତା' ପୁଣି ସହର ଭିତରେ ଘରଥାଇ ଏହି ଯୁକ୍ତି ତର୍କ ଭିତରେ ମିଶ୍ରେ ବସିଥିବା ଚଉକି ଉପରୁ ତଳକୁ ଖସି ପଡିଲେ । ଘରେ ସମସ୍ତେ ଚିଲେଇ ଉଠିଲେ । ବନ୍ଧୁ ଡାକ୍ତରଙ୍କୁ କେହି ଜଣେ ଆତ୍ମୀୟ ଜଣେଇ ଦେବାରୁ ସେ ଘର ପାଖରୁ ଦୌଡି ଆସିଲେ । ମିଶ୍ରଙ୍କ ପାଖକୁ କାହାକୁ ଖାତିର ନକରି ସେ ନିଜ ହାତରେ ଚିନି, ଲୁଣ ଓ ପାଣିର ମିଶ୍ରଣ କରି ମିଶ୍ରଙ୍କ ପାଟି ଖୋଲି ପିଆଇ ଦେଲେ ଓ କାଳ ବିଳମ୍ବ ନକରି ଡାକ୍ତରଖାନାକୁ ନେଇ ଯିବାକୁ ପରାମର୍ଶ ଦେଲେ ।

ଠିକ୍ ହେଲା ରଘୁ ମିଶ୍ରଙ୍କୁ ଡାକ୍ତରଖାନାକୁ ନିଆଯିବ । କିନ୍ତୁ ଅମୀମାଂଶିତ ପ୍ରଶ୍ନଟି ଥିଲା, ଛ' ନମ୍ବର ସରକାରୀ ଡାକ୍ତରଖାନାକୁ ନା ଫେୟାର ହେଲ୍ଥ, ଉତ୍ତ୍ରଦବାଇ କି ନାଫୋଲୋ ହାର୍ଟ କେୟାରକୁ । ଯାହା ହେଉ ସାମାନ୍ୟ ବିଳମ୍ବରେ ହେଲେବି ଫେୟାର ହେଲ୍ଥ ହସ୍ପିଟାଲକୁ ମିଶ୍ରଙ୍କୁ ନିଆଗଲା । ଡାକ୍ତରଖାନା ଗେଟ୍ ଭିତରେ ଆମ୍ବୁଲାନ୍ସ ଗାଡି ପଶୁ ପଶୁ ବେଢିଗଲେ ଦଲାଲମାନେ । ପ୍ରତିଯୋଗିତା ଆରମ୍ଭ ହେଇ ଯାଇଥିଲା କିଏ କିପରି ସୁରୁଖୁରୁରେ ଚିକିତ୍ସାର ସୁବିଧା କରେଇ ଦେଇ ପାରିବେ । ଆୟୁଷ୍ମାନ୍ କିନ୍ତୁ ଅପେକ୍ଷା କରୁଥିଲା ତା'ର ଜଣେ ବନ୍ଧୁ ଡାକ୍ତରଙ୍କୁ, ଯାହାଙ୍କର ସେହି ଡାକ୍ତରଖାନାରେ ଟିକିଏ କାଟତି ଥିଲା । ବନ୍ଧୁ ଡାକ୍ତର ଜଣକ ପହଞ୍ଚିବା ଟିକିଏ ଡେରି ହେବାରୁ ଆୟୁଷ୍ମାନ ମିଶ୍ରଙ୍କୁ ନେଇ ଆଶୁ ଚିକିତ୍ସା କେନ୍ଦ୍ରରେ ପହଞ୍ଚିଲା ସେଠି ଉପସ୍ଥିତ ଥିଲେ ସହଯୋଗୀ କର୍ମଚାରୀ ।

ପ୍ରଥମେ ଟଙ୍କା ପଇସା ଦାଖଲ କରି ଭର୍ତ୍ତି ପ୍ରମାଣ ପତ୍ର ସଂଗ୍ରହ କଲେ ଯାଇ ଚିକିତ୍ସା ଆରମ୍ଭ ହେବ ବୋଲି କହିଲେ । କାଉଣ୍ଟରରେ ଲମ୍ବା ଲାଇନ୍ ଥିଲା ସାଙ୍ଗେ ସାଙ୍ଗେ ଜଣେ ଦଲାଲ ଆସି କହିଲେ ବ୍ୟସ୍ତ ହୁଅନ୍ତୁ ନାହିଁ, ମୋତେ ଦିଅନ୍ତୁ । ମୁଁ ଭିତରେ ପଶି ଭର୍ତ୍ତି କରେଇ ଦେଉଛି । କିଛି କିନ୍ତୁ ହାତ ଗୁଞ୍ଜା ଦେବାକୁ ପଡିବ ନହେଲେ ଲମ୍ବା ଲାଇନରେ ନିଜ ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଆୟୁଷ୍ମାନ ମିଶ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ନେଇ ଚିନ୍ତିତ ଥିଲା । ଏହି ଭିତରେ ବନ୍ଧୁ ଡାକ୍ତର ଜଣକ ପହଞ୍ଚି ଯିବାରୁ ଆୟୁଷ୍ମାନ ଟିକିଏ ଆଶ୍ୱସ୍ତ ହେଲା । ଯାହା ହେଉ, ବନ୍ଧୁଙ୍କର ହସ୍ତକ୍ଷେପ ପରେ ଜଣେ ଯୁବ ଭେଷଜ ବିଶେଷଜ୍ଞ ଡଃ ଚମାର ସାମନ୍ତରାୟ ରଘୁ ମିଶ୍ରଙ୍କର ଚିକିତ୍ସା ଆରମ୍ଭ କଲେ । ଡାକ୍ତରଖାନାରେ ଆୟୁଷ୍ମାନ ବାପାଙ୍କ ପାଇଁ କରିଥିବା ସ୍ୱାସ୍ଥ୍ୟ ବୀମା ଦସ୍ତାବିଜ ସବୁ ଦାଖଲ କଲା ପରେ ରଘୁ ମିଶ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ ହେଲା ।

ପରୀକ୍ଷା ରିପୋର୍ଟ ଆସିବା ପୂର୍ବରୁ ଡାକ୍ତରଖାନାରେ ଉପଲବ୍ଧ ଦାମୀ ଦାମୀ ଆଣ୍ଟିବାୟୋଟିକସ୍ ସବୁ ସାଲାଇନ ମାଧ୍ୟମରେ ରକ୍ତନଳୀରେ ଦେଇ ଦିଆଗଲା । ରିପୋର୍ଟ ଆସିବାରୁ ଜଣାଗଲା ମିଶ୍ରଙ୍କର ମ୍ୟାଲେରିଆ, ଟାଇଫଏଡ୍, ଡେଙ୍ଗୁ କିଛି ନହିଁ । କିନ୍ତୁ ଜ୍ୱର ଖସୁନି ଦେହରୁ । ବିଶେଷଜ୍ଞ ଡାକ୍ତର କହିଲେ ସିଟି ସ୍କାନ୍ ଓ ଅଲ୍ଟ୍ରାସୋନଗ୍ରାମ୍ କରିବା, ଏପରିକି ବୋନ୍ ଟିବି ଏବଂ ରକ୍ତ କର୍କଟର ସ୍ଥିତି ମଧ୍ୟ ପରଖିନେବାର ପ୍ରୟାସ ହେଲା । ସବୁଥିରେ ନିର୍ଦ୍ଦିଷ୍ଟ ହେଇପାରିଲାନି ରଘୁ ମିଶ୍ର କାହିଁକି ଜ୍ୱରରେ ଆକ୍ରାନ୍ତ ପୁଣି । ଥରେ ଥରେ ସବୁ ପରୀକ୍ଷାର ପୁନରାବୃତ୍ତି କରାଗଲା । ଯେହେତୁ ମିଶ୍ରଙ୍କର ସ୍ୱାସ୍ଥ୍ୟ ବୀମା ଥିଲା, ତାହାର ସୀମା ଶେଷ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା ଚାଲୁ ରଖିବାକୁ

ଗଳ୍ପ

ଡାକ୍ତରମାନେ ତତ୍ପର ଥିବାର ଅନୁମାନ କରି ହେଉଥିଲା

ଏମିତିରେ ସାତଦିନ ମିଶ୍ରେ ଡାକ୍ତରଖାନାରେ ରହିଗଲେଣି । ଅଷ୍ଟମ ଦିନ ସକାଳୁ ମିଶ୍ରଙ୍କ ଦେହରେ ଜ୍ୱର ନଥିଲା । ସମସ୍ତେ ଖୁସି ହେଲେ । ବିଶେଷଜ୍ଞ ଡାକ୍ତର କିନ୍ତୁ ବିମର୍ଷ ଥିଲେ । ଜଣେ ସେବିକାଙ୍କ ମତରେ ଆପଣ ଦେହ ଭଲ ହେଇଗଲେ, ଆପଣ ଚାଲିଯିବେ । ଡାକ୍ତରଙ୍କର ଟାର୍ଗେଟ୍ ପୂରଣ ହେବନି । ଦୁର୍ଭାଗ୍ୟକୁ ଅପରାହ୍ନରେ ମିଶ୍ରଙ୍କ ଦେହରେ ଜର ଲେଉଟିଲା । ଡାକ୍ତର କାଳ ବିଳମ୍ବ ନକରି ବ୍ରେନ୍ ଏମଆରଆଇ ଓ ମେରୁଦଣ୍ଡରୁ ବ୍ଲଡ ପ୍ଲାଜମା ନମୂନା ସଂଗ୍ରହ କରି ପରୀକ୍ଷା କରେଇବାକୁ ଅଣ୍ଟା ଭିଡିଲେ । ସେଥିରେ ବି କିଛି ଜଣା ପଡିଲାନି । ଏମିତିରେ

> **ରିପୋର୍ଟ ଆସିବାରୁ ଜଣାଗଲା ମିଶ୍ରଙ୍କର ମ୍ୟାଲେରିଆ, ଟାଇଫଏଡ୍, ଡେଙ୍ଗୁ କିଛି ନହିଁ । କିନ୍ତୁ ଜ୍ୱର ଖସୁନି ଦେହରୁ । ବିଶେଷଜ୍ଞ ଡାକ୍ତର କହିଲେ ସିଟି ସ୍କାନ୍ ଓ ଅଲ୍ଟ୍ରାସୋନଗ୍ରାମ୍ କରିବା, ଏପରିକି ବୋନ୍ ଟିବି ଏବଂ ରକ୍ତ କର୍କଟର ସ୍ଥିତି ମଧ୍ୟ ପରଖିନେବାର ପ୍ରୟାସ ହେଲା । ସବୁଥିରେ ନିର୍ଦ୍ଦିଷ୍ଟ ହେଇପାରିଲାନି ରଘୁ ମିଶ୍ର କାହିଁକି ଜ୍ୱରରେ ଆକ୍ରାନ୍ତ ପୁଣି ।**

ନବମ ଦିନ ସକାଳ ଠାରୁ ଏକାଦଶ ଦିନ ଭିତରେ ମିଶ୍ରଙ୍କ ଦେହରେ ଜର ରହିଲାନି । ଡାକ୍ତର କହିଲେ ଆପଣ ଆଜି ଘରକୁ ଚାଲିଯିବେ । କିନ୍ତୁ ସନ୍ଧ୍ୟା ପର୍ଯ୍ୟନ୍ତ ଡିସଚାର୍ଜ ରିପୋର୍ଟ ହେଲାନି । ମୁଖ୍ୟ ସେବିକା କହିଲେ ରିପୋର୍ଟରେ ଡାକ୍ତର ଦସ୍ତଖତ କରୁ ନାହାନ୍ତି । ଷ୍ଟାଫଙ୍କ ଆଲୋଚନାରୁ ଜଣାଗଲା ଯେ ସେହିଦିନ ଡିସଚାର୍ଜ ନହେଲେ ମିଶ୍ରେ ଆଉ ଦୁଇଦିନ ଡାକ୍ତରଖାନାରେ ରହିବେ । ଦିନକୁ ଅନ୍ତତଃ ରୁମ ଭଡା ଓ ଔଷଧ ବାବଦକୁ କୋଡିଏ ହଜାର ହିସାବରେ ଦୁଇଦିନରେ ଚାଳିଶ ହଜାର ଇନ୍ସୁରାନ୍ସ ଆଦାୟ ହେଇଯିବ ।

ମିଶ୍ରେ ରାଗିଗଲେ । ନିଜର ବରିଷ୍ଠ ନାଗରିକ ଚିହ୍ନଟ କାର୍ଡ ସହାୟତାରେ ପୋଲିସ କମିସନରଙ୍କୁ, ତାଙ୍କୁ କରାଯାଉଥିବା ନିର୍ଯାତନା ବାବଦରେ, ମୋବାଇଲ ଫୋନରେ ଜଣେଇଲେ । ପୋଲିସ ଆସିବା ସୂଚନା ପାଇବା ପରେ ସମ୍ପୃକ୍ତ ଡାକ୍ତର ନିଜେ ଡିସଚାର୍ଜ ସାର୍ଟିଫିକେଟ୍ ଧରି ମିଶ୍ରଙ୍କୁ ହ୍ୱିଲଚେୟାରରେ ବସେଇ ମୁଖ୍ୟ ଫାଟକ ପାଖରେ ଛାଡିବାକୁ ଆସିଲେ । ମିଶ୍ରେ ପୋଲିସ ଉପସ୍ଥିତିରେ ଡାକ୍ତର ବାବୁଙ୍କୁ ନମସ୍କାର କରି କହିଲେ ଆପଣ ଖୁସି ନାହାନ୍ତି । ମୁଁ ଜାଣୁଛି, କାରଣ ଆପଣଙ୍କ ଯୋଜନା ମୁତାବକ ମୁଁ ସ୍ୱର୍ଗଦ୍ୱାର ନଯାଇ ମୋ ଘର ଜାଆଁଳାକୁ ଯାଉଛି ।

**(ଲେଖକ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ସେବା ଅଧିକାରୀ । ତାଙ୍କର ପାଞ୍ଚଗୋଟି କବିତା ପୁସ୍ତକ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରକାଶ ପାଇଛି)**

**ଓଗାଳପଡା, ପୋଷ୍ଟ: ଜାଆଁଳା, ଭୁବନେଶ୍ୱର**

**ମୋ-୭୫୨୦୫୪**

**ମୋ-୮୧୪୪୧୪୫୨୯୧**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*

samayaeditorial2021@gmail.com

ଏ ସପ୍ତାହର ବିଶେଷ କବିତା



## ସବୁ ଶେଷ...

ଗୁରୁକଲ୍ୟାଣ ମହାପାତ୍ର

କେହି ଅଟକାଇ ପାରନ୍ତିନି ତାକୁ
ରଇଟା ଜଳି ଜଳି ଶେଷରେ
ମୁହଁ ମାଡ଼ି ଶୋଇଯାଏ,
ସବୁ କିଛି ସରିଯାଏ...।

କାନ୍ଦ ବୋବାଳି ଥମିଯାଏ,
ମୁଖାଗ୍ନି ଦେଇଥିବା ଲୋକଟି
ଚିତାଭସ୍ମକୁ ହାତରେ ଧରି
ଏକମୁହାଁ ହୋଇ ଚାଣ୍ଡେ ଚାଣ୍ଡେ
ଫେରିଆସେ ଦୁଃଖରେ,
ଅନ୍ୟାନ୍ୟ କ୍ରିୟା କର୍ମ ଚାଲିଥାଏ
ପ୍ରାୟ ଦ୍ୱାଦଶାହ ଯାଏଁ ।
ସବୁ ସରିଯାଏ, ସ୍ମୃତି
ସାଇତା ହୋଇ ମରମ ଭିତରେ
ରହିଯାଏ କେବଳ ।

ତଳେ ମାଟି, ଉପରେ ଆକଶ
ମାଟି ଉପରେ ଦଣ୍ଡାୟମାନ ହୋଇ ଆମେ ଯେଉଁମାନେ
ଅନ୍ୟମନସ୍କ ହୋଇ ଅନାଇଥାଉଁ,
ଥରେ ମାଟିକୁ ତ ଆଉଥରେ
ଆକାଶ ଆଡ଼କୁ ନିର୍ବୋଧଙ୍କ ପରି-
ପରଲୋକଗତ ଆପଣାର ସେହି
ଆତ୍ମୀୟସ୍ୱଜନଙ୍କ ସକାଶେ,
ଆଉ କେହି ବୁଝି ପାରନ୍ତିନି
ସେ ଦୁଃଖକୁ ତିଳେ ହେଲେ,
କାନ୍ତକବିଙ୍କ 'ଜୀବନ ସଙ୍ଗୀତ'ର ସେହି ପଦକ ଦିଏ ଆଶ୍ୱାସନା
କେବଳ ଯାହା-
'ସବୁ ତ ମୋର ସରିଗଲାଣି'...,
କେଡ଼େ ଯତନରେ ସଜାଡ଼ି ଥିଲି ମୁଁ,
ଘର ମୋର ଭାଙ୍ଗି ଗଲାଣି...'
ହେ ଈଶ୍ୱର ତମେ ହିଁ ମହାନ୍ ।

ଭୁବନେଶ୍ୱର
ମୋ-୯୪୩୭୦୧୨୧୨୩



ଏ ସପ୍ତାହର ଆଉ ଗୋଟିଏ କବିତା

## ବାରାଙ୍ଗନା

ସୁଜିତ କୁମାର ମିଶ୍ର

ବୁଢିଆଣୀ ଜାଲ ଭିତରେ ଛନ୍ଦି ହୋଇ
ମୁଁ ମୋ ଭିତରେ କେବେଠୁ ଫୁଲରୁ ପଥର,
ମୁଁ ମୋ ଭିତରେ
କେବେଠାରୁ ଅନ୍ଧାରୀ ଆକାଶ,
ଗୋଟିଏ ପଟେ ଫାଟକ ମୋ ପାଇଁ ନିଷେଧ,
ଆର ପଟ ଫାଟକ ଦେଇ ଅବାଧରେ
ଅନିମନ୍ତ୍ରିତ ଅତିଥି-
ଗଣଙ୍କ ନିଲାମି ନିବିଡ ଆଶ୍ଲେଷ ।
ମୋ ଘର ଭିତର ତ ମୁକ୍ତ ରଙ୍ଗମଞ୍ଚ,
ଜହ୍ନ,ସୂର୍ଯ୍ୟ, ଶୁଖିଲା ପତ୍ର, କାଠି, ଆଉ
କୁଟାଙ୍କ ଅବାଧ ପ୍ରବେଶ,
ପିଇ ପିଇ ଲୁହକୁ ମୁଁ
ମୋ ଭିତରେ ଭଗ୍ନ କାନ୍ଥର ପାନ୍ଥଶାଳା,
ବାହାରେ ମୋତେ ରଙ୍ଗରେ ସଜେଇ
ଦିଏ ମଧୁଶାଳା ।
ସବୁକିଛି ସମ୍ଭବ ଏଠି,
ଅଛୁଆଁ ଖାଲି ବାରାଙ୍ଗନାର ପିଠି ।
ଏଠି ଚଟୁ ଧରିଲେ ଚାଟୁକାରଙ୍କୁ
ମିଳେ ଉପହାରରେ ଅମରାବତୀ ଭବନ,
ଚାରିଚକିଆ ଗାଡି,
ଏକର ଏକର ଜମି,
ଏଇମିତି କେତେ କଣ...
ମୁଁ ତ ଛୋଟିଆ କଳାକାରଟିଏ
ସେଇଥି ପାଇଁ ମୋ ଚାରିପଟେ
ମାଛି ଭଣଭଣ,
ମଇଳା ମହଣ ମହଣ ।

ହଁ, ମୁଁ ବାର ଅଗଣା ବୁଲୁଛି
ନିଆଁକୁ ଲିଭାଇବା ପାଇଁ ନୁହେଁ,
ମୋ ଅଣ୍ଟାରେ ଝୁଲୁଥିବା ମୁଣ୍ଡମାନଙ୍କୁ
ଗୋଟେ ଗୋଟେ ମୁକୁଟ ଦେବାପାଇଁ,
ସେଇଥି ପାଇଁ ତ ଏଠି ଲୁହ ଫୁଲି
ହୋଇଛି ସମୁଦ୍ର,
ତଥାପି ତୁମ ଡେଙ୍ଗୁରାରେ
ମୁଁ ନିତି ମରି ପାଉଁଶ,
କାରଣ ମୁଁ ମୋ ହାତରେ
ସଜାଉଛି ମୋ ଉପବନ,
ତୁମେ କିନ୍ତୁ ଏବେ ବି କହୁଛ
ଏସବୁ ମୋ ତାତିଲା ସପନ,
ତମେ ଏଠି ରାସ କର,
ସେଠି ସଭାରେ ଭଦ୍ର ମୁଖା ପିନ୍ଧି କୁହ
ବାରଙ୍ଗନା ସେ ଯେ ନୀଚ
ଅଭିଶପ୍ତ ଜୀବନ,
କେବେ ବୁଝିଛ କି ଲକ୍ଷହୀରାର
ଉପାଧି ତଳେ
ମୋ ଅନ୍ତର ଦହନ?
କେବେ କେଜାଣି ସଫାହେବ
ବାରାଙ୍ଗନାର ବାସି ବାସନକୁସନ,
ତା ଆକାଶରେ ଉଇଁ ଉଠିବ ତୋଫାଜହ୍ନ,
ତା ପିଠିରୁ ଛାଡିବ ନିନ୍ଦା ସ୍ତୁତିର ବହଳ
ଆସ୍ତରଣ?

**ଜନାର୍ଦ୍ଦନପୁର ଶାସନ,କେନ୍ଦୁଝର**
**ମୋ-୭୬୮୩୮୬୭୭୪୨**



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦିନକ...

୩୬୦ ଜଣ ଏସଆଇ ଓ ଏଏସଆଇ, ୪୫୩ କନେଷ୍ଟବଳ, ୫୪ ହାବିଲଦାର, ୯୧୨ ହୋମ୍ ଗାର୍ଡ଼, ମୁତୟନ ରହିବେ । ସ୍ନାନଯାତ୍ରାର ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ସ୍ତରରେ ପୂର୍ବରୁ ଏକାଧିକ ପ୍ରସ୍ତୁତି ବୈଠକ ହୋଇସାରିଛି । ଶ୍ରୀମନ୍ଦିର ଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ବ୍ୟାରିକେଡ଼ କରାଯାଇଛି । ସ୍ନାନଯାତ୍ରା ପହଣ୍ଡି ପାଇଁ ଦକ୍ଷିଣ ଦ୍ୱାର ଦେଇ ପରିମାଣିକ ଟିକେଟ ଦର୍ଶନଧାରୀ ପ୍ରବେଶ କରିବେ । ଶ୍ରଦ୍ଧାଳୁ ବ୍ୟାରିକେଡ଼ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବେ ଓ ସ୍ନାନ ମଣ୍ଡପରେ ଦର୍ଶନ ପରେ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ । ସ୍ନାନ ମଣ୍ଡପ ତଳେ ଭିଡ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ ପାଇଁ ଶ୍ରୀମନ୍ଦିର ଭିତରେ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ସେହିପରି ବଡ଼ଦାଣ୍ଡରେ ମଧ୍ୟ ଭକ୍ତ ଶ୍ରଦ୍ଧାଳୁ ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିପାରିବ । ତେବେ ବଡ଼ଦାଣ୍ଡରେ କୌଣସି ସ୍ଥାନରେ ଶ୍ରଦ୍ଧାଳୁ ଛିଡା ହେବେ ନାହିଁ। ୨୦୦ ସିସିଟିଭି କ୍ୟାମେରା ନଜରରେ ରହିବ ପୁରା ସହର । ଶ୍ରୀମନ୍ଦିର ଭିତରେ ଓ ବାହାରେ, ବଡ଼ଦାଣ୍ଡରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି । ସେହିପରି ରୁଫ୍ ଟପ ସିକ୍ୟୁରିଟି, ସାଧା ପୋଷାକଧାରୀ ପୋଲିସ ମୁତୟନ ହେବେ । ସ୍ନାନଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡିଛି ଶ୍ରୀକ୍ଷେତ୍ର । ମାନବୀୟ ଲୀଳା ଖେଳା କରୁଥିବା ମହାପ୍ରଭୁ ଭକ୍ତଙ୍କ ସହ ମିଶିବ ପାଇଁ ଜ୍ୟେଷ୍ଠ ପୂର୍ଣ୍ଣମୀରେ ଓହ୍ଲାଇ ଆସିବେ ସ୍ନାନମଣ୍ଡପକୁ । ଜିଲ୍ଲା ଓ ପୋଲିସ ପ୍ରଶାସନର ପ୍ରସ୍ତୁତି ସହ ନୀତି କାନ୍ତି ଓ ବ୍ୟବସ୍ଥାବଳୀ ଚୁଡାନ୍ତ ହୋଇଛି ।

## ଭୀମସେନ...

ନେଉଥିବାବେଳେ ଆଉଜଣେ ଝିଅ ତାଙ୍କ ଜୀବନରେ ଆସିବା ପରେ ସେ ଚନ୍ଦ୍ରିକାକୁ ମାନସିକ ନିର୍ଯାତନା ଦେଉଥିଲେ । ଚନ୍ଦ୍ରିକା ଗୋରୀ ନଥିବାରୁ ସେ ତାଙ୍କୁ ବାହା ହେବାପାଇଁ ରାଜି ହେଉନଥିଲେ । ଗୋରା ହେବାକୁ କଷ୍ଟମେଟିକ୍ ଟ୍ରିଟ୍‌ମେଣ୍ଟ ନେବାକୁ ଚନ୍ଦ୍ରିକା ଭୁବନେଶ୍ୱର ଆସି ଇଞ୍ଜେକ୍ସନ ନେଉଥିଲେ । ଗୋରା ହେବାପରେ ତାଙ୍କ ପୁରୁଷ ବନ୍ଧୁ ବିବାହ ପାଇଁ ରାଜି ହୋଇଯିବେ ବୋଲି ଚନ୍ଦ୍ରିକାଙ୍କ ମା' ହୀରାମଣି ପୋଲିସକୁ କହିଥିଲେ । ପୋଲିସ ତଦନ୍ତ କରି ଜୁନ୍ ୧୨ରେ ଭୀମସେନଙ୍କୁ ମୟୂରଭଞ୍ଜରୁ ଗିରଫ କରିଥିଲା ।

## ମା'ମାନେ...

ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ" ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଡବ୍ଲ୍ୟୁଇପିର ଏକ ବର୍ଷର ଆକ୍ସନ ପ୍ଲାନ୍ ର ମଧ୍ୟ ଶୁଭାରମ୍ଭ କରିଥିଲେ ।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତିକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି ।

ଆଇଆଇଏମ ସମ୍ବଲପୁର, ଏସବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି । ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ମଧ୍ୟ ୬,୮୮୭ ଟଙ୍କା ବୃଦ୍ଧି ପାଇଛି ।

ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ଡବ୍ଲ୍ୟୁଇପି ପ୍ଲାଟଫର୍ମ ଜରିଆରେ ମିଶନ ଶକ୍ତି, ଏମ୍‌ଏସ୍‌ଏମ୍‌ଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍ ଓ ସ୍କିଲ୍ ଡେଭଲପ୍‌ମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ । ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଇଛି । ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି ।

ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ ।

ଏହା ବ୍ୟତୀତ ଗଞ୍ଜାମର ବରପାଲ୍ଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ'ର ଉଦ୍‌ଘାଟନ କରାଯାଇଛି । ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମ୍‌ଏସ୍‌ଏମ୍‌ଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ । ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ୪ ଲକ୍ଷ ୩୨ ହଜାରରୁ ଅଧିକ ଏମ୍‌ଏସ୍‌ଏମ୍‌ଇ ଉପକୃତ ହୋଇଛନ୍ତି ।

ପିଏମଇଜିପି ଜରିଆରେ ୪,୯୦୦ କ୍ଷୁଦ୍ର ଉଦ୍ୟୋଗକୁ ୧୪୬ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଛି, ଯେଉଁଥିରେ ୪୨.୫ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା । କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାରେ ୨୩ ହଜାର କୋଟିରୁ ଅଧିକ ଟଙ୍କାର ବନ୍ଧକମୁକ୍ତ ଋଣ ପ୍ରଦାନ କରାଯାଇଥିବା ବେଳେ ସିଏମ୍-ଏସ୍‌ଆଇଆର୍‌ଏମ୍ ଯୋଜନାରେ ସରକାର ସୁଧ ଭାର ବହନ କରୁଛନ୍ତି ।

ଓଡ଼ିଶାର ପଣ୍ୟଦ୍ରବ୍ୟ ରପ୍ତାନି ଗତ ବର୍ଷ ୯୫,୫୬୮ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସେ ଆହ୍ୱାନ ଦେଇଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ଲାହିରୀ କହିଛନ୍ତି ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ଯୋଜନା ଉପରେ ବିଶେଷ ଫୋକସ ରହିଥିବା ବେଳେ ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି । ଓଡ଼ିଶାର ଜିଏସଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପି ଠାରୁ ଅଧିକ ରହିଥିବା ବେଳେ ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ଫିସିଆଲ ହେଲ୍ଥ ଇଣ୍ଡେକ୍ସ- ୨୦୨୬ ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି । ରାଜ୍ୟର ଏହି ସୁଦୃଢ଼ ଆର୍ଥିକ ନୀତି ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶା ବର୍ତ୍ତମାନ ବୟନଶିଳ୍ପ ଓ ପର୍ଯ୍ୟଟନ ଭଳି ଉଦ୍ୟୋଗ ଗୁଡ଼ିକରେ ବେଶ୍ ଆଗକୁ ବଢୁଥିବା ଦର୍ଶାଇ ଏହାକୁ ଏକ 'ଡାଇନାମିକ ଓଡ଼ିଶା' ବୋଲି ଅଭିହିତ କରିଛନ୍ତି ।

ଏଥିସହିତ, ଓଡ଼ିଶାର ନାରୀ ଶକ୍ତିକୁ ରାଜ୍ୟ ପ୍ରଗତିର ପ୍ରମୁଖ ଆଧାର ବୋଲି କହିବା ସହ ୨୦୩୬ ମସିହା ସୁଦ୍ଧା ନିର୍ଧାରିତ ହୋଇଥିବା ଆଗାମୀ ଲକ୍ଷ୍ୟକୁ ସଫଳତାର ସହ ମନିଟରିଂ କରିବା ଏବଂ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ଆଜିଠାରୁ ମହିଳା ମାନଙ୍କ ପାଇ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ମହିଳାମାନେ ହେଉଛନ୍ତି ଓମେନ ଲେଡ ଇକୋନୋମି ର ଅଗ୍ରଦୂତ । ତାଙ୍କର ଦକ୍ଷତାକୁ ପ୍ରକାଶ କରିବା ପାଇ ଗୋଟିଏ ପ୍ଲାଟଫର୍ମର ଆବଶ୍ୟକତା ଥିଲା ଯାହା ଆଜି ବାସ୍ତବତାରେ ପରିଣତ ହୋଇଛି । ସେ ଆହୁରି କହିଥିଲେ ଯେ ଶୁଭଦ୍ରା ଶକ୍ତି ମାଧ୍ୟମରେ ମହିଳାମାନେ ବ୍ଲକ୍ ଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ବିକାଶ ଯାତ୍ରାରେ ସାମିଲ ହୋଇପାରିଛନ୍ତି ।

ଏହି ଅବସରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଆଜିର ଏହି ସୁଯୋଗରୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବଡ଼ ସଫଳତା ହାସଲ କରାଯାଇପାରିବ । ମହିଳା ଉଦ୍ୟୋଗୀଙ୍କ ଉଦ୍ୟମରେ ୨୦୩୬ ସୁଦ୍ଧା ଥିବା ଓଡ଼ିଶାର ସ୍ୱପ୍ନ ପୂର୍ଣ୍ଣ ହୋଇପାରିବ ।

ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ତଥା ମହିଳା ଉଦ୍ୟୋଗିତା ମଞ୍ଚର ମିଶନ ନିର୍ଦ୍ଦେଶିକା ସୁଶ୍ରୀ ଆନା ରୟ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ସ୍‌ୱାଲ୍ ଏବଂ ଆଭାସୀ ମାଧ୍ୟମରେ ଗଞ୍ଜାମ, ବାଲେଶ୍ୱର ଓ କଳାହାଣ୍ଡି ଜିଲ୍ଲାପ୍ରଶାସନ ସମେତ ବହୁ ଶିଳ୍ପପତି, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସହସ୍ରାଧିକ ମହିଳା ଉଦ୍ୟୋଗୀ ଉପସ୍ଥିତ ଥିଲେ । ଏମ୍‌ଏସ୍‌ଏମ୍‌ଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓ ଶିଳ୍ପ ବିଭାଗ ନିର୍ଦ୍ଦେଶିକା ଆବୋଲି ସୁନୀଲ ନରଭାଣେ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ମା'-ଝିଅଙ୍କୁ...

ଜଣକଙ୍କୁ ଲୁଗା ଢାଙ୍କି ଦେଇଥିଲା । ଖବର ପାଇ ମହୁଲଡିହା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ଆସନ୍ତାକାଲି ସାଇଣ୍ଟିଫିକ ଟିମ ଆସିଲା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ।

## ଇରାନ...

ବୁଝାମଣା ଚାଲିଥିବା ମଧ୍ୟରେ ଆମେରିକା ଇରାନ ଉପରେ ଆକ୍ରମଣ କରୁଛି । ଆମେରିକା ସେନା ପକ୍ଷରୁ କୁହାଯାଇଛି ଯେ ପ୍ରଥମେ ଇରାନ ଆକ୍ରମଣ କରିଥିଲା । ଏହାପରେ ପଦକ୍ଷେପ ନିଆଯାଇଛି । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ଚେତାବନୀ ଦେଇଛନ୍ତି ଯେ ହିଂସାର ଜବାବ ହିଂସାରେ ଦିଆଯିବ । ଇତିମଧ୍ୟରେ ଆମେରିକାର ଷ୍ଟେଟ୍ ଡିପାର୍ଟମେଣ୍ଟ ପକ୍ଷରୁ ବୁଝାମଣାର ଏକ ସୂଚୀ ଜାରି କରାଯାଇଛି । ଏହା ଲେବାନନ ଓ ଇସ୍ରାଏଲ ସମ୍ପର୍କରେ ମଧ୍ୟ ରହିଛି ।

## ଅଙ୍ଗନୱାଡ଼ିରେ...

ହେଲେ ସେହି ଗାଁର ଆଦିବାସୀମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ମାରିଦେଇଥିଲେ । ଗାଁର ଜଣେ ଦଳିତ ଝିଅ ରନ୍ଧାବଢ଼ା କରିଲେ କୌଣସି ଛୁଆଙ୍କୁ ଆମେ କେନ୍ଦ୍ରକୁ ଛାଡ଼ିବୁ ନାହିଁ,ଆମ ପୂର୍ବ ପୁରୁଷରୁ ଆମେ କେବେ ଦଳିତଙ୍କ ହାତରନ୍ଧା ଖାଇନାହୁ ବୋଲି ଗ୍ରାମବାସୀ ରୋକଠୋକ ଶୁଣାଇ ଦେଇଥିଲେ । କିନ୍ତୁ, ଗ୍ରାମବାସୀ ଏବେ ତାଙ୍କୁ ଦଳିତ ବୋଲି ସମ୍ପୂର୍ଣ୍ଣ ବାରଣ କରିଛନ୍ତି ତେବେ ପୂଣ୍ୟ ପଞ୍ଚାୟତର ସମିତିସଭ୍ୟା ପଦରୁ ଇସ୍ତଫା ନଦେଇ ପାଚିକା ପାଇଁ ଆବେଦନ କରିଥିବା ଗୁରୁତର ଅଭିଯୋଗ କରିଛନ୍ତି । ତାଙ୍କ ପରିବର୍ତ୍ତେ ଅନ୍ୟ ଜାତିର କିମ୍ବା ଜଣେ ନିରୀହ ବିଧବାଙ୍କୁ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି । କେନ୍ଦ୍ର ତାଲା ପକାଇ ବନ୍ଦ କରାଯିବାକୁ ନେଇ ଗ୍ରାମର ଅଙ୍ଗନୱାଡ଼ି କର୍ମୀ ଦେବକୀ ବାରିକ ଗତ ୨୪ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏଭଳି ଅପ୍ରୀତିକର ପରିସ୍ଥିତିର ଖବରପାଇ ପ୍ରଶାସନ ପକ୍ଷରୁ ମୁରିବାହାଲ ଆଇଆଇସି ବୁଲୁ ମୁଣ୍ଡା, ତହସିଲଦାର ଜଗଦୀଶ କର୍ତ୍ତାମୀ, ସିଡିପିଓ ପୂର୍ଣ୍ଣିମା ବୈଠାରୁ ଓ ସରପଞ୍ଚ ରଶ୍ମିତା ବାଗ ଗାଁକୁ ପହଞ୍ଚି ଗ୍ରାମବାସୀଙ୍କ ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ବ୍ୟାପକ ଆଲୋଚନା କରିଥିଲେ । ହେଲେ ସମାଧାନର କୌଣସି ବାଟ ବାହାରିପାରିନଥିଲା । ମଙ୍ଗଳବାର ଦିନ ପୁଣି ଥରେ ଗାଁରେ ଉଭୟ ସମାଜର କର୍ମକର୍ତ୍ତାଙ୍କ ବୈଠକ କରିବାକୁ ସ୍ଥିର ହୋଇଛି । କିନ୍ତୁ ଗାଁର ଲୋକେ ନିଜ ଜିଦରେ ଅଟଳ ରହିଛନ୍ତି । ଦଳିତ ଝିଅ ବଦଳରେ ଅନ୍ୟଜାତିର ପାଚିକା ନିଯୁକ୍ତି କରିବାକୁ ଦୃଢ଼ ଦାବି କରିଛନ୍ତି । ସମିତି ସଭ୍ୟା ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ କରିଥିବା ଜଣେ ଦଳିତ ଯୁବତୀଙ୍କୁ ଗ୍ରାମବାସୀ କିନ୍ତୁ ଏହି ଜାତିପ୍ରଥା ବିବାଦ ଓ ପରମ୍ପରା ମଧ୍ୟରେ ଜଣେ ଶିକ୍ଷିତା ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି । କେନ୍ଦ୍ରରେ ତାଲା ପଡ଼ିଥିବାରୁ ବୁଧବାର ଉଭୟ କର୍ମୀ ଓ ସହାୟିକା ଏକ ଗଛ ତଳେ କେବଳ ଦଳିତ କୁନିକୁନି ଶିଶୁଙ୍କୁ ପାଠ ପଢା ଓ ମଧ୍ୟାହ୍ନ ଭୋଜନ ଦେଉଥିବା ଦେଖିବାକୁ ମିଳିଛି । ସେ ସହାୟିକା ଭାବେ ଯୋଗଦେବା ପୂର୍ବରୁ ସମିତି ସଭ୍ୟା ରୂପେ ବିଡ଼ିଓଙ୍କୁ ସେ ନିଜ ଇସ୍ତଫା ପତ୍ର ଦେଇସାରିଛନ୍ତି, ଦଳିତ ବୋଲି ତାଙ୍କୁ ଆଦିବାସୀମାନେ ବହୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ନିଜ ପ୍ରତିକ୍ରିୟାରେ ପୁଣ୍ୟ ହରପାଲ ପ୍ରକାଶ କରିଛନ୍ତି ।

ବ୍ଲକ ପ୍ରଶାସନ ପକ୍ଷରୁ ଉଭୟ ଜାତିର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପୁଣି ଗ୍ରାମବାସୀଙ୍କୁ ମଙ୍ଗଳବାର ବୁଝାସୁଝା କରାଯିବ ବୋଲି ପ୍ରକାଶ କରାଯାଇଛି । ଜିଲ୍ଲା ପ୍ରସାଶନ ପକ୍ଷରୁ ଜିଲ୍ଲାପାଳଙ୍କ ସମେତ ବରିଷ୍ଠ ପ୍ରଶାସନିକ ଏବଂ ପୁଲିସ ଅଧିକାରୀମାନେ ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ସଚେତନ ମହଲରୁ ଦୃଢ଼ ଦାବି ସହ ସମାଧାନ କରାଯିବାକୁ ଦାବି ହୋଇଛ । ଦୁଇ ଦିନ ତଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବୁଝାସୁଝା କରାଯାଇଥିଲେ ବି ଗାଁ ଲୋକଙ୍କ ଉପରେ କିଛି ପ୍ରଭାବ ପଡିନି । ଅଙ୍ଗନଓ୍ୱାଡି କେନ୍ଦ୍ରକୁ ପିଲାଙ୍କୁ ନଛାଡିବା ସହ ତାଲା ପକାଇ ପାଚିକାଙ୍କ ବଦଳି ଦାବି କରିଛନ୍ତି । ପିଲା ତାଙ୍କ ହାତରୁ ରନ୍ଧା ଖାଦ୍ୟ ଗ୍ରହଣ କରିବେ ନାହିଁ ବୋଲି ରୋକ୍ ଠୋକ୍ କହିଥିବା ଅଭିଯୋଗ ହୋଇଛି । ଶିକ୍ଷା ଓ ସଚେତନତାର ଅଭାବରୁ ଆଜି ବି ଗ୍ରାମାଂଚଳରେ ଜାତିପ୍ରଥା କେମିତି ସମାଜରେ ଭେଦଭାବ ସୃଷ୍ଟି କରୁଛି ଏହି ଘଟଣା ପ୍ରମାଣିତ କରୁଛି । ଏନେଇ ଗ୍ରାମରେ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଥିବା ବେଳେ ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଜାତିପ୍ରଥା ମୁଣ୍ଡ ଟେକିଥିବା ବିଷୟକୁ ସହଜରେ ଗ୍ରହଣ କରିପାରୁନାହାଁନ୍ତି ବୁଦ୍ଧିଜୀବୀ । କିଛି ମାସ ଭିତରେ ବଲାଙ୍ଗିର ଜିଲ୍ଲାର ମୁରିବାହାଲ ଅଞ୍ଚଳରେ ଏହା ତୃତୀୟ ଘଟଣା ଘଟଇଥିବା ବେଳେ ଏହା ପୂର୍ବରୁ କେନ୍ଦ୍ରାପଡ଼ା ଓ ନୂଆପଡ଼ା ଜିଲ୍ଲାରେ ଜାତିଆଣ ଘଟଣା ଘଟିଯାଇଛି ।

# ବୁଦା ମୂଳରୁ ନବଜାତ ଶିଶୁପୁତ୍ର ଉଦ୍ଧାର



ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘୁରୁମୁଙ୍ଗା ଥାନା ଅନ୍ତର୍ଗତ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ ରାସ୍ତା କଡ଼ ଏକ ବୁଦା ମୂଳରୁ ଏକ ନବଜାତ ଶିଶୁ ପୁତ୍ର ଉଦ୍ଧାର ହୋଇଛି ଝସୂଚନା ଅନୁଯାୟୀ ଶନିବାର ସକାଳୁ ଜଣେ ସେହି ଗ୍ରାମର ମହିଳା ଶୌଚ କରିବାକୁ ପାଇଁ ଯାଉଥିବା ସମୟରେ ବୁଦା ମୂଳରୁ ଏକ ନବଜାତ ଶିଶୁର କାନ୍ଦିବା ଶବ୍ଦ ଶୁଭି ଥିଲା । ମହିଳା ଜଣକ ସ୍ଥାନୀୟ ଲୋକୁ ଖବର ଦେବା ପରେ ଗ୍ରାମର ଆଶାକର୍ମୀ ଓ ଗ୍ରାମବାସୀ ପହଞ୍ଚି ଦେଖିବା ପରେ ଘୁରୁମୁଙ୍ଗା ଥାନାକୁ ଖବର ଦେବା ସହ ସାହାରପଡା ସିଡିପିଓ ଓ ଉଦୟପୁର ସ୍ୱାସ୍ଥ୍ୟ କେନ୍ଦ୍ର ଟିମଙ୍କୁ ଜଣାଇ ଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ଘଟଣା ସ୍ଥଳ ରେ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ନବଜାତ ଶିଶୁ ଉଦ୍ଧାର କରି ଉଦୟପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ସହ ଚିକିତ୍ସା କରାଯାଇଥିଲା । ନବଜାତ ଶିଶୁପୁତ୍ରଟି ସୁସ୍ଥ ଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି ।

# ବିବାହିତା ମହିଳାଙ୍କ ଗଳିତ ଶବ ଜବତ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଉପକଣ୍ଠ ଜଗନ୍ନାଥ ମନ୍ଦିର ଅନତି ଦୂର ଶୁଖିଲାହାର ସାମିଲ ମହୁଲିଆ ଠାରେ ଶନିବାର ଜନୈକା ବିବାହିତା ମହିଳାଙ୍କ ଗଳିତ ମୃତଦେହକୁ ଜବତ କଲା ବେତନଟୀ ପୁଲିସ । ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତକୁ କରିଥିବା ଜଣାଯାଇଛି ।ମୃତା ମହିଳା ଜଣକ ହେଉଛନ୍ତି ବଡ଼ସାହି ଥାନା ଯୋଗୀନୂଆଗାଁ ପଞ୍ଚାୟତ ଅଧୀନ ପଥରା ଗ୍ରାମର ଶ୍ରୀହରି ନାଏକଙ୍କ ସ୍ତ୍ରୀ ରଜନୀ ନାଏକ । ପ୍ରାପ୍ତ ସୂଚନା ମୁତାବକ ରଜନୀ ନାଏକଙ୍କ ମାନସିକ ସ୍ଥିତି ସ୍ୱାଭାବିକ ନଥିବା ବେଳେ ସେ କାହାକୁ କିଛି ନଜଣାଇ ଏଣେତେଣେ ପଳାଇ ଯାଇଥାନ୍ତି ।ସେ କୋଚିଲାଖୁଣ୍ଟା ଉପକ= ଜୁଣପଦା ଗ୍ରାମର ଶ୍ରୀହରି ନାଏକଙ୍କୁ ବିବାହ କରିଥିବା ବେଳେ କିଛିବର୍ଷ ହେବ ସେ ପଥରା ଗ୍ରାମରେ ନିଜର ମାମୁଁଘରେ ପୁଅ ସନ୍ତୋଷ ନାଏକଙ୍କ ସହିତ ରହିଆସୁଥିଲେ ।ତେବେ ସପ୍ତାହେ ପାଖାପାଖି ପୂର୍ବରୁ ରଜନୀ ଘରୁ ପଳାଇ ଆସିଥିବା ବେଳେ ଆଉ ଘରକୁ ଫେରିନଥିଲେ । ଘରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା କୌଣସି ସନ୍ଧାନ ମିଳିପାରି ନଥିଲା । ଶୁଖିଲାହାର ସାମିଲ ମହୁଲିଆ ଠାରେ ଶନିବାର ଜନୈକା ଅପରିଚିତା ମହିଳାଙ୍କ ଗଳିତ ମୃତଦେହ ଦେଖି ସ୍ଥାନୀୟଲୋକେ ବେତନଟୀ ପୁଲିସକୁ ଖବର ଦେଇଥିଲେ ଝ ଖବରପାଇ ବେତନଟୀ ଥାନା ଆଇଆଇସି କ୍ରିଷ୍ଣା ପିଙ୍ଗୁଆ, ଏଏସଆଇ ପଞ୍ଚାନନ ମହାନ୍ତି ପ୍ରମୁଖ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ ଝ ପ୍ରଥମେ ମହିଳାଙ୍କ ପରିଚୟ ମିଳିପାରିନଥିବା ବେଳେ ତଦନ୍ତ ସମୟରେ ମହିଳାଙ୍କ ନିକଟରୁ ଆଧାରକାର୍ଡ, ରାସନ କାର୍ଡ ପ୍ରଭୃତି ପରିଚୟପତ୍ର ମିଳିଥିଲା । ଘର ଲୋକଙ୍କୁ ଖବର ଦେବାପରେ ସେମାନେ ଗଳିତ ମୃତଦେହକୁ ଚିହ୍ନଟ କରିଛନ୍ତି । ଏନେଇ ବେତନଟୀ ପୁଲିସ ୩୨/୨୬ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇବା ସହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଇଛନ୍ତି ।

# ଅସହାୟା ନାବାଳିକା ଗହୀର ବିଲରୁ ଉଦ୍ଧାର

ଡେଲାଙ୍ଗ ,(ସବ୍ୟୁ) : ଡେଲାଙ୍ଗ ଥାନା ଅନ୍ତର୍ଗତ ପିଢ଼ପାଟଣା ଗ୍ରାମ ନିକଟସ୍ଥ ଗହୀର ବିଲରେ ଶୁକ୍ରବାର ସନ୍ଧ୍ୟାରେ ଅସହାୟ ଅବସ୍ଥାରେ ଏଣେ ତେଣେ ବୁଲୁଥିବା ଜନୈକା ୧୩ ବର୍ଷର ନାବାଳିକାକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି । ପିଢ଼ପାଟଣା ଗ୍ରାମର ଗହୀର ବିଲରେ ଉକ୍ତ ନାବାଳିକାଟି ଅସହାୟ ଅବସ୍ଥାରେ ଏଣେ ତେଣେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ । ତେବେ କୌଣସି ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ନାବାଳିକା ଜଣକ ଅନ୍ତେବାସୀ ଭାବେ ରହିଥିବା ବେଳେ ସେହି ଅନୁଷ୍ଠାନର ଜନୈକ ରିଙ୍କୁ ସାର୍ ତାକୁ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ନାବାଳିକାଟି ଚାଞ୍ଚଲ୍ୟକର ବୟାନ ଦେଉଥିବା ଭିଡିଓଟି ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି । ଏପରିକି ତାର ଶରୀରର ବିଭିନ୍ନ ସ୍ଥାନରେ ମାଡ ତଥା ଆଘାତ ଲାଗିଥିବା ନେଇ ସେ ଉପସ୍ଥିତ ଲୋକଙ୍କୁ ଦେଖାଇବା ସହ ରିଙ୍କୁ ସାର୍ ତାକୁ ମାଡ଼ ମାରି ନିର୍ଯାତନା ଦେଇଛନ୍ତି ବୋଲି ଆରୋପ କରିଛି । ଖବର ପାଇ ଡେଲାଙ୍ଗ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ଘଟଣା ସମ୍ପର୍କରେ ଅଧିକ ପଚରାଉଚରା କରିବା ପରେ ପୁରୀ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଥିବା ନେଇ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଘଟ ହେବପରେ ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ବିପନ କୁମାର ପଟ୍ଟନାୟକ,ପୂର୍ବତନ ବ୍ଲକ ଅଧକ୍ଷ ବୈରାଗୀ ଜେନା ଏବଂ ଯୁବନେତା ପ୍ରଦୀପ କୁମାର ସାଇଁ ପ୍ରମୁଖ ଡେଲାଙ୍ଗ ଥାନାରେ ପହଞ୍ଚି ଏଙ୍କ୍ରାନ୍ତରେ ଥାନାଧିକାରୀ ଶ୍ରୀ ସେଠୀଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ପରେ ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ପ୍ରତି କଠୋର ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି । ଅପରପକ୍ଷେ ସମାଜସେବୀ ନିରୂପମା ପାତ୍ର

ଡେ଼ଲାଙ୍ଗ ଥାନା ଅଧିକାରୀକୁ ଏହାର ଉପଯୁକ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କହିବା ସହ ପୁରୀ ଏସପି ପ୍ରତିକ ସିଂ ଏଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ଯୋଗ୍ୟ ଗତ ସେପେଟମ୍ବର ୨୦୧୫ ରେ ଉଦ୍ଧାର ନାବାଳିକାଜଣଙ୍କ ଅସଦାରଣ ହୋଇଥବବାର ଡ଼େଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା ।


### ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ
### ଖଡ଼ଗପୁର

ବିଜ୍ଞାପନ ନଂ: ଆର/୦୫/୨୦୨୬ ତାରିଖ ଜୁନ୍ ୧୦,୨୦୨୬

ନିମ୍ନୋକ୍ତ ପଦବୀ ପାଇଁ ଏହି ପ୍ରତିଷ୍ଠାନ ଭାରତୀୟ ନାଗରିକଙ୍କ ଠାରୁ ଅନ୍‌ଲାଇନ ଆବେଦନ ଆହ୍ୱାନ କରୁଛି ।

୧. ବୃତ୍ତିଗତ ପ୍ରଶିକ୍ଷ୍ୟାର୍ଥୀ (ଅର୍ଥ ଓ ହିସାବ) - ୧୦ ପଦବୀ

ଶିକ୍ଷାଗତ ଯୋଗ୍ୟତା, ବୟସ ଏବଂ ଅନ୍ୟାନ୍ୟ ସୂଚନା ସମ୍ପର୍କରେ ସବିଶେଷ ବିବରଣୀ ପାଇଁ ଦେଖନ୍ତୁ : http://www.iitkgp.ac.in/non-teaching-positions

cbc 21255/11/0003/2627 କୁଳ ସଚିବ

### AFFIDAVIT

By virtue of an affidavit sworn before the Executive Magistrate Bhubaneswar, Affidavit No.98, Dated. 26.5.2026. I Aayushi Panda residing at Flat No. 1/A1, Bishnupriya Apartment, Lane-11, Jayadev Vihar, Bhubaneswar, Khordha declare that I have changed my name from **AAYUSHI PANDA** to **AAYUSHI AGARWALLA PANDA**. Henceforth, I shall be known as **AAYUSHI AGARWALLA PANDA** for all purposes.

Sd/- AAYUSHI AGARWALLA PANDA

### AFFIDAVIT

By virtue of an affidavit sworn before the Notary Public Bhubaneswar, Affidavit No. 197, Dated. 20.02.2026. I Sasmita Panda residing at Flat No. 1/A1, Bishnupriya Apartment, Lane-11, Jayadev Vihar, Bhubaneswar, Khordha declare that I have changed my name from SASMITA PANDA to SASMITA AGARWALLA PANDA. Henceforth, I shall be known as SASMITA AGARWALLA PANDA for all purposes.

Sd/- SASMITA AGARWALLA PANDA

32001/452/2627
Phone No.(0663)-2412791(Off.)
E-mail :-eemisbp@ysahoo.co,in

GOVERNMENT OF ODISHA : DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MINOR IRRIGATION DIVISION, SAMBALPUR.

No. 2448 / Date.24.06.2026

e-PROCUREMENT NOTICE
BID REF No: SE,MID,SBP/09 /2026-27

| | |
|---|---|
| Name of work | : Civil Construction Works |
| No. of works | : 16 (Sixteen) Nos. |
| Estimated cost | : Various from approximately Rs.6.61 lakh to Rs. 11.50 Lakh for 16 No of works (Rs.142.43 Lakh) |
| Tender paper cost | : Referred to DTCN. |
| Period of completion | : Referred to DTCN. |
| Availability of bid through online | : From dt.03.07.2026 at 11.00 AM to dt.14.07.2026 up to 05.30 PM in website(http://tendersodisha.gov.in) |
| Period of receipt of bid through online | : From dt.03.07.2026 at 11.00 AM to dt.14.07.2026 up to 05.30 PM through online. |
| Date of opening of bid documents | : On dt. 15.07.2026 at 10.00 AM. onwards. |
| Digital signature certificate of Bidder | : The bidder must possess compatible digital signature certificate (DSC) of Class-II or Class-III. |

**The detail tender call notice can also be seen in the DOWR website- http://tendersodisha.gov.in**

| | |
|---|---|
| Name & Address of the OIT | : Superintending Engineer, M.I. Division, Sambalpur, At-Motijharan, PO-B.S.S. Nagar, Dist : Sambalpur, PIN-768001, Ph. 0663-2412791, E-mail ID-eemisbp@yahoo.co.in |
| Further details can be seen from the e-Procurement market place. | : http://tendersodisha.gov.in. |

OIPR : 32001/32036/1/26-27/0008
Sd/- Superintending Engineer
M.I. Division, Sambalpur

9001/91/2627

### ଓଡ଼ିଶା ସରକାର

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
******

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର ତା.୨୯.୦୬.୨୦୨୬ ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ।

ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR : 9001/9001/1/26-27/0040

13001/1003/2627
e-Mail-khurda_municipality@yahoo.co.in
Phone No. 06755-220674

OFFICE OF THE MUNICIPAL COUNCIL : KHORDHA
H & UD Department, Govt. of Odisha
Khordha-752055

"e" Procurement Notice
No. 2012 / Date. 23/06/26

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **https://tendersodisha.gov.in/nicgep/app.**

| | | |
|---|---|---|
| 1. | Tender Reference No. | : KMPLTY/02/2026-27 |
| 2. | Name of the Work | : Civil Construction works as mentioned in DTCN. |
| 3. | No. of works | : 32 Nos. |
| 4. | Estimated Cost | : As per DTCN. |
| 5. | Earnest Money Deposit (EMD) | : As per DTCN. |
| 6. | Period of Completion | : As per DTCN. |
| 7. | Date & Time of Bidding | : From Date. 29.06.2026 at 11:00 AM |
| 8. | Last date & time for receipt of bids in the portal | : Date. 10.07.2026 up to 05:30 PM |
| 9. | Bids received online shall be opened on | : Date. 13.07.2026 from 11:00 AM |
| 10. | Name and address of the Officer inviting Bid | : O/o-Executive Officer, Khordha Municipality |

Further amendments, corrigendum or other communication regarding this notice will be available only on **https://tendersodisha.gov.in/nicgep/app** and will not be published in print media.

Sd/- Executive Officer
Khordha Municipality
OIPR : 13001/13082/1/26-27/0003

25001/534/2627
e-mail ID- rw sambalpur@yahoo.co.in
Phone No.0663-2401850

No. 3357 dated. 19.6.26

Government of Odisha
"e" procurement Notice
Bid Identification No. TENDER ONLINE SBPR- 06 OF 2026-27

| | | |
|---|---|---|
| 1. | Name of the work | : Road Works as per DTCN available in the website, **www.tenderorissa.gov.in** |
| 2. | Total No. of Work | : 10 (Ten) Nos. |
| 3. | Estimated Cost | : Rs. 54.94 lakhs to 89.08 lakhs |
| 4. | Period of Completion | : 06(Six) calendar months |
| 5. | Period and time of availability of bid document in the portal for bidding | : 01.07.2026 at 11.00AM to 21.07.2026 up to 5.00 PM |
| 6. | Date and time of opening of Tender | : a) Technical Bid dt 22.07.2026 at 11.00AM b) Financial Bid will be intimated later. |
| 7. | Name and address of the officer inviting bid | : S.E.R.W.Divn. Sambalpur |

(1) Other details can be seen from detailed notice inviting tenders, available in website **www.tenderorissa.gov.in**

(2) Corrigendum if any shall only be published in the above website.

Sd/- Superintending Engineer
Rural Works Division
Sambalpur
OIPR : 25001/25076/1/26-27/0006



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

## ବେଦାନ୍ତ ଲାଞ୍ଜିଗଡ଼ର ଶିବପଦର ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ

# ୩୦୦ରୁ ଅଧିକ ଗୋଷ୍ଠୀ ସଦସ୍ୟଙ୍କୁ ମିଳିଲା ଉନ୍ନତ ସ୍ୱାସ୍ଥ୍ୟ ସୁବିଧା

ଭୁବନେଶ୍ୱର,(ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଲାଞ୍ଜିଗଡ଼ସ୍ଥିତ ଶିବପଦର ଗ୍ରାମ ପଞ୍ଚାୟତ ଠାରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଛି, ଯେଉଁଥିରେ କଳାହାଣ୍ଡି ଜିଲ୍ଲାର ଆଖପାଖ ୧୦ଟି ପଡ଼ୋଶୀ ଗ୍ରାମରୁ ୩୦୦ରୁ ଅଧିକ ଗୋଷ୍ଠୀ ସଦସ୍ୟ ପହଞ୍ଚିଥିଲେ। ଏହି ପଦକ୍ଷେପ ଅଧୀନରେ ମାଗଣା ଡାକ୍ତରୀ ପରାମର୍ଶ, ମୌଳିକ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା, ଯାହା ବିଶ୍ୱସନୀୟ ସ୍ୱାସ୍ଥ୍ୟସେବାରେ ସୀମିତ ପ୍ରବେଶ ଥିବା ସମ୍ପ୍ରଦାୟ ପାଇଁ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ଚିକିତ୍ସା ସକ୍ଷମ କରିଥିଲା । ଶିବିରରେ ରକ୍ତଚାପ, ଓଜନ ଏବଂ ବି. ଏମ୍. ଆଇ. ମୂଲ୍ୟାଙ୍କନ ଭଳି ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା, ଯେଉଁଥିରେ ତିନି ଜଣ ବିଶେଷଜ୍ଞ ଡାକ୍ତରଙ୍କ ଏକ ଦଳ ଗୁଣାତ୍ମକ ନିଦାନ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ବ୍ୟକ୍ତିଗତ ମାର୍ଗଦର୍ଶନ ସୁନିଶ୍ଚିତ କରିଥିଲେ।




ଏହା ସହିତ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ସଚେତନତା ବୃଦ୍ଧି ଏବଂ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା ସଂକ୍ରାନ୍ତରେ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ ମଧ୍ୟ କାର୍ଯ୍ୟ କରିଥିଲା, ଯାହା ସମୟୋଚିତ ଚିକିତ୍ସା ହସ୍ତକ୍ଷେପ ଏବଂ ସାମଗ୍ରିକ ସୁସ୍ଥତାର ଗୁରୁତ୍ୱକୁ ଦର୍ଶାଇଥିଲା। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି "ଆମେ ବିଶ୍ୱାସ କରୁ ଯେ ସୁଲଭ ସ୍ୱାସ୍ଥ୍ୟସେବା ଶକ୍ତିଶାଳୀ ଏବଂ ସମ୍ପ୍ରଦାୟ ଗଠନ ପାଇଁ ମୌଳିକତା ଅଟେ। ଏହିପରି ପଦକ୍ଷେପ ମାଧ୍ୟମରେ, ଆମେ ତୃଣମୂଳ ସ୍ତରରେ ଅତ୍ୟାବଶ୍ୟକ ଚିକିତ୍ସା ସେବା ପ୍ରଦାନ କରିବା, ପ୍ରତିଷେଧକ ଯତ୍ନକୁ ପ୍ରୋତ୍ସାହିତ କରିବା ଏବଂ ଆମେ ସେବା କରୁଥିବା ସମ୍ପ୍ରଦାୟର ସାମଗ୍ରିକ କଲ୍ୟାଣକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତିବଦ୍ଧ। ଦୁର୍ଗମ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ସମାଧାନ ସହିତ ସ୍ଥାୟୀ ପ୍ରଭାବ ସୃଷ୍ଟି କରିବା ଉପରେ ଆମର ନିରନ୍ତର ଧ୍ୟାନ ରହିଛି । ନିଜର ଅନୁଭୂତି ବ୍ୟକ୍ତ କରି ଶିବପଦର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ପ୍ରକାଶ କରସିକା କହିଲେ, "ମୁଁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେଉଥିଲି ଏବଂ ଦୁର୍ଗମ ସ୍ଥାନ କାରଣରୁ ଉପଯୁକ୍ତ ଚିକିତ୍ସା ସୁବିଧା ପାଇବା କଷ୍ଟକର ଥିଲା। ବେଦାନ୍ତର ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ, ମୁଁ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ, ଉପଯୁକ୍ତ ରୋଗ ନିର୍ଣ୍ଣୟ ସହିତ ଆବଶ୍ୟକ ଔଷଧ ପାଇବାକୁ ସକ୍ଷମ ହେଲି। ଏହି ପଦକ୍ଷେପ ଆମ ଗାଁର ଅତି ଆବଶ୍ୟକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସହାୟତା ପାଲଟିଛି ଏବଂ ମୋ ଭଳି ଅନେକ ଲୋକଙ୍କୁ ଉପକୃତ କରିଛି ।

## ଗାଡ଼ି ଧକ୍କାରେ ଅଚିହ୍ନା ଯୁବକଙ୍କ ମୃତ୍ୟୁ

ବାଲେଶ୍ୱର ,(ସବ୍ୟୁ) : ୧୬ନମ୍ବର ଜାତୀୟ ରାଜପଥର ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ମାଣକାହାଣୀ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ହାଇଛି । ସୂଚନା ଅନୁସାରେ ଶନିବାର ସକାଳ ସାଢ଼େ୫ଟାରେ ସୋରରୁ ବାଲେଶ୍ୱର ଅଭିମୁଖେ ଏକ ବାଜାଜ ଡିସ୍କଭର ମଟର ସାଇକେଲ (ଓ ୦୧ଏମ ୨୮୩୬) ଯାଉଥିବା ବେଳେ ମାଣ କାହାଣୀ ନିକଟରେ ଜାତୀୟ ରାଜପଥ ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିରହିଥିଲା । ସୂଚନା ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଜେପି ଏ ଖାନଙ୍କ ସହିତ ତାଙ୍କ ଷ୍ଟାଫ ଘଟଣାସ୍ଥଳରେ ପହଞ୍ଚି ରେମୁଣା ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନଥିବା ବେଳେ ପୁଲିସ ବାଇକକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ।

## ଦେବଯୁଗ ପରିବାର ଆୟୋଜିତ "ଏକାମ୍ର କ୍ଷେତ୍ର ଚନ୍ଦନ ଉତ୍ସବ

# ଭକ୍ତି, ପରମ୍ପରା ଓ ସାଂସ୍କୃତିକ ଗରିମାରେ ଭବ୍ୟ ଭାବେ ଅନୁଷ୍ଠିତ

ଭୁବନେଶ୍ୱର, (ସବ୍ୟୁ): ଶ୍ରୀ ଶ୍ରୀ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ମାଉସୀମା ଛକ, ଭୁବନେଶ୍ୱରଠାରେ ଦେବଯୁଗ ପରିବାର ପକ୍ଷରୁ ସଂସ୍ଥାପକ ଓ ଅଧ୍ୟକ୍ଷ ଶ୍ରୀ ଦେବବ୍ରତ ନାୟକଙ୍କ ନେତୃତ୍ୱରେ "ଏକାମ୍ର କ୍ଷେତ୍ର ଚନ୍ଦନ ଉତ୍ସବ–୨୦୨୬" ଆଧ୍ୟାତ୍ମିକ ପରିବେଶ, ଭକ୍ତିଭାବ ଓ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ଅପୂର୍ବ ସମନ୍ୱୟରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଅବସରରେ ପ୍ରଭୁ ଶ୍ରୀ ଶ୍ରୀ ରାମେଶ୍ୱରଙ୍କ ଚନ୍ଦନ ସେବା, ପୁଷ୍ପ ସେବା, ମହାପ୍ରସାଦ ସେବନ ଓ ବିଭିନ୍ନ ଧାର୍ମିକ ଆଚାର-ଅନୁଷ୍ଠାନ ଭକ୍ତିଭାବର ସହ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ ଭଜନ ଗାୟକ ଓ ପ୍ରଖ୍ୟାତ କଳାକାରମାନଙ୍କ ସୁମଧୁର ପରିବେଷଣ ଉପସ୍ଥିତ ଭକ୍ତବୃନ୍ଦଙ୍କୁ ଭକ୍ତିରସରେ ବିଭୋର କରିଥିଲା। ସମଗ୍ର ମନ୍ଦିର ପ୍ରାଙ୍ଗଣ ଚନ୍ଦନର ସୁଗନ୍ଧ, ଭକ୍ତିମୟ ସଙ୍ଗୀତ ଓ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା। ଏହି ମହୋତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ବ୍ରହ୍ମପୁର ଲୋକସଭା ସାଂସଦ ପ୍ରଦୀପ ପାଣିଗ୍ରାହୀ, ଏକାମ୍ର ବିଧାୟକ ବାବୁ ସିଂହ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ



କୁମାର ସ୍ୱାଇଁ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ଜୟଦେବ ନିର୍ବାଚନ ମଣ୍ଡଳୀର ବିଧାୟକ ଜୟଦେବ ଡାଲି, ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଜେପି ନେତା ଗୋଲକ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ତଥା ବିଶିଷ୍ଟ ସମାଜସେବୀ ଲୁଲୁ ବଡଜେନା, ବିଜେପି ନେତ୍ରୀ ତଥା ସମାଜସେବୀ ଶ୍ରୀମତୀ ରଶ୍ମି ମହାପାତ୍ର, ପୂର୍ବତନ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସମେତ ବହୁ କର୍ପୋରେଟର, ଜନପ୍ରତିନିଧି, ବିଶିଷ୍ଟ ଅଧିକାରୀ, ସମାଜସେବୀ ଓ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଆୟୋଜନର ଭୂୟସୀ ପ୍ରଶଂସା କରିଥିଲେ। ଅତିଥିମାନେ ଦେବଯୁଗ ପରିବାର ପକ୍ଷରୁ ଓଡ଼ିଶାର ଆଧ୍ୟାତ୍ମିକ ପରମ୍ପରା, ସାଂସ୍କୃତିକ ଐତିହ୍ୟ ଓ ସାମାଜିକ ଏକତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନିଆଯାଉଥିବା ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଦେବଯୁଗ ପରିବାରର ସଂସ୍ଥାପକ ଓ ଅଧ୍ୟକ୍ଷ ଦେବବ୍ରତ ନାୟକ ସମସ୍ତ ଅତିଥି, କଳାକାର, ସ୍ୱେଚ୍ଛାସେବୀ, ସହଯୋଗୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଭକ୍ତବୃନ୍ଦଙ୍କୁ କୃତଜ୍ଞତା ଜଣାଇ କହିଥିଲେ ଯେ, ଦେବଯୁଗ ପରିବାର ଆଗାମୀ ଦିନରେ ମଧ୍ୟ ମାନବସେବା, ଆଧ୍ୟାତ୍ମିକତା, ସଂସ୍କୃତି ଓ ସମାଜ କଲ୍ୟାଣ କ୍ଷେତ୍ରରେ ଏଭଳି ଜନମୁଖୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପ୍ରତିବଦ୍ଧ ରହିବ। ଭକ୍ତି, ସଂସ୍କୃତି, ସେବା ଓ ସାମାଜିକ ସମରସତାର ଏହି ମହାମିଳନ "ଏକାମ୍ର କ୍ଷେତ୍ର ଚନ୍ଦନ ଉତ୍ସବ–୨୦୨୬"କୁ ରାଜଧାନୀ ଭୁବନେଶ୍ୱରରେ ଏକ ସ୍ମରଣୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହୋତ୍ସବରେ ପରିଣତ କରିଛି।

## ବାଲେଶ୍ୱରରେ ଗୋଷ୍ଠୀ ସଂଘର୍ଷ ଶୋଭାଯାତ୍ରାବେଳେ ଟେକାପଥର ମାଡ଼

ବାଲେଶ୍ୱର, (ସବ୍ୟୁ):: ବାଲେଶ୍ୱର ସହରର ଦରଘା ମଇଦାନରେ ଗୋଷ୍ଠୀ ସଂଘର୍ଷ ଘଟିଛି ।ଏହି ସଂଘର୍ଷରେ ୨୦ରୁ ଅଧିକ ଆହତ ହୋଇଥିବା ସୂଚନା ମିଳିଛି ।ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଶୋଭାଯାତ୍ରା ବେଳେ ୨ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଉଭୟ ଗୋଷ୍ଠୀଙ୍କ ଟେକା ପଥର ମାଡରେ ୨୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିବାବେଳେ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ଏସପି ପ୍ରତ୍ୟୁଷ ଦିବାକରଙ୍କ ତ‌%ାବଧାନରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଆଇନ ଶୃଙ୍ଖଳା ପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଶୁକ୍ରବାର ଦିନ ମୁସଲିମ ସମ୍ପ୍ରଦାୟ ପକ୍ଷରୁ ସହରରେ ମହରମ ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହେଉଥିବାବେଳେ ରାତିରେ ଶୋଭାଯାତ୍ରା ବାହାରିଥିଲା । କୌଣସି ଘଟଣାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଦେଖାଦେଇଥିଲା

# ନିର୍ବାଣ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଜିଆଇଇଟି, ଗଙ୍ଗାପାଟଣା ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ): ନିର୍ବାଣ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ "ଓଡ଼ିଶା ଆଚିଭର୍ସ ଆୱାର୍ଡ ୨୦୨୬" ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଛି । ଏହି ପ୍ରେରଣାଦାୟକ ଆୱାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଡଃ ପ୍ରସନ୍ନ ପାଟଶାଣି, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପୂର୍ବତନ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ରୋଟାରୀ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଙ୍କ ସମେତ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗଦେଇଥିଲେ । ଓଡ଼ିଶାର ଭବିଷ୍ୟତକୁ ବିଭିନ୍ନ ନବୀକରଣ, ନେତୃତ୍ୱ ଏବଂ ଉତ୍କର୍ଷତା ମାଧ୍ୟମରେ ଯେଉଁ ଉତ୍କୃଷ୍ଟ ଉଦ୍ୟୋଗୀ, ବ୍ୟବସାୟୀ ଏବଂ ରାଜନେତାମାନେ ଗଢି ତୋଳିବାକୁ ପ୍ରତିଶୃତିବଦ୍ଧ ସେମାନଙ୍କୁ ନିର୍ବାଣ ଫାଉଣ୍ଡେସନ ପକ୍ଷରୁ ସମ୍ମାନିତ କରାଯାଇଛି । ପ୍ରାୟ ୫୫ ଜଣ ଉଦ୍ୟୋଗୀଙ୍କୁ ଏହି କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ସେଥି ମଧ୍ୟରୁ ଗଙ୍ଗାପାଟଣା ସ୍ଥିତ ଜିଆଇଇଟି




କଲେଜକୁ ୨୦୨୬ ବର୍ଷର ଶ୍ରେଷ୍ଠ ଶିକ୍ଷା ଓ ନିଯୁକ୍ତି ପ୍ରତିଷ୍ଠାନ ଭାବେ ଚୟନ କରାଯାଇଥିଲା । ଏହି ଅବସରରେ ଅଧ୍ୟକ୍ଷ ଡଃ ଶୁଭୋଜିତ ପ୍ରଧାନ, ଜିଆଇଇଟିର ଡିନ ଦିଲ୍ଲୀପ କୁମାର ଦାସ, ଅଧ୍ୟକ୍ଷ ସତ୍ୟ ପ୍ରକାଶ ପଣ୍ଡା, ଉପାଧ୍ୟକ୍ଷ ରାମ ନାରାୟଣ ସାବତ ଓ ସଚିବ ସ୍ମୃତି ମୀନାକ୍ଷୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା । ଦୀର୍ଘ ୪ ବର୍ଷ ହେବ ନିର୍ବାଣ ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ଡଃ ଭରତ ପ୍ରଧାନଙ୍କ ଏଭଳି ଏକ ଅଭିନବ ପରିକଳ୍ପନାକୁ ସମସ୍ତ ଅତିଥି ଏବଂ ସମ୍ମାନିତ ବ୍ୟକ୍ତିତ୍ୱମାନେ ଅନେକ ପ୍ରଶଂସା କରିଥିଲେ ।

## ସିଡିଏ ସେକ୍ଟର ୯ ନଂରେ ଖୋଲିଲା ଡିଡି ଟେକ୍ସଟାଇଲ୍ସ ର ନୂତନ ସୋ ରୁମ୍

କଟକ, (ସବ୍ୟୁ): ବସ୍ତ୍ର ଜଗତରେ ଡିଡି ଟେକ୍ସଟାଇଲ ବିଶେଷ ସୁଖ୍ୟାତି ଅର୍ଜନ କରିବା ସହ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି । ଏହି ଅବସରରେ କଟକର ସିଡିଏ ସେକ୍ଟର-୯ ନଂ (ଜଷ୍ଟିସ ଛକ ) ଠାରେ ଏହାର ଚତୁର୍ଥ ରିଟେଲ୍ ଆଉଟଲେଟ ଷ୍ଟୋରର ଶୁଭ ଉଦଘାଟନ ହୋଇଯାଇଛି । ୧୨ହଜାର ବର୍ଗଫୁଟ ପରିମିତ ଏହି ଅତ୍ୟାଧୁନିକ ସୋ'ରୁମକୁ ସମାଜସେବୀ ଶ୍ରୀମତୀ ଗୀତା ଦେବୀ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଶ୍ରୀ ପ୍ରଦୀପ କୁମାର ଗୁପ୍ତା ଓ ଶ୍ରୀ ଦୀପକ କୁମାର ଗୁପ୍ତା ପ୍ରମୁଖ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ୪୦ ବର୍ଷର ଗୌରବମୟ



ଯାତ୍ରା ମଧ୍ୟରେ ଏହି ବ୍ରାଣ୍ଡ ସମଗ୍ର ଅଂଚଳରେ ବିଶ୍ୱାସ, ପ୍ରିମିୟମ୍ ଗୁଣବତାର କପଡ଼ା ସହ ସର୍ବୋତମ ଗ୍ରାହକ ସେବାର ଅନ୍ୟ ଏକ ନାମ ପାଲଟିଛି । ଏହି ନୂତନ ସୋ'ରୁମ୍‌କୁ ସମ୍ପୂର୍ଣ୍ଣ ପରିବାର ପାଇଁ ଏକ ଫ୍ୟାଶନ ହବ୍ ଭାବରେ ଗଢ଼ି ତୋଳାଯାଇଛି, ଯେଉଁଠି ଗୋଟିଏ ଛାତ ତଳେ ଅପ୍ରତିଦ୍ୱନ୍ଦ୍ୱୀ ଏବଂ ବିପୁଳ ସମ୍ଭାର ଉପଲବ୍ଧ ହେଉଛି । ଏହି ଆଉଟଲେଟରେ ପ୍ରିମିୟମ୍ କଟନ୍, ପ୍ରାକୃତିକ ହ୍ୟାଣ୍ଡଲୁମ୍ (ହସ୍ତତନ୍ତ) ଠାରୁ ଆରମ୍ଭ କରି ରାଜକୀୟ ବନାରସୀ ପାଟ, ବିଳାସପୂର୍ଣ୍ଣ କାଞ୍ଚିଭରମ୍, କ୍ଲାସିକ୍ ସାଉଥ୍ କଟନ୍, ଓଡ଼ିଶାର ଗର୍ବ ଓ ଗୌରବ ସଦୃଶ ବୋମକାଇ ଏବଂ ସମ୍ବଲପୁରୀ ଶାଢ଼ିର ଏକ ସ୍ୱତନ୍ତ୍ର କଲେକ୍ସନ ରହିଛି ।

# ଚିନ୍ମୟ ଅମୃତ ମହୋତ୍ସବ ଓ ପାଦୁକା ପୂଜା ଅନୁଷ୍ଠିତ

ଜଟଣୀ, (ସବ୍ୟୁ) : ଅନ୍ତର୍ଜାତୀୟ ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସ୍ୱାମୀ ଚିନ୍ମୟାନନ୍ଦଙ୍କର



ଅମୃତ ମହୋତ୍ସବ ଓ ପାଦୁକା ପୂଜା ଜଟଣୀ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ସ୍ୱାମୀ ଇସାନନ୍ଦ ସରସ୍ୱତୀଙ୍କ ପ୍ରତକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଚିନ୍ମୟ ମିଶନର ପ୍ରତିଷ୍ଠାତା ପରମ ପୂଜ୍ୟ ଗୁରୁଦେବ ବ୍ରହ୍ମଲୀନ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଙ୍କ ଦିବ୍ୟ ମୂର୍ତ୍ତୀ ଓ ପାଦୁକା କୁ ଜଟଣୀରେ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟ ଓ ନଗରପାଳ ଅନନ୍ତ ବେହେରାଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା । ଏହି ଉପଲକ୍ଷେ ସୁନ୍ଦରାୟ ପେଟ୍ରୋଲ ପମ୍ପ, ସୀତାରାମ ଛକ ବ୍ୟବସାୟୀ ସଂଘ, ଥାନା ଛକ ଓ ମାରୱାଡି ଯୁବମଞ୍ଚ ପକ୍ଷରୁ ଜଳପାନ ବ୍ୟବସ୍ଥା ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟ ରାସ୍ତାରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପର୍ଯ୍ୟନ୍ତ ଭବ୍ୟ ମାଙ୍ଗଳିକ ବାଦ୍ୟଯନ୍ତ୍ର, ଶଙ୍ଖଧ୍ୱନି, ଭଜନ କୀର୍ତ୍ତନ ସହ ଚିନ୍ମୟ ରଥକୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପକ୍ଷରୁ ପାଛୋଟି ନିଆଯାଇଥିଲା । କାର୍ଯ୍ୟକ୍ରମକୁ ଚିନ୍ମୟ ମିଶନ ଜଗନ୍ନାଥ ମନ୍ଦିର କମିଟିର ସମ୍ପାଦକ ଅଙ୍କିତା ଶର୍ମା, ସଭାପତି ଡ ସୁକାନ୍ତି ମହାପାତ୍ର, ସୀତାକାନ୍ତ ଶତପଥୀ, ମଧୁସୂଦନ ଅଗ୍ରୱାଲ, ରସିକ ପଟେଲ, ପ୍ରିୟଙ୍କା ମହାନ୍ତି, ରମେଶ କୁମାର ଦାସ, ସନ୍ତୋଷ ଶତପଥୀ, ଚିତ୍ତରଞ୍ଜନ ପଣ୍ଡା, ସସ୍ମିତା ମହାପାତ୍ର ଓ ପ୍ରକାଶ ଦାଶଙ୍କ ସମେତ ଅନ୍ୟମାନେ ପରିଚାଳନା ଓ ସହଯୋଗ କରିଥିଲେ । ପରିଶେଷରେ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

## ଦୀର୍ଘଦିନ ଧରି ବନ୍ଦ ହୋଇ ରହିଛି ଶୌଚାଳୟ

## ଯାତ୍ରୀ, ବ୍ୟବସାୟୀ ଓ ସାଧାରଣ ଲୋକ ହନ୍ତସନ୍ତ, ପୌର ପ୍ରଶାସନର ନିରବତାକୁ ନେଇ ଉଠୁଛି ପ୍ରଶ୍ନବାଚୀ

ଖୋର୍ଦ୍ଧା, (ସବ୍ୟୁ): ସ୍ୱଚ୍ଛ ସହର ଗଠନ ଏବଂ ସାଧାରଣ ଲୋକଙ୍କୁ ମୌଳିକ ନାଗରିକ ସୁବିଧା ଯୋଗାଇ ଦେବା ପ୍ରତ୍ୟେକ ପୌର ପ୍ରଶାସନର ପ୍ରାଥମିକ ଦାୟିତ୍ୱ। କିନ୍ତୁ ଖୋର୍ଦ୍ଧା ସହରର ପୁରୁଣା ବସ୍‌ଷ୍ଟାଣ୍ଡ ରେ ଥିବା ଶୌଚାଳୟ ଦୀର୍ଘ ଦିନ ଧରି ବନ୍ଦ ପଡ଼ି ରହିଥିବାରୁ ଯାତ୍ରୀ, ସ୍ଥାନୀୟ ବ୍ୟବସାୟୀ ଓ ସାଧାରଣ ଲୋକ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରର ଏକ ଗୁରୁତ୍ୱପୂର୍ଣ୍ଣ ଯାତାୟାତ କେନ୍ଦ୍ରରେ ଏଭଳି ମୌଳିକ ସୁବିଧାର ଅଭାବ ପୌର ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଛି।

ପ୍ରତିଦିନ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ହଜାର ହଜାର ଯାତ୍ରୀଙ୍କ ଯାତାୟାତ ହୋଇଥାଏ। ଗ୍ରାମାଂଚଳରୁ ସହରକୁ ଆସୁଥିବା ଲୋକ, ଦୈନିକ ଯାତ୍ରୀ, ଛାତ୍ରଛାତ୍ରୀ, ମହିଳା ଓ ବରିଷ୍ଠ ନାଗରିକ ଏହି ବସ୍‌ଷ୍ଟାଣ୍ଡ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ସେଠାରେ ଥିବା ଏକମାତ୍ର ଶୌଚାଳୟଟି ବନ୍ଦ ରହିବାରୁ ସେମାନଙ୍କୁ ଅନେକ ସମୟରେ ଅସହଜ ଓ ଲଜ୍ଜାଜନକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷ କରି




ମହିଳା, ବରିଷ୍ଠ ନାଗରିକ ଓ ଶିଶୁମାନେ ଏହା ଯୋଗୁଁ ଅଧିକ କଷ୍ଟ ଭୋଗୁଛନ୍ତି। ବସଷ୍ଟାଣ୍ଡ ନିକଟରେ ବର୍ଷ ବର୍ଷ ଧରି ବ୍ୟବସାୟ କରୁଥିବା ଦୋକାନୀମାନେ କହିଛନ୍ତି ଯେ, ସେମାନଙ୍କୁ ସକାଳରୁ ରାତି ପର୍ଯ୍ୟନ୍ତ ଦୋକାନରେ ରହିବାକୁ ପଡୁଥିବା ବେଳେ ଶୌଚାଳୟ ବନ୍ଦ ଥିବାରୁ ବହୁ ଦୂରକୁ ଯିବାକୁ ବାଧ ହେଉଛନ୍ତି। ଏହାଦ୍ୱାରା ସେମାନଙ୍କ ବ୍ୟବସାୟ ପ୍ରଭାବିତ ହେବା ସହ ସମୟ ଓ ଆର୍ôଥକ କ୍ଷତି ମଧ୍ୟ ସହିବାକୁ ପଡୁଛି। ଅନେକ ଥର ସ୍ଥାନୀୟ ଲୋକ ଓ ବ୍ୟବସାୟୀମାନେ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଶୌଚାଳୟ ବନ୍ଦ ରହିବାରୁ କେତେକ ଲୋକ ବାଧ ହୋଇ ଖୋଲା ସ୍ଥାନ କିମ୍ବା ନିକଟବର୍ତ୍ତୀ ଅଂଚଳକୁ ବ୍ୟବହାର କରୁଥିବାରୁ ସ୍ୱଚ୍ଛତା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ଏହା ଏକପଟେ ପରିବେଶକୁ ପ୍ରଦୂଷିତ କରୁଥିବା ବେଳେ ଅନ୍ୟପଟେ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ମଧ୍ୟ ବଢ଼ାଇ ଦେଉଛି। ସ୍ୱଚ୍ଛ ଭାରତ ଅଭିଯାନ ଓ ସ୍ୱଚ୍ଛ ସହରର ସ୍ଲୋଗାନ ମଧ୍ୟରେ ଏଭଳି ପରିସ୍ଥିତି ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଛି।

ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ, ସହରର ପ୍ରମୁଖ ବସ୍‌ଷ୍ଟାଣ୍ଡ ଭଳି ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଶୌଚାଳୟ ବନ୍ଦ ରହିବା କେବଳ ପ୍ରଶାସନିକ ଅବହେଳାକୁ ସୂଚାଉନାହିଁ, ବରଂ ଜନସାଧାରଣଙ୍କ ମୌଳିକ ସୁବିଧା ପ୍ରତି ଉଦାସୀନତାକୁ ମଧ୍ୟ ପ୍ରତିଫଳିତ କରୁଛି। ଏପରି ସ୍ଥାନରେ ଶୌଚାଳୟର ନିୟମିତ ସଫେଇ, ପାଣିର ବ୍ୟବସ୍ଥା ଏବଂ ରକ୍ଷଣାବେକ୍ଷଣ ନିଶ୍ଚିତ କରିବା ପୌର ପରିଷଦର ପ୍ରାଥମିକ କର୍ତବ୍ୟ ବୋଲି ସେମାନେ କହିଛନ୍ତି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ବାସିନ୍ଦା, ବ୍ୟବସାୟୀ ସଂଘ ଏବଂ ଦୈନିକ ଯାତ୍ରୀମାନେ ପୌର ପରିଷଦ କର୍ତୃପକ୍ଷଙ୍କୁ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ବନ୍ଦ ପଡ଼ିଥିବା ଶୌଚାଳୟକୁ ଯଥାଶୀଘ୍ର ମରାମତି କରି ପୁନର୍ବାର ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଖୋଲିବା ସହ ଏହାର ନିୟମିତ ରକ୍ଷଣାବେକ୍ଷଣ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ଜନସାଧାରଣଙ୍କ ଏହି ଦୀର୍ଘଦିନର ସମସ୍ୟା ପ୍ରତି ଖୋର୍ଦ୍ଧା ପୌର ପରିଷଦ କେବେ ସକ୍ରିୟ ପଦକ୍ଷେପ ନେଉଛି।

# କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା : ବିଜେଡି

## ରାଜ୍ୟରେ ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ

ଭୁବନେଶ୍ୱର, (ସବ୍ୟୁ): ଓଡିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ଦୀର୍ଘ ୨ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ନାରୀ ଅସୁରକ୍ଷିତ, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍.କେ ନିଜାମୁଦ୍ଦିନ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି, ବିଜେପି ସରକାରଙ୍କ ଶାସନରେ ରାଜ୍ୟରେ ହତ୍ୟା, ଗୁଳିକାଣ୍ଡ ଓ ସଂଗଠିତ ଅପରାଧ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି । ବାରମ୍ବାର ଘଟୁଥିବା ଏଭଳି ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି ।

ଶ୍ରୀ ବେହେରା କହିଥିଲେ, ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରିଛନ୍ତି । ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ । ଅନ୍ୟପଟେ କଟକ ଜିଲ୍ଲାରେ ସନ୍ତରାବାଲି ସରପଞ୍ଚ ମୀତା ଜେନାଙ୍କ ସ୍ୱାମୀ ଶ୍ରୀକାନ୍ତ ଜେନାଙ୍କ ଉପରେ ସର୍ବସମ୍ମୁଖରେ ହୋଇଥିଲା ଗୁଳିମାଡ଼ । କେବଳ ଏତିକି ନୁହେଁ ତାଙ୍କ ପୁଅଙ୍କ ସହ ଏକ ସେଲୁନରେ ଥିବା ବେଳେ ଅଜଣା ଦୁର୍ବୃତ୍ତମାନେ ଗୁଳି ଚଳାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ଏ ସମସ୍ତ ଘଟଣା ସ୍ପଷ୍ଟ ହେଉଛି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ପୋଲିସ ବିଭାଗ କୋମାକୁ ଚାଲିଯାଇଛି । ଡ଼. ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଛନ୍ତି, ଗତ ୨୩ ତାରିଖରେ ରାଜ୍ୟର ଆଇନମନ୍ତ୍ରୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସୁଚାରରୂପେ ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ କରି ଗଣମାଧ୍ୟମକୁ କହିଥିଲେ, ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେବା ସହିତ ଭକ୍ତମାନଙ୍କ ସୁରକ୍ଷାରେ କୌଣସି ଅବହେଳା କରାଯିବ ନାହିଁ । ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ ସରକାର ଯଥେଷ୍ଟ ପଦକ୍ଷେପ ଗ୍ରହଣ କରୁଛନ୍ତି । କିନ୍ତୁ ପରଦିନ ଅପରାଧୀମାନେ ଆଇନମନ୍ତ୍ରୀଙ୍କ କଥାକୁ ଖାତିର ନକରି ପୁରୀର ଜଣେ ହୋଟେଲ ବ୍ୟବସାୟୀଙ୍କୁ ନିର୍ମମ ଭାବେ ହତ୍ୟା କରି ଖସିଯିବାରେ ସଫଳ ହେଲେ । ସେହିପରି ବଡମ୍ବାର ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ତାଙ୍କ ପୁଅଙ୍କ ଉପସ୍ଥିତିରେ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ଆସାମୀମାନଙ୍କୁ ଧରିବାରେ ଏପର୍ଯ୍ୟନ୍ତ ପୋଲିସ ସକ୍ଷମ ହୋଇନାହିଁ । ରାଜ୍ୟରେ ଏଭଳି ଅପରାଧମାନ କେତେ ଦିନ ଚାଲିବ ବୋଲି ବିଜେପି ସରକାରଙ୍କୁ ବିଜେଡି ପ୍ରଶ୍ନ କରିଛି ।

## ବାଘ ଛୁଆ ଗୁଜବ, ଲୋକଙ୍କ ସମାଗମ

ତିହିଡି, (ସବ୍ୟୁ) : ଶନିବାର ସକାଳେ ଭଦ୍ରକ - ଚାନ୍ଦବାଲି ରାସ୍ତାର ତିହିଡି ପେଟ୍ରୋଲ ପମ୍ପ ନିକଟରେ ବାଘ ଛୁଆ ଭଳି ଦୃଶ୍ୟମାନ ହେଉଥିବା ଏକ ପଶୁ କୌଣସି ଅଜଣା ଗାଡି ଧକ୍କାରେ ମରି ପଡିଥିବାର ରାସ୍ତା ଗଲା ଲୋକେ ଦେଖିଥିଲେ । ପରେ ଏହି ଖବର ଦ୍ରୁତ ବେଗରେ ଆଖ ପାଖ ଅଞ୍ଚଳକୁ ବ୍ୟାପି ଯାଇଥିଲା । କିଛି ଲୋକ ନିଜ ନିଜ ମୋବାଇଲରେ ଏହାର ଫଟୋ ଉଠାଇବା ସହିତ ଭିଡିଓ ସୁଟିଂ କରି ବାଘ ଛୁଆ ବୋଲି ଦର୍ଶାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପରେ ଘଟଣା ସ୍ଥଳରେ ଶହ ଶହ ଲୋକ ରୁଣ୍ଡ ହୋଇଥିଲେ । କେହି କେହି ଏହାକୁ ବାଘ ଛୁଆ ବୋଲି କହୁଥିବା ବେଳେ ଆଉ କେହି କେହି ବଣ କଟାସ ବୋଲି ବର୍ଣ୍ଣନା କରୁଥିଲେ । ଶେଷରେ କଥା ବନ ବିଭାଗ ପର୍ଯ୍ୟନ୍ତ ଯାଇଥିଲା । ବନ ବିଭାଗ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ମୃତ ପଶୁ ଟିକୁ ଫିସିଂ କ୍ୟାଟ ବୋଲି ଚିହ୍ନଟ କରିଥିବା ବେଳେ ଏହାକୁ ଜବ୍ଦ କରି ବ୍ୟବଚ୍ଛେଦ କରାଇବାର ବନ୍ଦୋବସ୍ତ କରିଥିଲେ । ସେହିପରି ବନ ବିଭାଗ ପକ୍ଷରୁ ଏଥିନେଇ ଏକ ମାମଲା ରୁଜୁ କରା ଯାଇଥିବା ସୂଚନା ମିଳିଛି ।

# ବାଣୀବିହାର ୮୦ ର ଜୁନମାସ ଅନ୍ନସେବା




ଭୁବନେଶ୍ୱର (ସବ୍ୟୁ): ଶନିବାର ଅପରାହ୍ନରେ ଭୁବନେଶ୍ୱର ଖଣ୍ଡଗିରିରେ ଅବସ୍ଥିତ ଜୀବନ ଜ୍ୟୋତି ଆଶ୍ରମର ଅନ୍ତେବାସୀ କନ୍ୟାରତ୍ନମାନଙ୍କୁ ବାଣୀବିହାର ୮୦ ତରଫରୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା । ଭୋଜନ ପ୍ରଦାନ ପାଇଁ ଅର୍ଥଦାନ କରିଥିଲେ ବାଣୀବିହାର ୮୦ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଘନଶ୍ୟାମ ଓଝା ଓ ତାଙ୍କର ଧର୍ମପତ୍ନୀ । ଏହି ଅନ୍ନସେବା କାର୍ଯ୍ୟକ୍ରମରେ ବାଣୀବିହାର ୮୦ର ସଭାପତି ପ୍ରତୀପ ମିଶ୍ର, ପୂର୍ବତନ ସଭାପତି ଶରତ ଦାଶ, ସମ୍ପାଦକ ଆଶୁତୋଷ ଦାଶ, ଜନସେବା କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅଲେଖ ନନ୍ଦୀ, ବରିଷ୍ଠ ସଦସ୍ୟ ବିକ୍ରମ ଦାସ, ଧରିତ୍ରୀ ରାୟ, ନିହାରିକା ମିଶ୍ର, ଅଞ୍ଜଳି ପଣ୍ଡା, ଉଷା ମହାପାତ୍ର, ସବିତା ସାମନ୍ତରାୟ ଓ ରଞ୍ଜିତା ବେଦମାତା ପ୍ରଭୃତି ସକ୍ରିୟ ଯୋଗଦାନ କରିଥିଲେ । ପ୍ରତିମାସରେ ଅନ୍ୟୁନ ଥରେ ବାଣୀବିହାର ୮୦ ଅନୁଷ୍ଠାନ ତରଫରୁ ବୃଦ୍ଧାଶ୍ରମ ଓ ଅନାଥାଶ୍ରମ ମାନଙ୍କରେ ଅନ୍ନସେବା କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

# ସେଚେଲ୍ସ ଗସ୍ତରେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ:** ସେଚେଲ୍ସର ରାଷ୍ଟ୍ରପତି, ମୋର ବନ୍ଧୁ ଡକ୍ଟର ପାଟ୍ରିକ ହର୍ମିନିଙ୍କ ନିମନ୍ତ୍ରଣରେ, ସେଚେଲ୍ସର ଜାତୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ମାନିତ ଅତିଥି ଭାବରେ ଅଂଶଗ୍ରହଣ କରିବା ପାଇଁ ମୁଁ ୨୭-୨୯ ଜୁନ୍ ୨୦୨୬ ପର୍ଯ୍ୟନ୍ତ ସେଚେଲ୍ସ ଗସ୍ତ କରିବି । ସେଚେଲ୍ସ ଆମର ଜଣେ ପ୍ରମୁଖ ସାମୁଦ୍ରିକ ପଡ଼ୋଶୀ ଏବଂ 'ଭିଜନ୍ ମହାସାଗର' ତଥା 'ଗ୍ଲୋବାଲ ସାଉଥ' ପ୍ରତି ଆମର ମିଳିତ ପ୍ରତିବଦ୍ଧତାର ଏକ ପ୍ରମୁଖ ଅଂଶୀଦାର । ଚଳିତ ବର୍ଷ, ଆମେ ଆମର କୂଟନୈତିକ ସମ୍ପର୍କ ସ୍ଥାପନର ୫୦ତମ ବାର୍ଷିକୀ ମଧ୍ୟ ପାଳନ କରୁଛୁ ଯାହା ପାରସ୍ପରିକ ବିଶ୍ୱାସ, ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧ, ବିବିଧତା ପ୍ରତି ସମ୍ମାନ ଏବଂ ଆମ ଲୋକଙ୍କ ମଧ୍ୟରେ ଗଭୀର ସମ୍ପର୍କ ଉପରେ ଆଧାରିତ । ଫେବୃଆରୀ ୨୦୨୬ରେ ରାଷ୍ଟ୍ରପତି ହର୍ମିନିଙ୍କ ସଫଳ ଭାରତ ଗସ୍ତ ପରେ, ମୁଁ ଆମର ସ୍ଥାୟୀ ବନ୍ଧୁତାକୁ ଆହୁରି ମଜବୁତ କରିବା ଲକ୍ଷ୍ୟରେ ଆଗକୁ ହେବାକୁ ଥିବା ଆଲୋଚନା ପାଇଁ ଆଗ୍ରହୀ ରହିଛି । ଆମ ଲୋକମାନଙ୍କ ପ୍ରଗତିକୁ ଆଗକୁ ବଢ଼ାଇବା ଏବଂ ହିନ୍ଦ ମହାସାଗର କ୍ଷେତ୍ରରେ ସୁରକ୍ଷା ତଥା ସମୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ଏକତ୍ର କାର୍ଯ୍ୟ କରିବୁ । ଏହି ଗସ୍ତ ସମୟରେ, ମୋତେ ସେଚେଲ୍ସର ନ୍ୟାଶନାଲ ଆସେମ୍ବ୍ଲିକୁ ସମ୍ବୋଧିତ କରିବାରେ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ହେବାର ଗୌରବ ପ୍ରାପ୍ତ ହେବ । ଏହି ଐତିହାସିକ ସୁଯୋଗ ଦୁଇ ରାଷ୍ଟ୍ରକୁ ବାନ୍ଧି ରଖୁଥିବା ଦୃଢ଼ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସଂସଦୀୟ ପରମ୍ପରାକୁ ପ୍ରତିଫଳିତ କରେ । ମୁଁ ସେଚେଲ୍ସରେ ଥିବା ଉତ୍ସାହୀ ଭାରତୀୟ ସମ୍ପ୍ରଦାୟ ସହିତ ଆଲୋଚନା କରିବାକୁ ମଧ୍ୟ ଆଗ୍ରହୀ ରହିଛି । ସେମାନେ ପିଢ଼ି ପରେ ପିଢ଼ି ଧରି ଭାରତ ଏବଂ ସେଚେଲ୍ସ ମଧ୍ୟରେ ସ୍ୱତନ୍ତ୍ର ବନ୍ଧୁତାକୁ ପୋଷଣ କରିଆସୁଛନ୍ତି ଏବଂ ଆମ ଦୁଇ ରାଷ୍ଟ୍ର ମଧ୍ୟରେ ଏକ ଜୀବନ୍ତ ସେତୁ ଭାବରେ କାର୍ଯ୍ୟ କରୁଛନ୍ତି । ମୁଁ ନିଶ୍ଚିତ ଯେ ମୋର ଗସ୍ତ ଦୁଇ ଦେଶ ମଧ୍ୟରେ ଦୀର୍ଘକାଳୀନ ସମ୍ପର୍କକୁ ଆହୁରି ନିବିଡ଼ କରିବ । ଭାରତ ମହାସାଗର କ୍ଷେତ୍ରରେ ସାମୁଦ୍ରିକ ସହଯୋଗ ବୃଦ୍ଧି କରିବ ଏବଂ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ତଥା ସମୃଦ୍ଧ ଭାରତ ମହାସାଗର କ୍ଷେତ୍ରର ଆମର ସମାନ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବ ।



## ବିଶ୍ୱର ସବୁଠୁ ବୟସ୍କ କଇଁଛକୁ ଭେଟିଲେ ମୋଦି

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ଦିବସୀୟ ଗସ୍ତରେ ସେଚେଲସ୍ ପହଞ୍ଚିଛନ୍ତି । ଏଠାରେ ସେ ଜାତୀୟ ଦିବସର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହି ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ଶନିବାର ସେଚେଲସ୍ ନ୍ୟାସନାଲ ବଟାନୀକାଲ ଗାର୍ଡନ ଭ୍ରମଣ କରିଛନ୍ତି । ଏହି ସମୟରେ ସେ ବିଶ୍ୱର ସବୁଠୁ ବୟସ୍କ ତଥା ଦୀର୍ଘ ସମୟ ଧରି ଜୀବିତ କଇଁଛ ପ୍ରଜାତିଙ୍କୁ ଭେଟିଛନ୍ତି । ଅଲଡାବ୍ରା ଜାଏଣ୍ଟ ଟର୍ଟଲ ସେଚେଲସ୍ର ମୂଳ ବାସିନ୍ଦା । ଏହି ପ୍ରଜାତୀ ପୃଥିବୀ ବକ୍ଷରେ ସବୁଠୁ ବଡ଼ ଓ ଦୀର୍ଘ ସମୟ ବଞ୍ଚୁଥିବା କଇଁଛ ପ୍ରଜାତୀଙ୍କ ମଧ୍ୟରୁ ଅନ୍ୟତମ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଅଲଡାବ୍ରା ଜାଏଣ୍ଟ ଟର୍ଟଲଙ୍କ ଭାରତ-ସେଚେଲସ୍ ବନ୍ଧୁତାର ପ୍ରତୀକ ମଧ୍ୟ ଅଟନ୍ତି । ୨୦୧୪ ମସିହାରେ ଏମାନଙ୍କ ମଧ୍ୟରୁ ଦୁଇଟି କଇଁଛ କୋଲକାତାର ଅଲିପୁର ଚିଡିଆଖାନାକୁ ଉପହାରରେ ଦିଆଯାଇଥିଲା । କିଛି ବର୍ଷ ପରେ ସେଚେଲସ୍ ହାଇଦ୍ରାବାଦ ଜୁ କୁ ମଧ୍ୟ ଆଉ କିଛି କଇଁଛ ଉପହାରରେ ଦେଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ସବୁଠୁ ଅଧିକ ବୟସ୍କ ଜୀବିତ ସ୍ଥଳଚର ଜୀବ 'ଜୋନାଥନ'କୁ ମଧ୍ୟ ଭେଟିଛନ୍ତି । ଜୋନାଥନ ମଧ୍ୟ ଏକ ଅଲଡାବ୍ରା ଜାଏଣ୍ଟ ଟର୍ଟଲ । ଏହାର ବୟସ ପାଖାପାଖି ୧୯୪ ବର୍ଷ ବୋଲି କୁହାଯାଉଛି । ଏହି ବିଶାଳ କଇଁଛ ଜେମସ୍ ଟାଉନସ୍ଥିତ ନ୍ୟାସନାଲ ବଟାନୀକାଲ ଗାର୍ଡନରେ ରହୁଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ସେଚେଲସ୍ ନ୍ୟାସନାଲ ବଟାନୀକାଲ ଗାର୍ଡନରେ ରାଷ୍ଟ୍ରପତି ଡ. ପ୍ୟାଟ୍ରିକ ହର୍ମିନୀଙ୍କ ସହିତ ମିଳିତ ବୃକ୍ଷାରୋପଣ ଉତ୍ସବରେ ମଧ୍ୟ ଭାଗ ନେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୁଁ କୋକୋ ଡି ମେର ଗଛ ଲଗାଇଛି, ଯାହା ସେଚେଲସ୍ର ଏକ ବିଶେଷତା । ଦେଶରେ ଏହି ବୃକ୍ଷକୁ ବହୁତ ସମ୍ମାନ କରାଯାଏ ଓ ଏହା ଏଠାକାର କୋର୍ଟ ଅଫ ଆର୍ମସରେ ମଧ୍ୟ ଅଙ୍କିତ ରହିଛି । ଏଠାକାର ଲୋକେ ଏହି ବୃକ୍ଷକୁ ଏହାର ଓଜନଦାର ଫଳ ଓ ମଞ୍ଜି ପାଇଁ ଗୁରୁତ୍ୱ ଦେଇଥାନ୍ତି । ପ୍ରଧାନମନ୍ତ୍ରୀ ଏ ନେଇ ଏକ୍ସ ରେ ଏକ ପୋଷ୍ଟ କରିଥିବା ବେଳେ ଲେଖିଛନ୍ତି ଯେ 'ଭାରତ ଓ ସେଚେଲସ୍ର ଜୈବ ବିବିଧତାର ରକ୍ଷା ନିମନ୍ତେ ତଥା ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଆଗାମୀ ପିଢୀଙ୍କ ଲାଗି ଏକ ସବୁଜ ଓ ସୁସ୍ଥ ପ୍ଲାନେଟ୍ ଗଢିବାକୁ ମିଳିତ ସଂକଳ୍ପ କରିଛନ୍ତି' ।

# ଆଫଗାନିସ୍ତାନରେ ଭୂକମ୍ପ



**ନୂଆଦିଲ୍ଲୀ:** ଆଫଗାନିସ୍ତାନରେ ଭୂକମ୍ପର ଝଟ୍କା ଅନୁଭବ ହୋଇଛି । ଶନିବାର ସନ୍ଧ୍ୟାରେ ଏହି ଝଟ୍କା ଆରମ୍ଭ ହୋଇଥିଲା । ସେସ୍ମିକ୍ ରିପୋର୍ଟ ଅନୁଯାୟୀ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୨ ମ୍ୟାଗ୍ନିଚ୍ୟୁଟ୍ ଥିଲା । ପ୍ରାୟ ୨୧୫ କିମି ପର୍ଯ୍ୟନ୍ତ ସନ୍ଧ୍ୟା ୭.୪ରେ ହୋଇଥିବା ଭୂକମ୍ପ ପ୍ରଭାବିତ କରିଥିଲା । ଭୂକମ୍ପଟି ଆଫଗାନିସ୍ତନର ଉତ୍ତରପୂର୍ବ କାଲଫ୍‌ଗନ୍ ଅଞ୍ଚଳରେ ହୋଇଥିବା ଜଣାପଡ଼ିଛି । ତେବେ ଆଫଗାନିସ୍ତାନ, ପାକିସ୍ତାନ, ଭାରତ, ଚୀନ୍ ତାଜିକସ୍ତାନ ଆଦି ଅଞ୍ଚଳକୁ ପ୍ରଭାବିତ କରିଥିଲା । ୟୁନାଇଟେଡ୍ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ ମୁତାବକ ଉତ୍ତରପୂର୍ବ ଆଫଗାନିସ୍ତାନର ଜୁର୍ମ ଠାରୁ ୪୩ କିମି ଦକ୍ଷିଣରେ କେନ୍ଦ୍ରୀଭୂତ ହୋଇଥିଲା । ଏହାର ପ୍ରଭାବରେ ଦିଲ୍ଲୀରେ ଭୟର ବାତାବରଣ ଖେଳିଯାଇଛି । ଲୋକମାନେ ଭୟଭୀତ ହୋଇ ଘର ଏବଂ କାର୍ଯ୍ୟାଳୟରୁ ବାହାରକୁ ଆସିଥିଲେ । ଏବେ ବିଶ୍ୱ ଭାରତରେ ଭୂକମ୍ପର ଝଟ୍କା ଅନୁଭୂତ ହେଉଛି । ଜୁନ୍ ୨୪ରେ ଭେନେଜୁଆଲାରେ ଆସିଥିବା ଭୟାବହ ଭୂକମ୍ପରେ ହଜାର ହଜାର ଲୋକଙ୍କ ପ୍ରାଣହାନୀ ଘଟିଛି । ୩୯ ସେକେଣ୍ଡ ମଧ୍ୟରେ ଦୁଇଟି ଭୂକମ୍ପର ଝଟ୍କା ଅନୁଭୂତ ହୋଇଥିଲା । ଭାରତକୁ ଭୂକମ୍ପ ସମ୍ବେଦନଶୀଳତା ଆଧାରରେ ଯେଉଁ ୪ଟି ଜୋନ୍‌ରେ ବିଭକ୍ତ କରାଯାଇଛି ସେଥିରୁ ମୁଖ୍ୟତଃ ଜୋନ୍-୨ ଓ ଜୋନ୍-୩ ଓଡ଼ିଶାରେ ଆସୁଛି । ଜୋନ୍-୨ରେ ସର୍ବନିମ୍ନ ଓ ଜୋନ୍-୩ରେ ମଧ୍ୟମ ଆଶଙ୍କା ରହିଛି । ଉପକୂଳବର୍ତ୍ତି ଅଞ୍ଚଳ ଜଗତସିଂହପୁର, କେନ୍ଦ୍ରାପଡା ଏବଂ ବାଲେଶ୍ୱରର କିଛି ଭାଗ ଜୋନ୍-୩ରେ ଆସୁଥିବାରୁ ଏଠାରେ ମଧ୍ୟମ ଧାରଣର ଭୂକମ୍ପ ହେବାର ଆଶଙ୍କା ରହିଛି । ମହାନଦୀ ଅବବାହିକା ଓ ଉପକୂଳ ଅଞ୍ଚଳରେ ଛୋଟ ଛୋଟ କମ୍ପନ ଅନୁଭବ ହେବାପରେ ବିଶେଷଜ୍ଞମାନେ ସତର୍କ ରହିବାକୁ ସୂଚନା ଦେଇଛନ୍ତି ।

# ରାଜସ୍ଥାନରେ କ୍ଷୀର ବନ୍ୟା

**ଦିଲ୍ଲୀ-ଜୟପୁର:** ରାଜସ୍ଥାନର କୋଟପୁତଲି ନିକଟ ଦିଲ୍ଲୀ-ଜୟପୁର ହାଇୱେରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ଏକ କ୍ଷୀର ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ହଜାର ହଜାର ଲିଟର କ୍ଷୀର ରାସ୍ତା ଉପରେ ବୋହିଯାଇଥିଲା । ଏହି ଖବର ପ୍ରସାରିତ ହେବା ମାତ୍ରେ ସ୍ଥାନୀୟ ଲୋକେ ବାଲ୍ଟି, ବୋତଲ ଓ କ୍ୟାନ ଧରି କ୍ଷୀର ସଂଗ୍ରହ କରିବାକୁ ଧାଇଁଥିଲେ । ହାଇୱେ କିଙ୍ଗ୍ ହୋଟେଲ ନିକଟରେ ଟ୍ୟାଙ୍କରଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଡ୍ରେନ୍‌ରେ ଓଲଟି ପଡ଼ିଥିଲା । ଟ୍ୟାଙ୍କର ଓଲଟିବା ପରେ କ୍ଷୀର ବନ୍ୟା ଭଳି ରାସ୍ତାରେ ବୋହିଥିଲା । ଏହା ଦେଖି ଦଶନ୍ଧି ସଂଖ୍ୟକ ଲୋକ ନିଜ ନିଜର ବାଲ୍ଟି କଡେଇ ନେଇ କ୍ଷୀର ନେବାରେ ବ୍ୟସ୍ତ ହୋଇପଡ଼ିଲେ । ଦୁର୍ଘଟଣାରେ ଟ୍ୟାଙ୍କର ଚାଳକ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତୁରନ୍ତ ସ୍ଥାନୀୟ ହସ୍ପିଟାଲକୁ ପଠାଇଥିଲେ । ଲୋକଙ୍କ ଭିଡ଼ ଯୋଗୁଁ ଦିଲ୍ଲୀ-ଜୟପୁର ହାଇୱେରେ କିଛି ସମୟ ପାଇଁ ଟ୍ରାଫିକ୍ ଜାମ୍ ହୋଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ନିୟନ୍ତ୍ରଣ କରିବା ସହ ଟ୍ୟାଙ୍କରକୁ ହଟାଇବାର ପ୍ରକ୍ରିୟା ଆରମ୍ଭ କରିଥିଲା । ପ୍ରାଥମିକ ସୂଚନା ଅନୁଯାୟୀ, ଟ୍ୟାଙ୍କରଟି ଭାରସାମ୍ୟ ହରାଇବାରୁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି ।

# ଷ୍ଟାଲିନଙ୍କୁ ବଡ଼ ଝଟକା: ହାତ ଛାଡ଼ିଥିଲା କଂଗ୍ରେସ



**ଚେନ୍ନାଇ:** ତାମିଲନାଡୁ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି । ମରୁମାଲାରଚୀ ଦ୍ରାବିଡ଼ ମୁନ୍ନେତ୍ରା କାଝଗମ ଦଳ ଡିଏମକେ ସହିତ ଥିବା ଦୀର୍ଘ ୯ ବର୍ଷର ମେଣ୍ଟକୁ ଆନୁଷ୍ଠାନିକ ଭାବେ ଶେଷ କରିଛି । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ମେଣ୍ଟରେ ସାମିଲ ହେବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଛି । ଦଳର ବୈଠକରେ ଗୃହୀତ ହୋଇଥିବା ପ୍ରସ୍ତାବଗୁଡ଼ିକରେ MDMK ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟଙ୍କ ସରକାରଙ୍କୁ ସ୍ୱାଗତ କରିଛି । ଦଳ ମୁଖ୍ୟମନ୍ତ୍ରୀଙ୍କୁ ନିଜର ପ୍ରମୁଖ ନିର୍ବାଚନୀ ପ୍ରତିଶ୍ରୁତିଗୁଡ଼ିକ ଉପରେ ଦୃଢ଼ ରହିବାକୁ ଅନୁରୋଧ କରିଛି । ରାଜ୍ୟରେ ଏକ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନ ପ୍ରଦାନ କରିବାକୁ ଦଳ ଦାବି କରିଛି । ତେବେ ଦଳ ମୁଖ୍ୟ ଭାଇକୋ ଶନିବାର ଘୋଷଣା କରିଛନ୍ତି ଯେ, ଆଗାମୀ ଉପନିର୍ବାଚନ ଏବଂ ପୌର ନିର୍ବାଚନରେ ଏମଡିଏମକେ ବିଜୟଙ୍କ ଟିଭିକେ ଦଳକୁ ସମର୍ଥନ କରିବ । MDMK ଅଭିଯୋଗ କରିଛି ଯେ, ମେଣ୍ଟରେ ରହିବା ସତ୍ତ୍ୱେ ତାଙ୍କ ଦଳକୁ ଭିତରୁ ଦୁର୍ବଳ କରିବା ପାଇଁ କ୍ରମାଗତ ଭାବରେ ଚେଷ୍ଟା କରାଯାଉଥିଲା । ଏଆଇଏଡିଏମକେକୁ ପୁଣିଥରେ ସରକାର ଗଠନ କରିବାକୁ ସୁଯୋଗ ଦେବା ପାଇଁ ପରଦା ପଛରେ ଏକ ଗୁପ୍ତ ଯୋଜନା ଚାଲିଥିଲା । ଏହିସବୁ ପରିସ୍ଥିତି ଯୋଗୁଁ ଡିଏମକେ ମେଣ୍ଟରେ ଆଉ ଆଗକୁ ବଢ଼ିବା ସମ୍ଭବପର ନଥିଲା ବୋଲି ଏମଡିଏମକେ ସ୍ପଷ୍ଟ କରିଛି । ଏହି ପରିବର୍ତ୍ତନ ତାମିଲନାଡୁର ଆଗାମୀ ରାଜନୀତିକୁ ଏକ ନୂଆ ମୋଡ଼ ଦେବ ବୋଲି ଆଶା କରାଯାଉଛି ।

## ମଣିକମ୍ ଟାଗୋର ତାମିଲନାଡୁ କଂଗ୍ରେସ ମୁଖ୍ୟ

**ନୂଆଦିଲ୍ଲୀ:** କଂଗ୍ରେସ ଶନିବାର କେ ସେଲଭାପେରୁନ୍ଥଗାଇଙ୍କୁ ତାମିଲନାଡୁ ପ୍ରଦେଶ କଂଗ୍ରେସ କମିଟି ସଭାପତି (ପିସିସି) ପଦରୁ ହଟେଇ ତାଙ୍କ ସ୍ଥାନରେ ମଣିକମ୍ ଟାଗୋରଙ୍କୁ ରାଜ୍ୟ କଂଗ୍ରେସମୁଖ୍ୟ ଭାବେ ନିଯୁକ୍ତ କରିଛି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଟାଗୋରଙ୍କୁ ତାମିଲନାଡୁ ପିସିସି ନିଯୁକ୍ତ କରିଥିବା ଏଆଇସିସି ମହାସଚିବ କେ ସି ବେଣୁଗୋପାଳ କହିଛନ୍ତି । ଦଳ ବିଦାୟୀ ପିସିସି ସଭାପତିଙ୍କ ଅବଦାନର ମଧ୍ୟ ବେଣୁଗୋପାଳ ପ୍ରଶଂସା କରିଛନ୍ତି । ଟାଗୋର ବର୍ତ୍ତମାନ ତାମିଲନାଡୁର ବିରୁଧୁନଗରରୁ ଲୋକସଭା ସାଂସଦ ଅଛନ୍ତି । ସେ ଆନ୍ଧ୍ର ପ୍ରଦେଶ ଓ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପାଇଁ ଏଆଇସିସି ପ୍ରଭାରୀ ଅଛନ୍ତି । ଟାଗୋର ଲୋକସଭାରେ କଂଗ୍ରେସର ସଚେତକ ମଧ୍ୟ ଅଛନ୍ତି । ଦଳ ତାଙ୍କ ଉପରେ ଭରସା କରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛି । ତାମିଲନାଡୁରେ କଂଗ୍ରେସ ବର୍ତ୍ତମାନ ଟିଭିକେ ସରକାରରେ ସହଯୋଗୀ ଦଳ ଅଛି ।

## ଭାରତ ଗସ୍ତରେ ଆସିପାରନ୍ତି ଟ୍ରମ୍ପ

**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତିଡୋନାଲ୍ଡ ଟ୍ରମ୍ପ ଆସନ୍ତାବର୍ଷ ପ୍ରାରମ୍ଭରେ ଭାରତ ଗସ୍ତରେ ଆସିପାରନ୍ତି ବୋଲି ଆମେରିକା ବିଦେଶ ସଚିବ ମାର୍କୋ ରୁବିଓ ଶନିବାର କହିଛନ୍ତି । ରୁବିଓ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଦୃଢ଼ ବ୍ୟକ୍ତିଗତ ସମ୍ପର୍କକୁ ଗୁରୁତ୍ୱ ଦେଇ ଓ ଭାରତ-ଆମେରିକା ସମ୍ପର୍କକୁ ଚମତ୍କାର ବୋଲି ବର୍ଣ୍ଣନା କରିଛନ୍ତି । ୱାସିଂଟନରେ ନ୍ୟୁଜ ଏଜେନ୍ସି ଆଇଏଏନ୍ଏସ୍ ସହିତ କଥାବାର୍ତ୍ତା ବେଳେ ରୁବିଓ କହିଛନ୍ତି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିବା ପାଇଁ ସେ ବର୍ଷ ଶେଷ ପୂର୍ବରୁ ଭାରତ ଯାତ୍ରା କରିପାରନ୍ତି । ଯଦି ଟ୍ରମ୍ପ ଆସନ୍ତା ବର୍ଷ ଭାରତ ଗସ୍ତରେ ଆସନ୍ତି ତେବେ ଏହା ଆମେରିକା ରାଷ୍ଟ୍ରପତିଙ୍କର ଫେବ୍ରୁଆରି ୨୦୨୦ ପରେ ପ୍ରଥମ ଭାରତ ଗସ୍ତ ହେବ । ଦ୍ୱିତୀୟ ଥର ପାଇଁ ଟ୍ରମ୍ପ ରାଷ୍ଟ୍ରପତି ନିର୍ବାଚିତ ହୋଇ ହ୍ୱାଇଟ୍ ହାଉସକୁ ଫେରିବା ପରେ ଏହି ପ୍ରସ୍ତାବିତ ଗସ୍ତ ତାଙ୍କର ପ୍ରଥମ ଗସ୍ତ ହେବ । ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ମୋଦୀ ଶେଷ ଥର ପାଇଁ ଫ୍ରାନ୍ସର ଏଭିଆନରେ ଜି୭ ଶିଖର ସମ୍ମିଳନୀ ଅବସରରେ ସାକ୍ଷାତ କରିଥିଲେ, ଯାହାକି ୧୬ ମାସ ମଧ୍ୟରେ ସେମାନଙ୍କର ପ୍ରଥମ ଦ୍ୱିପାକ୍ଷିକ ବୈଠକ ଥିଲା । ସୂଚନାଯୋଗ୍ୟ, ନୂଆଦିଲ୍ଲୀ ଓ ୱାସିଂଟନ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଜାରି ରହିଥିବାବେଳେ ଟ୍ରମ୍ପଙ୍କ ପ୍ରସ୍ତାବିତ ଗସ୍ତ ରହିଛି । ରୁବିଓ ଆହୁରି କହିଛନ୍ତି ଯେ, ଉଭୟ ଦେଶ କ୍ୱାଡ୍ ଗ୍ରୁପିଂର ଆଉ ଏକ ବୈଠକ ପାଇଁ ଅପେକ୍ଷା କରିଛନ୍ତି ଓ ରାଷ୍ଟ୍ରପତିଙ୍କ ଗସ୍ତ ସ୍ଥିର କରିବାରେ ସାହାଯ୍ୟ କରିବା ପାଇଁ ସେ ବର୍ଷ ଶେଷ ପୂର୍ବରୁ ଭାରତ ଫେରିବାକୁ ଆଶା ରଖିଛନ୍ତି । ଏହାବ୍ୟତୀତ ରୁବିଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱକୁ ମଧ୍ୟ ପ୍ରଶଂସା କରିଥିଲେ । ରୁବିଓ କହିଥିଲେ ଯେ, ସେ ମୋଦୀଙ୍କର ଜଣେ ପ୍ରଶଂସକ ଓ ବିଶ୍ୱ ସ୍ତରରେ ଭାରତର ସ୍ଥିତିକୁ ଉଚ୍ଚ କରିବା ପାଇଁ ତାଙ୍କୁ ଶ୍ରେୟ ଦେଇଥିଲେ । ମୋଦୀ ଭାରତକୁ ଏକ ବିଶ୍ୱ ଶକ୍ତିରେ ପରିଣତ କରିଛନ୍ତି ବୋଲି ରୁବିଓ କହିଥିଲେ ।

# ନିଟ୍-ୟୁଜି ଫି ଫେରସ୍ତ ପାଇଁ ଶେଷ ସୁଯୋଗ: ଜୁନ ୩୦ ସୁଦ୍ଧା ଆବେଦନ



**ନୂଆଦିଲ୍ଲୀ:** ନିଟ୍-ୟୁଜି ପରୀକ୍ଷା ଜୁନ୍ ୨୧ରେ ଅନୁଷ୍ଠିତ ହେବା ପରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସୀ (ଏନଟିଏ) ଏ ପର୍ଯ୍ୟନ୍ତ ଫି ଫେରସ୍ତ ନେଇ ନଥିବା ଆବେଦନକାରୀଙ୍କୁ ଆଉ ଏକ ସୁଯୋଗ ଦେଇଛନ୍ତି । ଏଥିରେ ଏପର୍ଯ୍ୟନ୍ତ ଫି ଫେରସ୍ତ ପାଇଁ ଆବେଦନ କରିନଥିବା ଅଥବା ଯେଉଁମାନେ ଆବେଦନ ପୁରା କରି ପାରିନଥିଲେ କିମ୍ବା ନୋ ରିଫଣ୍ଡ ବିକଳ୍ପ ଚୟନ କରିଥିଲେ ସେମାନଙ୍କୁ ପରୀକ୍ଷା ଫି ବାବଦ ଦେୟ ଫେରାଇ ଦିଆଯିବ । ଏମାନେ ଜୁନ ୩୦ ତାରିଖରେ ଫି ଫେରସ୍ତ ପାଇଁ ନୂଆ କରି ଆବେଦନ କରିପାରିବେ । ଆବେଦନ ସହ ସମସ୍ତଙ୍କୁ ବ୍ୟାଙ୍କ ବିବରଣୀ ଉପଲବ୍ଧ କରିବାକୁ କୁହାଯାଇଛି । ଏନଟିଏ ଏହି ପଦକ୍ଷେପ ସେତେବେଳେ ନେଇଛନ୍ତି ଯେତେବେଳେ ଫି ଫେରସ୍ତ ୱିଣ୍ଡୋ ପୁଣି ଖୋଲିବା ଲାଗି ଛାତ୍ରଛାତ୍ରୀମାନେ ଦାବି କଲେ । ତେବେ ଫି ଫେରସ୍ତ ପାଇଁ ଏ ପର୍ଯ୍ୟନ୍ତ ସାରା ଦେଶରୁ ୧୯ ଲକ୍ଷ ଛାତ୍ରଛାତ୍ରୀଙ୍କ ଆବେଦନ ମିଳିଛି । ପରୀକ୍ଷା ଦେବା ପାଇଁ ସାରା ଦେଶରେ ୨୨ଲକ୍ଷ ୭୯ ହଜାର ଛାତ୍ର ଛାତ୍ରୀ ଆବେଦନ କରିଥିଲେ । ଏଣୁ ଏପର୍ଯ୍ୟନ୍ତ ୩ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଫି ଫେରସ୍ତ ପାଇଁ ଆବେଦନ କରିନଥିବା ଜଣାପଡିଛି । ତେବେ ଛାତ୍ରଛାତ୍ରୀ ପରୀକ୍ଷା ପ୍ରସ୍ତୁତିରେ ବ୍ୟସ୍ତ ରହିବା ଯୋଗୁ ଫି ଫେରସ୍ତ ଆବେଦନ କରିପାରିନଥିବା ଏନଟିଏ କହିଛନ୍ତି । ଏଣୁ ଛାତ୍ରଛାତ୍ରୀଙ୍କୁ ଏଥି ପାଇଁ ଆଉ ଏକ ସୁଯୋଗ ଦିଆଯାଇଛି । ଇତି ମଧ୍ୟରେ ଏନଟିଏ ଜାରି କରିଥିବା ନୋଟିଫିକେସନରେ ଛାତ୍ରା ଛାତ୍ରୀଙ୍କୁ ନିଜ ବ୍ୟାଙ୍କଖାତାର ବିବରଣୀ ଉପଲବ୍ଧ କରାଇବାକୁ କହିଛନ୍ତି । ଯଦି କାହାର ବ୍ୟାଙ୍କ ଖାତା ସୂଚନା ଅଧାଅଧୁରା ଅଥବା ଭୁଲ ଥାଏ ତାହାକୁ ସେମାନେ ତୁରନ୍ତ ଠିକ୍ କରିପାରିବେ । ଏହାଛଡା ଯଦି ଛାତ୍ର ପୂର୍ବରୁ ନୋ ରିଫଣ୍ଡ ବିକଳ୍ପ ବାଛିଥାନ୍ତି ତେବେ ଏଥିରେ ପରିବର୍ତ୍ତନ କରି ନୂଆ ଆବେଦନ କରିପାରିବେ । ଉଲ୍ଲେଖଯୋଗ୍ୟ ଯେ ମେ ୩ ନିଟ-ୟୁଜି ପରୀକ୍ଷା ପେପର ଲିକ୍ ଯୋଗୁ ବାତିଲ ହେବା କାରଣରୁ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଓ ଏନଟିଏ ଛାତ୍ରଛାତ୍ରୀଙ୍କ ସମ୍ପୂର୍ଣ୍ଣ ଫି ଫେରାଇ ଦେବାକୁ ଘୋଷଣା କରିଥିଲେ । ଏବେ ନିଟ୍-ୟୁଜୀ ପରୀକ୍ଷା ଦେଉଥିବା ସାଧାରଣ ବର୍ଗର ପ୍ରାର୍ଥୀଙ୍କ ଠାରୁ ଏନଟିଏ ଫି ବାବଦକୁ ୧୭୦୦ ଟଙ୍କା ନେଉଥିବା ବେଳେ ଓବିସି ବର୍ଗଙ୍କଠାରୁ ୧୫ଶହ ଓ ଏସସି ଏସଟି ବର୍ଗର ଛାତ୍ରଛାତ୍ରୀଙ୍କ ଠାରୁ ୧ ହଜାର ଟଙ୍କା ନେଉଛନ୍ତି ।

# ପୁଟିନଙ୍କୁ ଅଧିକ ଭରସା କରନ୍ତି ଭାରତୀୟ



**ନୂଆଦିଲ୍ଲୀ:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବିଶ୍ୱବାସୀଙ୍କ ଭରସା ହ୍ରାସ ପାଇବାରେ ଲାଗିଛି । ପିଉ ରିସର୍ଚ୍ଚ ସେଣ୍ଟର ଦ୍ୱାରା କରାଯାଇଥିବା ଏକ ନୂଆ ସର୍ବେକ୍ଷଣରେ ବିଶ୍ୱରେ ୭୬% ଉତ୍ତରଦାତା ଟ୍ରମ୍ପଙ୍କ ଉପରେ ଅବିଶ୍ୱାସ ପ୍ରକାଶ କରିଛନ୍ତି । ମଙ୍ଗଳବାର ଦିନ ପ୍ରକାଶିତ ଏହି ସର୍ଭେରୁ ଜଣାପଡିଛି ଯେ, ସର୍ଭେରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ କେବଳ ୨୩% ଲୋକ କହିଛନ୍ତି ଯେ, ସେମାନେ ଟ୍ରମ୍ପଙ୍କ ଅନ୍ତର୍ଜାତୀୟ ମାମଲା ପରିଚାଳନା କରିବାର କ୍ଷମତା ଉପରେ ବିଶ୍ୱାସ ରଖିଛନ୍ତି । ପିଉ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏହି ସର୍ଭେ ୨୦୨୬ ମସିହା ଫେବ୍ରୁଆରି ୮ ରୁ ମେ ୧୩ ତାରିଖ ମଧ୍ୟରେ କରାଯାଇଥିଲା ଓ ଏଥିରେ ୩୬ ଟି ଦେଶର ୪୨,୧୫୧ ଜଣ ସାମିଲ ହୋଇଥିଲେ । ଅପରପକ୍ଷେ ପିଟିଆଇ ପ୍ରକାଶ କରିଛି ଯେ, ଭାରତୀୟ ଉତ୍ତରଦାତାଙ୍କ ମଧ୍ୟରେ ୫୧ % ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କୁ ପସନ୍ଦ କରିଛନ୍ତି । ପୁଟିନ୍ ବିଶ୍ୱ ବ୍ୟାପାରକୁ ଅଧିକ ସୁଗମ ଭାବେ ପରିଚାଳନା କରି ପାରିବେ ବୋଲି ଭାରତୀୟମାନେ ବିଶ୍ୱାସ କରନ୍ତି । ହିନ୍ଦୁସ୍ତାନ ଟାଇମ୍ସ ଅନୁଯାୟୀ, କେବଳ ୩୯% ଭାରତୀୟ କହିଛନ୍ତି ଯେ, ବିଶ୍ୱ ବ୍ୟାପାରରେ ଟ୍ରମ୍ପ ଠିକ୍ କାମ କରିବେ ବୋଲି ସେମାନଙ୍କର ବିଶ୍ୱାସ । ଟ୍ରାକ୍ କରାଯାଇଥିବା ୨୪ଟି ଦେଶ ମଧ୍ୟରୁ ୧୬ଟିରେ ଟ୍ରମ୍ପଙ୍କ ନେତୃତ୍ୱ ପ୍ରତି ବିଶ୍ୱାସ ହ୍ରାସ ପାଇଛି ଓ କୌଣସି ଦେଶରେ ଉନ୍ନତି ହୋଇନାହିଁ ବୋଲି ଜଣାପଡ଼ିଛି । ପୂର୍ବରୁ ୫୧% ଭାରତୀୟ ଉତ୍ତରଦାତା ଟ୍ରମ୍ପଙ୍କ ଉପରେ ବିଶ୍ୱାସ ପ୍ରକାଶ କରିଥିଲେ । ଟ୍ରମ୍ପଙ୍କ ଶୁଳ୍କ ନୀତି, ଇରାନ ଓ ଭେନେଜୁଏଲା ପ୍ରସଙ୍ଗ ଓ ଆମେରିକାର କଠୋର ପ୍ରବାସୀ ନୀତିକୁ ଅନେକ ଭାରତୀୟ ପସନ୍ଦ କରିନାହାନ୍ତି । ଟ୍ରମ୍ପଙ୍କ ପ୍ରବାସୀ ନୀତିକୁ ମାତ୍ର ୩୨% ଉତ୍ତରଦାତା, ଭେନେଜୁଏଲାକୁ ନେଇ ତାଙ୍କ ଆଭିମୁଖ୍ୟକୁ ମାତ୍ର ୧୭% ଓ ଇରାନରେ ତାଙ୍କ କାର୍ଯ୍ୟାନୁଷ୍ଠାନକୁ ମାତ୍ର ୨୮% ଉତ୍ତରଦାତା ସମର୍ଥନ ଜଣାଇଛନ୍ତି । ଭାରତୀୟ ଉତ୍ତରଦାତାମାନେ ଟ୍ରମ୍ପଙ୍କ ଦ୍ୱାରା ଯୁକ୍ତରାଷ୍ଟ୍ର ଅନ୍ତର୍ଜାତୀୟ ବିକାଶ ସଂସ୍ଥା (ୟୁଏସ୍ଏଡ୍) ପରି ଅନ୍ତର୍ଜାତୀୟ ସହାୟତା ସଂସ୍ଥାଗୁଡ଼ିକୁ ବନ୍ଦ କରିବାର ନିଷ୍ପତ୍ତି, ଗାଜା ଷ୍ଟ୍ରିପରେ ଯୁଦ୍ଧ ଓ ରୁଷ-ୟୁକ୍ରେନ ଯୁଦ୍ଧ ପରିଚାଳନା ପାଇଁ ସୀମିତ ସମର୍ଥନ ପ୍ରକାଶ କରିଥିଲେ । ପାଖାପାଖି ଦୁଇ ଦଶନ୍ଧି ପରେ ଭାରତରେ ଆମେରିକାର ଲୋକପ୍ରିୟତା ହ୍ରାସ ପାଇଛି । ୨୦୦୫ରେ ଆମେରିକା ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁସ୍ ଇରାକ ବିରୋଧରେ ଯୁଦ୍ଧ ଆରମ୍ଭ କରି ତୀବ୍ର ସମାଲୋଚନାର ଶିକାର ହୋଇଥିଲେ । ସେତେବେଳେ ଆମେରିକାର ଲୋକପ୍ରିୟତା ୭୧% କୁ ଖସି ଆସିଥିଲା । ଇସ୍ରାଏଲରେ ୮୧% ଉତ୍ତରଦାତା ଆମେରିକା ସପକ୍ଷରେ ମତ ଦେଇଥିଲେ । ବିଶ୍ୱବ୍ୟାପାରରେ ଟ୍ରମ୍ପ ସଠିକ୍ ପଦକ୍ଷେପ ନେବେ ବୋଲି ୬୬% ଉତ୍ତରଦାତା ମତ ପ୍ରକାଶ କରିଥିଲେ । ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ସବୁଠୁ କମ୍ ପସନ୍ଦ କରିଥିଲେ ଉତ୍ତରଦାତା । ମାତ୍ର ୧୮ % ଉତ୍ତରଦାତା ଏହାକୁ ସମର୍ଥନ କରିଥିଲେ । ୩୨% ଟ୍ରମ୍ପଙ୍କ ପ୍ରବାସୀ ନୀତିକୁ ସମର୍ଥନ କରିଥିଲେ । ଟ୍ରମ୍ପଙ୍କ ଶୁଳ୍କ ନୀତିକୁ ବ୍ରିଟେନରେ ୨୭%, କାନାଡାରେ ୧୭%, ଜାପାନରେ ୧୫%, ଦକ୍ଷିଣ କୋରିଆରେ ୧୪%, ମେକ୍ସିକୋରେ ୧୧% ଓ ଜର୍ମାନୀରେ ମାତ୍ର ୮% ଉତ୍ତରଦାତା ପସନ୍ଦ କରିଥିଲେ । କେନିୟା ଏକମାତ୍ର ଦେଶ ଯେଉଁଠାରେ ୫୫% ସମର୍ଥନ ମିଳିଥିଲା । ୟୁରୋପୀୟ ଦେଶମାନଙ୍କ ମଧ୍ୟରେ ଫ୍ରାନ୍ସ, ଜର୍ମାନୀ ଓ ଗ୍ରୀସ୍ ଟ୍ରମ୍ପଙ୍କ ଠାରେ ସବୁଠୁ କମ୍ ବିଶ୍ୱାସ ପ୍ରକଟ କରିଥିଲେ । ଜର୍ମାନୀରେ ଟ୍ରମ୍ପଙ୍କୁ ୧୬%, ପୁଟିନଙ୍କୁ ୧୫% ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ମାତ୍ର ୧୫% ବିଶ୍ୱାସ ପ୍ରକଟ କରିଥିଲେ । ଅପରପକ୍ଷେ ସେମାନେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁନ (୭୨%) ଙ୍କ ଉପରେ ଅଧିକ ବିଶ୍ୱାସ ପ୍ରକାଟ କରିଥିଲେ । ମୁସଲିମ୍ ବହୁଳ ୱେଷ୍ଟବ୍ୟାଙ୍କ ଓ ପୂର୍ବ ଜେରୁଜେଲେମର ପାଲେଷ୍ଟାଇନ୍ ଲୋକମାନେ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ତୁଳନାରେ ପୁଟିନ୍ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଉପରେ ଅଧିକ ବିଶ୍ୱାସ ପ୍ରକଟ କରିଥିଲେ ।

## ଲାଇଫ ଲାଇନ କ୍ଲବ ଆନୁକୂଲ୍ୟରେ କ୍ୟାରମ ପ୍ରତିଯୋଗିତା




ଭୁବନେଶ୍ୱର,୨୭।୬(ସବ୍ୟୁ): ଭୁବନେଶ୍ୱର ୟୁନିଟ-୬ ସ୍ଥିତ ଲାଇଫ ଲାଇନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ କ୍ଲବର ବରିଷ୍ଠ ସଦସ୍ୟ ପୁନେନ୍ଦୁ ମିଶ୍ର ଓ ସମୀର କୁମାର ମହାପାତ୍ର ଫିତା କାଟି ଉଦଘାଟନ କରିଥିଲେ । ଏହି ଉଦଘାଟନ ସମୟରେ କ୍ଲବର ସଭାପତି ଅଜୟ କୁମାର ନନ୍ଦ ଓ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ମୋଟ ୧୬ ଜଣ ଓ ୮ଟି ଯୋଡି ଭାଗ ନେଇଥିଲେ । ଫାଇନାଲରେ ଅନନ୍ତ ବାସୁଦେବ ମିଶ୍ର- ବିଶ୍ୱଜିତ ସାହୁଙ୍କ ଯୋଡି, ସୁମିତ୍ରା ରଞ୍ଜନ ମହାପାତ୍ର, ସମୀର କୁମାର ମହାପାତ୍ରଙ୍କ ଯୋଡିକୁ ୨୫-୧୭ ପଏଣ୍ଟରେ ପରାସ୍ତ କରି ଚାମ୍ପିଅନ ହୋଇଥିଲେ ।

ଫିଫା ବିଶ୍ୱକପ

# ପଦାର୍ପଣରେ କେପ ଭର୍ଡେର କମାଲ

ନୂଆଦିଲ୍ଲୀ,୨୭।୬(ଏଜେନ୍ସି): ଫିଫା ବିଶ୍ୱକପରେ ପଦାର୍ପଣ କରିଥିବା କେପ ଭର୍ଡେ ପ୍ରଦର୍ଶନ ମାଧ୍ୟମରେ କମାଲ କରିଛି । ଦଳ ଏଭଳି ପ୍ରଦର୍ଶନ କରିଛି ଯେ, ଗ୍ରୁପ ପର୍ଯ୍ୟାୟରୁ ସିଧାସଳଖ ନକଆଉଟକୁ ଯାଇଛି । ଚଳିତ ବର୍ଷ ପ୍ରଥମଥର ପାଇଁ ବିଶ୍ୱର ସବୁଠାରୁ ଛୋଟ ପଶ୍ଚିମ ଆଫ୍ରିକୀୟ ଦେଶ କେପ ଭର୍ଡେ ଫିଫା ବିଶ୍ୱକପ ଡେବ୍ୟୁ କରିଥିଲା । ଏବେ ଦଳ ଐତିହାସିକ ସଫଳତା ସହ ଉରୁଗୁଏ ଭଳି ଦେଶକୁ ପଛରେ ପକାଇ ନକଆଉଟରେ ପ୍ରବେଶ କରିଛି । ଗ୍ରୁପ ଏଚର ଶେଷ ଲଢ଼େଇରେ ଶକ୍ତିଶାଳୀ ସାଉଦୀଆରବ ସହ ମ୍ୟାଚକୁ ଗୋଲଶୂନ୍ୟ ଭାବେ ଡ୍ର' ରଖି ଏହି ଐତିହାସିକ ସଫଳତା ହାସଲ କରିଛି କେପ ଭର୍ଡେ । ସେହିପରି ସ୍ପେନଠାରୁ ୧-୦ ଗୋଲରେ ହାରି ଉରୁଗୁଏ ଚଳିତ ବିଶ୍ୱକପରୁ ବାଦ ପଡିଛି । ବିଶ୍ୱକପରେ ପ୍ରଥମଥର ପାଇଁ ଖେଳୁଥିବା କେପ ଭର୍ଡେ ଗ୍ରୁପ୍ ପର୍ଯ୍ୟାୟରେ ୩ଟି ମ୍ୟାଚ ଡ୍ର' କରି ମୋଟ ୩ ପଏଣ୍ଟ ସହ ଗ୍ରୁପ୍ ଏଚରୁ ଦ୍ୱିତୀୟ ଦଳ ଭାବେ ନକଆଉଟରେ ପ୍ରବେଶ କରିଛି ।

ଜୁଲାଇ ୩ରେ କେପ ଭର୍ଡେ ମିଆଁମିରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନାକୁ ଭେଟିବ । ଏହି ଗ୍ରୁପରେ ସ୍ପେନ ୭ ପଏଣ୍ଟ ସହ ଶୀର୍ଷ ସ୍ଥାନ ଦଖଲ କରିଛି । ଉରୁଗୁଏ ଓ ସାଉଦୀଆରବ ୨ ପଏଣ୍ଟ ଲେଖାଏଁ ପାଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇ ସାରିଛନ୍ତି ।

କେପ ଭର୍ଡେ ପ୍ରଥମ ମ୍ୟାଚରେ ସ୍ପେନ ସହ ଦଳର ୪୦ ବର୍ଷୀୟ ଗୋଲକିପର ଜମାଣିଆ ପ୍ରଦର୍ଶନ କରିଥିଲେ । ଏହାପରେ ଉରୁଗୁଏ ସହ ମ୍ୟାଚ ୨-୨ ଗୋଲରେ ଡ୍ର' ରହିଥିଲା । ଏବେ ସାଉଦୀ ସହ ଡ୍ର' ରଖି କେପ ଭର୍ଡେ ନକଆଉଟକୁ ଯାଇଛି ।



## ୨୯ରୁ ନକଆଉଟ୍ ପର୍ଯ୍ୟାୟ

ନୂଆଦିଲ୍ଲୀ,୨୭।୬(ଏଜେନ୍ସି): ଫିଫା ବିଶ୍ୱକପର ନକଆଉଟ ପର୍ଯ୍ୟାୟ ୨୯ ତାରିଖରୁ ଆରମ୍ଭ ହେବ । ବର୍ତ୍ତମାନ ସୁଧା ୨୪ଟି ଦଳ ନକଆଉଟ୍ ପର୍ଯ୍ୟାୟରେ ପହଞ୍ଚି ସାରିଛନ୍ତି । ୧୨ଟି ଗ୍ରୁପରୁ ମୋଟ୍ ୩୨ଟି ଦଳ ନକଆଉଟକୁ ଯିବେ । ଜର୍ମାନୀ ଓ ପାରାଗୁଏ ମଧ୍ୟରେ ରାଉଣ୍ଡ ୩୨ ପର୍ଯ୍ୟାୟର ପ୍ରଥମ ମ୍ୟାଚ ଖେଳାଯିବ ।

ମେକ୍ସିକୋ, ସ୍ୱିଜରଲାଣ୍ଡ, ବ୍ରାଜିଲ, ଆମେରିକା, ଜର୍ମାନୀ, ନେଦରଲାଣ୍ଡସ, ବେଲଜିୟମ, ସ୍ପେନ, ଫ୍ରାନ୍ସ, ଆର୍ଜେଣ୍ଟିନା, ଦ.ଆଫ୍ରିକା, କାନାଡା, ମରକୋ, ଅଷ୍ଟ୍ରେଲିଆ, ଆଇଭରିକୋଷ୍ଟ, ଜାପାନ, ଇଜିପ୍ଟ, କେପ ଭର୍ଡେ, ନରୱେ, ବୋସନିଆ-ହର୍ଜଗୋଭିନା, ପାରାଗୁଏ, ଇକ୍ୱେଡର, ସ୍ୱିଡେନ ତଥା ସେନେଗାଲ ଶ୍ରେଷ୍ଠ ୩୨ରେ ପ୍ରବେଶ କରିସାରିଛନ୍ତି । ଆଉ ୮ଟି ଦଳ ଦଳ ନକଆଉଟ୍ ପ୍ରବେଶ ପାଇଁ ଅପେକ୍ଷାରତ ଅଛନ୍ତି । ରାଉଣ୍ଡ ୩୨ ପର୍ଯ୍ୟାୟ ଜୁନ ୨୯ରୁ ଆରମ୍ଭ ହୋଇ ଜୁଲାଇ ୩ରେ ଶେଷ ହେବ । ସେହିଭଳି ରାଉଣ୍ଡ-୧୬ ପର୍ଯ୍ୟାୟ ଜୁଲାଇ ୪ରୁ ୭ ତାରିଖ ପର୍ଯ୍ୟନ୍ତ, କ୍ୱାର୍ଟରଫାଇନାଲ ଜୁଲାଇ ୯,୧୦,୧୧ ତାରିଖରେ ଖେଳାଯିବ । ସେମିଫାଇନାଲ ଜୁଲାଇ ୧୪ ଓ ୧୫ ତାରିଖରେ ତଥା ଫାଇନାଲ ମ୍ୟାଚ ଜୁଲାଇ ୧୯ରେ ଖେଳାଯିବ । ତୃତୀୟ ସ୍ଥାନ ନିମନ୍ତେ ମ୍ୟାଚ ଜୁଲାଇ ୧୮ରେ ମିଆଁମି ଗାର୍ଡେନ୍ସରେ ଖେଳାଯିବ ।

ଏଫଆଇଏଚ ପ୍ରୋ-ଲିଗ୍

# ପାକିସ୍ତାନକୁ ଧୂଳି ଚଟାଇଲା ଭାରତ



ନୂଆଦିଲ୍ଲୀ,୨୭।୬(ଏଜେନ୍ସି):ଲଣ୍ଡନର ଲି ଭ୍ୟାଲି ହକି ଆଣ୍ଡ ଟେନିସ ସେଣ୍ଟରରେ ଖେଳାଯାଇଥିବା ହାଇଭୋଲଟେଜ ଏଫଆଇଏଚ ପ୍ରୋ-ଲିଗ୍ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭-୧ ଗୋଲରେ ପରାସ୍ତ କରିଛି ଭାରତ । ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତ ୧-୦ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଏଭଳି ପ୍ରତ୍ୟାବର୍ତ୍ତନ କରିଥିଲା ଯେ, ପାକିସ୍ତାନ ଦଳକୁ ଫେରିବାର ସାମାନ୍ୟତମ ସୁଯୋଗ ମିଳିନଥିଲା । ଭାରତ ବୃହତ ବ୍ୟବଧାନରେ ଜିତି ନୂଆ ଇତିହାସ ରଚିଛି । ଭାରତ ପକ୍ଷରୁ ସୁଖଜିତ ସିଂ, ହରମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ଯୁଗରାଜ ସିଂ , ଅଭିଷେକ, ରାଜ କୁମାର ପାଲ ଏବଂ ଦିଲପ୍ରୀତ ସିଂ ଭଲ ପ୍ରଦର୍ଶନ କରି ଗୋଟିଏ ଲେଖାଏଁ ଗୋଲ କରିଥିଲେ । ଏହା ପୂର୍ବରୁ ଗତ ୨୩ ତାରିଖରେ ଭାରତ ୪-୩ ଗୋଲରେ ପାକିସ୍ତାନକୁ ପରାଜିତ କରିଥିଲା । ମ୍ୟାଚ ଆରମ୍ଭରୁ ହିଁ ଦୁଇ ଚିରପ୍ରତିଦନ୍ଦୀ ଦଳ ଆକ୍ରମଣ ଓହ୍ଲାଇଥିଲେ । ପ୍ରଥମ ଦୁଇ ମିନିଟ ଭିତରେ ଭାରତକୁ ପେନାଲ୍ଟି କର୍ଣ୍ଣର ମିଳିଥିଲେ ହିଁ ଏହାକୁ ଗୋଲରେ ପରିଣତ କରିବାରେ ସଫଳ ହୋଇନଥିଲେ ଭାରତୀୟ ଖେଳାଳି । ଏହାର ସୁଯୋଗ ନେଇ ପାକିସ୍ତାନ ମ୍ୟାଚର ୧୩ତମ ମିନିଟରେ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ୧-୦ରେ ଆଗୁଆ ହୋଇଥିଲା । ଦ୍ୱିତୀୟ କ୍ୱାର୍ଟରର ୨୦ତମ ମିନିଟରେ ଭାରତ ପେନାଲ୍ଟି କର୍ଣ୍ଣର ପାଇଥିଲା । ଅଧିନାୟକ ହରମନପ୍ରୀତ ସିଂଙ୍କ ସଟକୁ ସୁଖଜିତ ସିଂ ଚମତ୍କାର ଭାବେ ଡିଫ୍ଲେଟ କରି ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ । ଏହାସହ ସ୍କୋର ୧-୧ ସମାନ ସ୍ଥିତିକୁ ଆସିଥିଲା । ପୁଣି ୨୬ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ହରମନପ୍ରୀତ ଭାରତକୁ ୨-୧ରେ ଆଗୁଆ କରିଥିଲେ । ପ୍ରଥମାର୍ଦ୍ଧ ବିରତି ପରେ ଭାରତୀୟ ଆଟାକିଂ ଲାଇନ ପାକିସ୍ତାନର ରକ୍ଷଣ ଭାଗକୁ ଧ୍ୱଂସ କରିଦେଇଥିଲା । ହାର୍ଦ୍ଦିକ ସିଂ ପେନାଲ୍ଟି ଷ୍ଟ୍ରୋକକୁ ଗୋଲରେ ପରିଣତ କରି ବ୍ୟବଧାନକୁ ୩-୧ରେ ପରିଣତ କରିଥିଲେ । ଯୁଗରାଜ ସିଂ ଚତୁର୍ଥ ଗୋଲ ତଥା ସୁଖଜିତଙ୍କ ସୁନ୍ଦର ପାସକୁ ଅଭିଶେକ ଗୋଲରେ ପରିଣତ କରି ବ୍ୟବଧାନକୁ ୫-୧ ଗୋଲରେ ପହଞ୍ଚାଇଥିଲେ । ୪୪ତମ ମିନିଟରେ ରାଜ କୁମାର ପାଲ ଷଷ୍ଠ ଗୋଲ, ୫୪ତମ ମିନିଟରେ ଦୀଲପ୍ରୀତ ସିଂଙ୍କ ଗୋଲ ସହ ଭାରତ ୭-୧ ବ୍ୟବଧାନରେ ସ୍ମରଣୀୟ ବିଜୟ ହାସଲ କରିଥିଲା । ଚମତ୍କାର ପ୍ରଦର୍ଶନ ପାଇଁ ହାର୍ଦ୍ଦିକ ସିଂଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା ।

ପ୍ରଥମ ଅନଅଫିସିଆଲ ଟେଷ୍ଟ

# ଭଲ ସ୍ଥିତିରେ ଭାରତ ଏ'



ଗାଲେ,୨୭।୬(ଏଜେନ୍ସି): ଶ୍ରୀଲଙ୍କା ଏ' ବିପକ୍ଷ ପ୍ରଥମ ଅନଅଫିସିଆଲ ଟେଷ୍ଟରେ ଭାରତ ଏ' ଇନିଂସ ଅଗ୍ରଣୀ ସହ ଭଲ ସ୍ଥିତିରେ ରହିଛି । ଭାରତ ଏ' ପ୍ରଥମ ପାଳିରେ ୪୫୨/୬ ରନ୍ କରି ଇନିଂସ ଶେଷ ଘୋଷଣା କରିଥିଲା । ଏହି ଇନିଂସରେ ଭାରତର ସାଇ ସୁଦର୍ଶନ ୧୩୨ ଓ ଅଧିନାୟକ ଧ୍ରୁବ ଜୁରେଲ ଅପରାଜିତ ୧୪୧ ରନ୍, ଶତକୀୟ ଇନିଂସ ଖେଳିଥିଲେ । ସେହିଭଳି ସେକ ରସିଦ ୬୩ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲା । ଭାରତ ଏ' ୧୧୧.୪ ଓଭରରେ ୪୫୨/୬ ରନ ବେଳେ ପାଳି ଘୋଷଣା କରିଥିଲା । ଏହାପରେ ଶ୍ରୀଲଙ୍କା ଏ' ପ୍ରଥମ ପାଳିରେ ୧୦୧.୪ ଓଭରରେ ୩୩୦ ରନ୍ କରି ଅଲଆଉଟ୍ ହୋଇଥିଲା । ଦଳ ପକ୍ଷରୁ ନୂଆନିନ୍ଦୁ ଫର୍ଣ୍ଣାଣ୍ଡୋ ୮୪, ଆସିନ ବନ୍ଦରା ୭୦, ସାହାନ ୭୨ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଭାରତର ଆକିବ ନବୀ ସର୍ବାଧିକ ୪ଟି, ଯଶ ଠାକୁର ଓ ହର୍ଷ ଦୁବେଙ୍କୁ ଦୁଇଟି କରି ୱିକେଟ ସଫଳତା ହୋଇଥିଲା । ପୁଣି ଭାରତ ଏ' ଇନିଂସ ଅଗ୍ରଣୀ ସହ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୧୭ ଓଭରରେ ୪୮ ରନ ସଂଗ୍ରହ କରିଛି । ସାଇ ସୁଦର୍ଶନ ୭ ରନ୍ କରି ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ୍ ଫେରିଥିଲେ । ଆୟୁଷ ପାଣ୍ଡେ ୨୦ ଓ ଦେବଦୂତ ପଡିକାଲ ୨୦ ରନ୍ କରି ଅପରାଜିତ ଅଛନ୍ତି ।

▸▸ ବିଶ୍ୱ କ୍ୟାଡେଡ ଚେସ ଚାମ୍ପିଅନସିପ

# ଭାରତକୁ ୪ ପଦକ



ଭୁବନେଶ୍ୱର,୨୭।୬(ସବ୍ୟୁ): ଜର୍ଜିଆର ବାଟୁମିରେ ଅନୁଷ୍ଠିତ ବିଶ୍ୱ କ୍ୟାଡେଡ ଚେସ ଚାମ୍ପିଅନସିପରେ ଭାରତ ୪ଟି ପଦକ ଜିତିଛି । ଏଥିରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ ପଦକ ରହିଛି । ବିଶ୍ୱ କ୍ୟାଡେଡ ଚେସ ଚାମ୍ପିଅନସିପରେ ଏହା ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ୧୨ ବର୍ଷରୁ କମ ବାଳିକାରେ ଦିଭି ବିଜେସ ସ୍ୱର୍ଣ୍ଣ ଜିତିଥିବା ବେଳେ ୧୦ ବର୍ଷରୁ କମ ଓପନ ବର୍ଗରେ ସର୍ବାର୍ଥୋ ମଣି ରୌପ୍ୟ, ୧୦ ବର୍ଷରୁ କମ ଓପନରେ ଓଡ଼ିଆ ପୁଅ ସାତ୍ତ୍ୱିକ ସ୍ୱାଇଁ ବ୍ରୋଞ୍ଜ ଏବଂ ୮ ବର୍ଷରୁ କମ ବାଳିକାରେ ସାଇଆସ୍ଥା ସିଂ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ସେହିଭଳି ଦୁଇ ଜଣ ପ୍ରତିଯୋଗୀ ପଞ୍ଚମ ସ୍ଥାନ ସହ ଅଳ୍ପକରୁ ପଦକରୁ ବଞ୍ଚିତ ହୋଇଛନ୍ତି । ୧୦ ବର୍ଷରୁ କମ ବାଳିକାରେ ନକ୍ଷତ୍ରା ପଞ୍ଚମ ସ୍ଥାନ ଏବଂ ୧୨ ବର୍ଷରୁ କମ ବାଳିକାରେ ଶ୍ରାବଣିକା ପଞ୍ଚମ ସ୍ଥାନ ହାସଲ କରିଛନ୍ତି । ସମସ୍ତ ପ୍ରତିଯୋଗୀ ତଥା ପ୍ରଶିକ୍ଷକଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି ଓଡ଼ିଶା ରାଜ୍ୟ ଚେସ ସଂଘର ସଭାପତି ସତ୍ୟ ରଞ୍ଜନ ପଟ୍ଟନାୟକ ।

## ଜାତୀୟ ଭଲିବଲ ଶିବିର ପାଇଁ ସୌମ୍ୟରଞ୍ଜନ ମନୋନୀତ



ଭୁବନେଶ୍ୱର,୨୭।୬(ସବ୍ୟୁ): ଏଭିସି ୧୮ ବର୍ଷରୁ କମ ବାଳକ ଭଲିବଲ ଚାମ୍ପିଅନସିପ ନିମନ୍ତେ ଭାରତୀୟ ଦଳର ପ୍ରଶିକ୍ଷଣ ଶିବିର ଲାଗି ୨୨ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି । ଏହି ତାଲିକାରେ ଓଡ଼ିଶାରେ ସୌମ୍ୟ ରଞ୍ଜନ ସାମଲ ସ୍ଥାନ ପାଇଛନ୍ତି । କିଟ ବିଶ୍ୱବିଦ୍ୟାଳୟ ପରିସରରେ ଜୁନ ୨୬ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଭାରତୀୟ ୧୮ ବର୍ଷରୁ କମ ବାଳକ ଦଳର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି । ଏହି ଶିବିରରେ ସୌମ୍ୟ ରଞ୍ଜନ ଯୋଗ ଦେଇଛନ୍ତି । ଏଭିସି ୧୮ ବର୍ଷରୁ କମ ଭାରତ ଭଲିବଲ ଚାମ୍ପିଅନସିପ ଜୁଲାଇ ୧୨ରୁ ୧୭ ତାରିଖ ପର୍ଯ୍ୟନ୍ତ ଚୀନର ହିଆକୋରେ ଆୟୋଜିତ ହେବ । ମୁଖ୍ୟ କୋଚ ଟମ ଜୋସେଫ, ନାମଦେବ ମୀରାଜକର, ରମିଜ ତାରିକ, ଆର ଅଂଶୁଲ ସିଂ ପ୍ରମୁଖ ଶିବିର ପରିଚାଳନା କରୁଛନ୍ତି । ଜାତୀୟ ଶିବିର ପାଇଁ ମନୋନୀତ ଖେଳାଳିମାନେ ହେଲେ କାର୍ତ୍ତିକ ଭେମୁଲୁରୀ, ମୁସୀର ଚୌଧୁରୀ, ଅନୁରାଜ ସାଜି, ସୌରଭ କସମ, ଅମନ, ଦୀପକ, ଦୀପାଂଶୁ, ଥକରନ ସାମିଣ୍ଡା ମୂର୍ତ୍ତି, ଯୋଗେଶ ସାଇନୀ, ଆଦର୍ଶ ସିଂ, କୁଶଲ ସିଂ, ଶିବାଂଶ ସବୁଦିନ ରାହୁଲ ରାଜେଶ ନାଏର, ସତୀଶ କୁମାର କାଲ୍ୟା ପରୁମୁଲ୍ଲା, ଦୀପେଶ, ରାମ ଚନ୍ଦ୍ର କାଳିନ୍ଦୀବୀ, ସୌମ୍ୟ ରଞ୍ଜନ ସାମଲ, କରଣବୀର ସିଂ ଧାଲିୱାଲ, ଖିତିଜ, ରାଜା ଗୁରୁନାଥନ ଶିବ, ମୋହିତ ଏବଂ ମହମ୍ମଦ ସାଦିନଙ୍କୁ ଚୟନ କରାଯାଇଛି । ଓଡ଼ିଶା ଭଲିବଲ ଆସୋସିଏସନ୍ ସଭାପତି ତଥା କିଟ ଓ କିସ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, ଓଡ଼ିଆ ପୁଅ ସୌମ୍ୟ ରଞ୍ଜନ ସାମଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୨୦୨୮ ଟି-୨୦ ବିଶ୍ୱକପ: ୯ ଦଳକୁ ଯୋଗ୍ୟତା




ନୂଆଦିଲ୍ଲୀ,୨୭।୬(ଏଜେନ୍ସି): ଚଳିତ ମହିଳା ଟି-୨୦ ବିଶ୍ୱକପରେ ରୋମାଞ୍ଚ ଜାରି ରହିଛି । ଇତିମଧ୍ୟରେ ୨୦୨୮ ଟି-୨୦ ବିଶ୍ୱକପ ପାଇଁ ୯ଟି ଦଳ ଯୋଗ୍ୟତା ହାସଲ କରିଛନ୍ତି । ଭାରତ ଓ ପାକିସ୍ତାନ ମଧ୍ୟ ଯୋଗ୍ୟତା ହାସଲ କରିସାରିଛି । ଚଳିତ ବିଶ୍ୱକପରେ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି । ଦୁଇଟି ଗ୍ରୁପର ପ୍ରଥମ ୪ଟି ସ୍ଥାନରେ ରହିଥିବା ଦଳ ସିଧାସଳଖ ପରବର୍ତ୍ତୀ ସଂସ୍କରଣ ପାଇଁ ଯୋଗ୍ୟତା ହାସଲ କରିବେ । ପାକିସ୍ତାନ ପଞ୍ଚମ ସ୍ଥାନରେ ରହିଥିଲେ ମଧ୍ୟ ଆୟୋଜକ ହେବା ଯୋଗୁଁ ଲାଭରେ ରହିଛି । ଅନ୍ୟ ୮ଟି ଦଳ ହେଲେ ଇଂଲଣ୍ଡ, ୱେଷ୍ଟଇଣ୍ଡିଜ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଭାରତ, ଅଷ୍ଟ୍ରେଲିଆ, ବାଂଲାଦେଶ, ଦ.ଆଫ୍ରିକା । ୧୦ମ ଦଳର ନାମ ଜୁଲାଇ ୬ରେ ଜଣାପଡିବ । ଏହା ଆଇସିସି ର୍ୟାଙ୍କିଙ୍ଗକୁ ଆଧାର କରି କରାଯିବ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିଅନସିପ

# ଆନସି, ସର୍ଭେଶ ଭାଙ୍ଗିଲେ ଜାତୀୟ ରେକର୍ଡ




ଭୁବନେଶ୍ୱର,୨୭।୬(ସବ୍ୟୁ): କେରଳର ୨୫ ବର୍ଷୀୟା ଆନସି ସୋଜାନ କଳିଙ୍ଗ ଷ୍ଟାଡିୟମରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି । ଏସିଆଡ ପଦକ ବିଜୟିନୀ ଆନସି ଦୁଇ ଦଶନ୍ଧି ଧରି ମହିଳା ଲଙ୍ଗଜମ୍ପକୁ ଥିବା ଜାତୀୟ ରେକର୍ଡକୁ କଳିଙ୍ଗରେ ଭଙ୍ଗ କରିଛନ୍ତି । କେରଳ ଏହି ଆନ୍ତର୍ଜାତୀୟ ଲଙ୍ଗଜମ୍ପ ତାରକା ନିଜର ପଞ୍ଚମ ପ୍ରୟାସରେ ୬.୮୮ ମିଟର ଡେଇଁ ୨୨ ବର୍ଷ ତଳର ରେକର୍ଡ ଭାଙ୍ଗିଛନ୍ତି । ଏଥେନ୍ସରେ ୨୦୦୪ରେ ଭାରତର ଅଞ୍ଜୁ ବବିଜର୍ଜ ୬.୮୩ ମିଟର ସହ ରେକର୍ଡ କରିଥିଲେ । କଳିଙ୍ଗରେ ଆନସି ଏହି ପୁରୁଣା ରେକର୍ଡକୁ ପଛରେ ପକାଇଛନ୍ତି । ଏତଦ ବ୍ୟତୀତ ସେ ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନକୁ ମଧ୍ୟ ଟପିଛନ୍ତି । ଗତ ମାସ ସେ ରାଞ୍ଚିରେ ୬.୭୫ ମିଟର ଡେଇଁ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିଲେ । ତେବେ କଳିଙ୍ଗରେ ୬.୮୮ ମିଟର ସହ ସେ କଳିଙ୍ଗରେ ସବୁ ରେକର୍ଡକୁ ପଛରେ ପକାଇଛନ୍ତି । ଆନସୀ ନୂଆ ମିଟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ପ୍ରଦର୍ଶନକୁ ନିଜ ବାପାଙ୍କୁ ସମର୍ପିତ କରିଛନ୍ତି । ବାପା ଚାହୁଁଥିଲେ ପରିବାର ଜଣେ କାହା ନାଁରେ ଜାତୀୟ ରେକର୍ଡ ରହୁ । ଏହା ବାପାଙ୍କ ଶ୍ରେଷ୍ଠ ଉପହାର ବୋଲି ଆନସୀ କହିଛନ୍ତି । ଗତବର୍ଷ ସେ ଶରୀର କଷ୍ଟ ପାଇଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିନଥିଲେ । କିଛି ସମୟର ସଂଘର୍ଷ ପରେ ସେ ଶାରୀରିକ ଓ ମାନସିକସ୍ତରରେ ସୁସ୍ଥ ହୋଇ ଟ୍ରାକକୁ ଫେରିଛନ୍ତି । ସେପ୍ଟେମ୍ବର ୧୯ରୁ ଏସିଆନ ଗେମ୍ସ ଆରମ୍ଭ ହେବ । ସେଥିପାଇଁ ଆନସି ପ୍ରସ୍ତୁତି ଜୋରଦାର କରିଛନ୍ତି ।

ମହାରାଷ୍ଟ୍ରର ହାଇଜମ୍ପ ତାରକା ସର୍ଭେସ ଅନିଲ କୁଶାରୀ ଶନିବାର କଳିଙ୍ଗରେ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ରେକର୍ଡ ବୁକରେ ନିଜକୁ ସାମିଲ କରିଛନ୍ତି । ପୁରୁଷ ହାଇଜମ୍ପରେ ସେ ୨.୩୧ ମିଟରକୁ ସହଜରେ ଅତିକ୍ରମ କରିଥିଲେ । ପୂର୍ବରୁ ୨୦୧୮ରେ ତେଜସ୍ୱିନୀ ଶଙ୍କରଙ୍କ ନାଁରେ ୨.୨୯ ମିଟର ସହ ଜାତୀୟ ରେକର୍ଡ ଥିଲା । ଏହାକୁ ପଛରେ ପକାଇଛନ୍ତି ସର୍ଭେସ ପୁରୁଷ ୧୫୦୦ ମିଟରରେ ୩ ମିନିଟ ୪୦.୧୦ ସେକେଣ୍ଡ ସମୟ ସହ ଚେନ୍ନାଇର ବାହାଦୂର ପ୍ରସାଦ ମିଟ ରେକର୍ଡ କରିଛନ୍ତି । ୟୁପିର ୟୁନୁସ ଶାହ ୩:୩.୫୫ ସେକେଣ୍ଡ ସହ ଫିନିସିଂ ଲାଇନ ଅତିକ୍ରମ କରିଥିଲେ । ଜଶଶ ପୁରୁଷ ୪୦୦ ମିଟର ହଡଲ୍ସରେ ନିଜ ପ୍ରଦର୍ଶନରେ ସୁଧାର ଆଣିଛନ୍ତି ।

ପ୍ରତିଯୋଗିତାର ଚତୁର୍ଥ ଦିନ ବହୁ ପଦକ ମିଳିବା ସହ କିଛି ଖେଳାଳି ଏସିଆନ୍ ଗେମ ଯୋଗ୍ୟତା ହାସଲ କରିପାରିଛନ୍ତି ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି